READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର





ବର୍ଷ-୬ ସଂଖ୍ୟା-୭ ୨୮ ଫେବୃଆରୀ - ୦୬ ମାର୍ଚ୍ଚ, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-7 28th FEBRUARY- 06th MARCH, 2022 BHUBANESWAR ₹ 5/- (8 Pages)


## ରୁଷ ବିରୋଧୀ ପ୍ରସ୍ତାବ

# ଜାତିସଂଘ ସୁରକ୍ଷା ପରିଷଦରେ ଭୋଟ ଦେଲାନି ଭାରତ





**ମିଳିତ ଜାତିସଂଘ:** ୟୁକ୍ରେନ ଉପରେ ରୁଷ କରୁଥିବା ଆକ୍ରମଣକୁ ବିରୋଧ କରି ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଆସିଥିବା ଗୋଟିଏ ସଂକଳ୍ପ ଉପରେ ଭିଟୋ ପ୍ରୟୋଗ କରିଛି ମସ୍କୋ। ରୁଷର ପଦକ୍ଷେପକୁ ନିନ୍ଦା ଓ ତୁରନ୍ତ ୟୁକ୍ରେନରୁ ସୈନ୍ୟ ପ୍ରତ୍ୟାହାର ଆଦି ବିଷୟରେ ଏହି ସଂକଳ୍ପରେ ଉଲ୍ଲେଖ ରହିଥିଲା। ରୁଷ ଏହି ସଂକଳ୍ପ ବିରୋଧରେ ଭିଟୋ ପ୍ରୟୋଗ କରିଥିବା ବେଳେ ଭାରତ ଭୋଟ ଦାନରୁ ବିରତ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।ଆମେରିକା ଓ ଆଲବେନିଆ ପକ୍ଷରୁ ଏହି ସଂକଳ୍ପ ପତ୍ର ମିଳିତ ଜାତିସଂଘରେ ଆଗତ ➤ ପୃ-୬

## ପଞ୍ଚାୟତ ନିର୍ବାଚନ ଭୋଟ ଗଣତି ଆରମ୍ଭ

## ୨୮ରେ ଫଳ ପ୍ରକାଶ



**ଭୁବନେଶ୍ୱର :** ଆରମ୍ଭ ହୋଇଯାଇଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଭୋଟ୍ ଗଣତି। ଶନିବାର ପ୍ରଥମ ଦିନରେ ୩୧୫ଟି ଜିଲ୍ଲା ପରିଷଦ ଜୋନ୍‌ରେ ଗଣତି ଚାଲିଛି। ରାଜ୍ୟର ସମସ୍ତ ୩୧୪ ବ୍ଲକରେ ହୋଇଛି ଗଣତି ବ୍ୟବସ୍ଥା। ପ୍ରତି ପଞ୍ଚାୟତ ପାଇଁ ଗଣତି ସକାଶେ ଗୋଟିଏ ଟେବୁଲ ବ୍ୟବସ୍ଥା ହୋଇଛି। ➤ ପୃ-୬

## ଯିଏ ଆମକୁ ରୋକିବ ପରିଣାମ ଭୋଗିବ: ପୁଟିନ



**ନୂଆଦିଲ୍ଲୀ :** ୟୁକ୍ରେନରେ ଆଗକୁ ଆଗକୁ ବଢି ଚାଲିଛନ୍ତି ରୁଷ ସୈନିକ। ଦୁଇ ଦିନ ଧରି ରୁଷ ସୈନିକ ଏବଂ ୟୁକ୍ରେନର ସୈନିକ ମଧ୍ୟରେ ମିସାଇଲ୍, ରକେଟ୍ ଲଞ୍ଚର ଏବଂ ସ୍ଥଳସେନା ସବୁ ମୋର୍ଚ୍ଚାରେ ଲଢେଇ ଚାଲିଛି। ଏହା ମଧ୍ୟରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବୟାନ ସାମ୍ନାକୁ ଆସିଛି। ନିଜ ସମ୍ବୋଧନରେ ସେ ୟୁକ୍ରେନ ସରକାର ଉପରେ ହମଲା କରିଛନ୍ତି। ସେ କହିଛନ୍ତି, ଆମେ ୟୁକ୍ରେନ ଉପରେ କବଜା କରିବୁ ନାହିଁ। ମାତ୍ର ସେଠାକାର ସରକାର ନାଜି ଆତଙ୍କବାଦୀଙ୍କ ପରି ବ୍ୟବହାର କରୁଛନ୍ତି। ସେମାନେ ନାଗରିକଙ୍କୁ ଢାଲ କରୁଛନ୍ତି। ଏକ ଭିଡିଓ ସନ୍ଦେଶରେ ➤ ପୃ-୬

## ପୁଟିନ୍‌ଙ୍କ ସହ କଥା ହେଲେ ଚୀନ୍ ରାଷ୍ଟ୍ରପତି

**ନୂଆଦିଲ୍ଲୀ :** ଯୁଦ୍ଧର ଦ୍ୱିତୀୟ ଦିନରେ ୟୁକ୍ରେନ୍ ଉପରେ ଘମାଘୋଟ୍ ଆକ୍ରମଣ ଜାରି ରଖିଥିବା ରୁଷ ଅସ୍ତ୍ରବିରତି ପାଇଁ ଏକପ୍ରକାର ରାଜି ହୋଇଛି। ଚାଇନା ରାଷ୍ଟ୍ରପତି ସି. ଜିନପିଙ୍ଗ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ମନେଇବା ପରେ ୟୁକ୍ରେନ୍ ସହ ଅଲୋଚନା ପାଇଁ ରାଜି ହୋଇଛନ୍ତି ପୁଟିନ୍। ୟୁକ୍ରେନ୍ ସହ ➤ ପୃ-୬

## ୟୁକ୍ରେନ୍‌ରେ ଫସିଥିବା ଓଡ଼ିଆଙ୍କୁ ଉଦ୍ଧାର ପାଇଁ କେନ୍ଦ୍ର ମନ୍ତ୍ରୀଙ୍କ ସହ ନବୀନଙ୍କ ଆଲୋଚନା



**ଭୁବନେଶ୍ୱର :** ଗୃହମନ୍ତ୍ରୀଙ୍କ ପରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସହିତ କଥା ହୋଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବୈଦେଶିକ ବ୍ୟାପର ମନ୍ତ୍ରୀ ଏସ ଜୟଶଙ୍କରଙ୍କ ସହିତ ମୁଖ୍ୟମନ୍ତ୍ରୀ କଥା ହେବା ସମୟରେ ୟୁକ୍ରେନରୁ ଓଡ଼ିଆମାନଙ୍କୁ ସୁରକ୍ଷିତ ଉଦ୍ଧାର ବାବଦରେ ଆଲୋଚନା କରିଛନ୍ତି। ୟୁକ୍ରେନରେ ଫସି ରହିଥିବା ଭାରତୀୟମାନଙ୍କୁ ସୁରକ୍ଷିତ ଭାରତ ଫେରାଇ ଆଣିବା ଲାଗି ଏସ ଜୟଶଙ୍କର ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହିତ ଆଲୋଚନା କରିଥିଲେ। ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ➤ ପୃ-୬

## ଶ୍ରେଷ୍ଠ ବିଧାୟକ ବାଛିବା ପାଇଁ କମିଟି



**ଭୁବନେଶ୍ୱର :** ଓଡ଼ିଶା ବିଧାନସଭାରେ ଶ୍ରେଷ୍ଠ ବିଧାୟକ ପୁରସ୍କାର ପ୍ରଦାନ ପାଇଁ ଏକ ଚୟନ କମିଟି ଗଠନ କରାଯାଇଛି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଉପବାଚସ୍ପତି ରଜନୀକାନ୍ତ ସିଂହ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଓ ନଗେନ୍ଦ୍ର କୁମାର ପ୍ରଧାନ ଏବଂ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ ସଦସ୍ୟ ଅଛନ୍ତି। ଓଡ଼ିଶା ବିଧାନସଭା ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି ହୋଇଛି।

# ନାଟୋ ପ୍ରତି ଋଷିଆର ଘୃଣା



**ୱାସିଂଟନ:** ରୁଷିଆ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଘୋଷଣା ସହ ବିଭିନ୍ନ ସହରରେ ପ୍ରଚଣ୍ଡ ଆକ୍ରମଣ ଆରମ୍ଭ କରିଦେଇଛି। ୟୁକ୍ରେନ୍ର ଦୁଇ ବିଚ୍ଛିନ୍ନାଞ୍ଚଳ ଡୋନେସ୍କ ଓ ଲହାଂସ୍କକୁ ସ୍ୱାଧୀନ ରାଷ୍ଟ୍ର ଭାବେ ସ୍ୱୀକୃତି ଦେବା ପରେ ସୋମବାର ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏହି ଅଞ୍ଚଳକୁ ସେନା ପ୍ରେରଣ କରିଛନ୍ତି। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେସନ (ନାଟୋ) ରୁଷିଆ-ୟୁକ୍ରେନ୍ ସଂକଟର ମୂଳ କାରଣ ବୋଲି ବିଶ୍ୱାସ କରାଯାଉଛି। ନାଟୋର ଜନ୍ମ ହୋଇଥିଲା ୧୯୪୯ ମସିହାରେ। ୟୁକ୍ରେନ୍ ଚାହୁଁଛି ନାଟୋର ସଦସ୍ୟ ହେବା ପାଇଁ ଯାହାକୁ ରୁଷିଆ ବିରୋଧ କରୁଛି। ରୁଷିଆ ଡରୁଛି, ଯଦି ୟୁକ୍ରେନ୍ ନାଟୋ ସହ ଯୋଗ ଦିଏ, ତେବେ ନାଟୋ ସେନା ଏହାର ସୀମାକୁ ଚାଲିଆସିବେ। କିନ୍ତୁ ରୁଷିଆ ନାଟୋକୁ ଏତେ ଘୃଣା କରିବାର କାରଣ କ'ଣ? ନାଟୋ କ'ଣ ସେ ବିଷୟରେ ପ୍ରଥମେ ଆମକୁ ବୁଝିବାକୁ ହେବ। ୧୯୩୯ରୁ ୧୯୪୫ ମଧ୍ୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଅନୁଷ୍ଠିତ ହୋଇଥିଲା। ଏହାପରେ ସୋଭିଏତ୍ ସଂଘ ପୂର୍ବ ୟୁରୋପରୁ ସୈନ୍ୟ ପ୍ରତ୍ୟାହାର କରିବାକୁ ରାଜି ହୋଇ ନ ଥିଲା। ୧୯୪୮ରେ ଏହା ବର୍ଲିନକୁ ଘେରାଉ କରିଥିଲା। ଏହାପରେ ନାଟୋ ଜରିଆରେ ଆମେରିକା ଚାହିଁଲା ସୋଭିଏତ୍ ସଂଘର ବିସ୍ତାରବାଦକୁ ପ୍ରତିହତ କରିବାକୁ। ଯେତେବେଳେ ନାଟୋ ଗଠିତ ହେଲା ସେତେବେଳେ ୧୨ଟି ଦେଶ ଏହାର ସଦସ୍ୟ ଥିଲେ। ଆମେରିକା ଛଡ଼ା ➤ ପୃ-୬

## ବକ୍ରବାଣୀ



ସରିଗଲା ଭାଇ ଭୋଅଟ ବେଳ
ଗାଆଁ ଦାଣ୍ଡେ ନାହିଁ ନେତାଙ୍କ ମେଳ
ବୁଲନ୍ତିନି ଆଉ ହାତ ଯୋଡ଼ିକି
ଘରେ ଶୋଇଲେଣି ମୁହଁ ମାଡ଼ିକି
ଆଉ ମିଳୁନାହିଁ ଚିକେନ ଭାତ
ମଦ ଗିଲାସକୁ ଝୁରୁଚି ହାତ
ପୌର ନିର୍ବାଚନ ଆଉ ମାସରେ
ସହର ଭାସିବ ମଦ ମାଂସରେ
ଗୋଡ଼ ହାତ ଧରି ନେହୁରା ହେବେ
ପ୍ରସାଦ ଛୁଏଁଇ ମାଲ୍ ବାଣ୍ଟିବେ।

— ଟୁଟୁ

## ଶ୍ରୀମନ୍ଦିର ରତ୍ନଭଣ୍ଡାର ଅସୁରକ୍ଷିତ ବୋଲି ଭଣ୍ଡାର ମେକାପଙ୍କ ଅଭିଯୋଗ



**ପୁରୀ :** କେବଳ ଶ୍ରୀମନ୍ଦିର ରତ୍ନଭଣ୍ଡାର ନୁହେଁ ବରଂ ରତ୍ନଭଣ୍ଡାର ଭିତରେ ରହୁଥିବା ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଅସୁରକ୍ଷିତ। ତେଣୁ ତୁରନ୍ତ ରତ୍ନ ଭଣ୍ଡାରର ମରାମତି ଆବଶ୍ୟକ। ଏଭଳି କିଛି ବୟାନ ରଖିଛନ୍ତି ରତ୍ନଭଣ୍ଡାର ସୁରକ୍ଷା ଦାୟିତ୍ୱରେ ଥିବା ଶ୍ରୀମନ୍ଦିର ଭଣ୍ଡାର ମେକାପ ମଧୁସୂଦନ ମେକାପ। ଶ୍ରୀ ମେକାପ ଅଭିଯୋଗ କରିଛନ୍ତି, ରତ୍ନଭଣ୍ଡାର ସମ୍ପର୍କରେ ଅନେକ ଥର ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଥିଲେ ମଧ କେହି ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ କିଛି ଅଳଙ୍କାର ନଷ୍ଟ ହେଉଛି। ବାକି ନଷ୍ଟ ହେବା ପୂର୍ବରୁ ଯାହା ନଜରରେ ପଡୁଛି, ତାକୁ ସୁରକ୍ଷିତ ରଖାଯାଉଛି। ମହପ୍ରଭୁଙ୍କ ରତ୍ନଭଣ୍ଡାରରେ ସୁନା, ହୀରା, ମୋତି, ମାଣିକ ଭଳି ଅନେକ ଦୁର୍ମୁଲ୍ୟ ଅଳଙ୍କାର ରହିଛି। ବାହାର ରତ୍ନଭଣ୍ଡାରରେ ଦୈନନ୍ଦିନ ନୀତି ଓ ବିଭିନ୍ନ ପର୍ବପର୍ବାଣୀ ପାଇଁ ବ୍ୟବହୃତ ଅଳଙ୍କାର ରହିଛି। କିନ୍ତୁ ଭିତର ରତ୍ନଭଣ୍ଡାରରେ ରାଜରାଜୁଡ଼ା ଅମଳରୁ ରାଜାମାନେ ଯେଉଁ ସୁନା, ହୀରା, ମୋତି, ମାଣିକ ଆଦି ଜିତି ଆଣିଥିଲେ, ତାକୁ ସଂରକ୍ଷିତ ରଖାଯାଇଛି। ଏହି ଅଳଙ୍କାରର ଆକଳନ ପାଇଁ ୨୦୧୮ ମସିହା ଏପ୍ରିଲ ମାସରେ ରାଜ୍ୟ ସରକାର ନିଷ୍ପତ୍ତିକ୍ରମେ ୧୭ଜଣିଆ ସ୍ୱତନ୍ତ୍ର କମିଟି ରତ୍ନଭଣ୍ଡାର ଖୋଲିବାକୁ ଯାଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ଆଇନ ବିଭାଗ, ଜିଲ୍ଲାପାଳ, ବରିଷ୍ଠ ପ୍ରାଶାସନିକ ଅଧିକାରୀ, ପରିଚାଳନା କମିଟି ସଦସ୍ୟ, ଭଣ୍ଡାର ମେକାପ ପ୍ରମୁଖଙ୍କୁ ନେଇ ଏହି କମିଟି ଗଠନ କରାଯାଇଥିଲା। ଦୀର୍ଘ ୩୪ ବର୍ଷ ପରେ ମହାପ୍ରଭୁଙ୍କ କେତେ ଅଳଙ୍କାର ରତ୍ନଭଣ୍ଡାରରେ ଗଚ୍ଛିତ ରହିଛି, ତାହା ଜାଣିବାକୁ ଉତ୍କଣ୍ଠାର ସହ ଅନାଇ ବସିଥିଲେ ଅଗଣତି ଭକ୍ତ। କିନ୍ତୁ ଏହି ସ୍ୱତନ୍ତ୍ର କମିଟି ବାହାର ରତ୍ନଭଣ୍ଡାରରୁ ସ୍ଥିତି ଅନୁଧ୍ୟାନ କରି ଫେରି ଆସିଲୁ ବୋଲି ସର୍ବସମ୍ମୁଖରେ କହିଲେ। ଚାବି ହଜିବାର ନାଟକ କରାଯାଇଥିଲା। ଉଭୟ ବାହାର ଓ ଭିତର ରତ୍ନଭଣ୍ଡାରର ବିପଦସଂକୁଳ ଅବସ୍ଥାରେ ଥିବା ୧୭ଜଣିଆ କମିଟି ଜାଣିବାକୁ ପାଇଥିଲା। ଅନୁଧ୍ୟାନ ବେଳେ ରତ୍ନଭଣ୍ଡାରର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିଲା। ➤ ପୃ-୬

## ହିଜାବ ବିବାଦ

## ରାୟ ସଂରକ୍ଷିତ ରଖିଲେ କର୍ଣ୍ଣାଟକ ହାଇକୋର୍ଟ



**ବେଙ୍ଗାଲୁରୁ :** ଶିକ୍ଷାନୁଷ୍ଠାନରେ ହିଜାବ ଉପରେ ପ୍ରତିବନ୍ଧକକୁ ଚ୍ୟାଲେଞ୍ଜ କରି କର୍ଣ୍ଣାଟକ ହାଇକୋର୍ଟରେ ଆଗତ ମାମଲା ଉପରେ ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ। କର୍ଣ୍ଣାଟକ ହାଇକୋର୍ଟରେ ଶୁକ୍ରବାର ଅପରାହ୍ନରେ ହିଜାବ ବିବାଦର ଶୁଣାଣି ପୁନର୍ବାର ଆରମ୍ଭ ହୋଇଥିଲା। ଆବେଦନକାରୀଙ୍କ ଓକିଲ ହାଇକୋର୍ଟଙ୍କ ଖଣ୍ଡପୀଠଙ୍କ ନିକଟରେ ଯୁକ୍ତି ବାଢ଼ିଥିଲେ ଯେ ମୁଣ୍ଡକୁ ଆଚ୍ଛାଦନ କରୁଥିବା ଏକ କପଡା ହେଉଛି ହିଜାବ। ଏହା ମୁହଁକୁ ଢ଼ାଙ୍କିବାକୁ ଉଦ୍ଦିଷ୍ଟ ନୁହେଁ। ତେଣୁ, ଏହାର ବ୍ୟବହାର କରିବାକୁ ଅନୁମତି ଦିଆଯିବା ଉଚିତ। ଛାତ୍ରମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନର ଶୁଣାଣି ସମୟରେ ସମସ୍ତ ପକ୍ଷର ଓକିଲଙ୍କୁ ଶୁକ୍ରବାର ସୁଦ୍ଧା ସେମାନଙ୍କର ଜବାବ ଦାଖଲ ଶେଷ କରିବାକୁ କହିଥିଲେ। ସମସ୍ତ ପକ୍ଷର ଯୁକ୍ତି ଶୁଣିବା ପରେ ଏ ମାମଲାରେ ନିଜର ରାୟକୁ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ। ଗୁରୁବାର, ଏହି ମାମଲା ଶୁଣାଣିର ଦଶମ ଦିନରେ, ତିନି ଜଣିଆ ଖଣ୍ଡପୀଠ ମଧ ଓକିଲମାନଙ୍କ ଯୁକ୍ତି ଶୁଣିଥିଲେ ଯେଉଁମାନେ ହିଜାବ ଅଧିକାର ପାଇଁ ତୀବ୍ର ଚାପ ପକାଇଥିଲେ। ଉଲ୍ଲେଖଯୋଗ୍ୟ, ଉଡୁପି ପ୍ରି-ୟୁନିଭର୍ସିଟି ବାଳିକା ମହାବିଦ୍ୟାଳୟରୁ ଆରମ୍ଭ ହୋଇଥିବା ହିଜାବ ବିବାଦ ରାଜ୍ୟରେ ସଂପ୍ରତି ଏକ ସଙ୍କଟରେ ପରିଣତ ହୋଇଛି। ଛାତ୍ରମାନେ ବିନା ହିଜାବରେ କ୍ଲାସରେ ଯୋଗଦେବାକୁ ମନା କରିଦେଇଛନ୍ତି ➤ ପୃ-୬






# ମାର୍ଚ୍ଚ ୨୪ରେ ପୌର ନିର୍ବାଚନ



**ଭୁବନେଶ୍ୱର :** ପଞ୍ଚାୟତ ନିର୍ବାଚନ ଭୋଟ ଗଣତି ଆସନ୍ତାକାଲିଠୁ ଆରମ୍ଭ ହେବାକୁ ଥିବାବେଳେ ରାଜ୍ୟ ନିର୍ବାଚନ କମିଶନର ପୌର ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଆସନ୍ତା ମାର୍ଚ୍ଚ ୨୪ତାରିଖରେ ରାଜ୍ୟର ୧୦୬ଟି ପୌର ପରିଷଦ ଓ ଏନଏସି ଏବଂ ୩ଟି ମହାନଗର ନିଗମରେ ପ୍ରାୟ ୪୧ଲକ୍ଷ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। କେବଳ ପୁରୀ ପୌର ପରିଷଦ ଏବଂ ଭଦ୍ରକ ପୌର ପରିଷଦର ୪ ନମ୍ବର ୱାର୍ଡରେ ନିର୍ବାଚନକୁ ନେଇ କୋର୍ଟରେ ମାମଲା ଥିବାରୁ ସେଠାରେ ନିର୍ବାଚନ ହେବ ନାହିଁ। ଏହି ପୌର ନିର୍ବାଚନ ସମଗ୍ର ରାଜ୍ୟରେ ଗୋଟିଏ ଦିନରେ ହେବ ଓ ଭୋଟ ଗଣତି ମାର୍ଚ୍ଚ ୨୬ତାରିଖରେ ହେବ। ଚଳିତଥର ପୌର ପରିଷଦ ଓ ଏନଏସି ଅଧ୍ୟକ୍ଷ ପଦବୀ ଓ ମହାନଗର ନିଗମରେ ମେୟର ପଦବୀ ପାଇଁ ସିଧାସଳଖ ନିର୍ବାଚନ ହେବ। ୨୦୧୮ ମସିହାରୁ ଅଧିକାଂଶ ପୌର ସଂସ୍ଥାର କାର୍ଯ୍ୟକାଳ ଶେଷ ହୋଇସାରିଥିଲା। ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟର ମୋଟ ୪୭ଟି ପୌର ପରିଷଦ, ୫୯ଟି ଏନଏଏସି ଓ ୩ଟି ମହାନଗର (ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର)ରେ ଆସନ୍ତା ମାର୍ଚ୍ଚ ୨୪ତାରିଖରେ କାଉନସିଲର/କର୍ପୋରେଟର, ଅଧ୍ୟକ୍ଷ/ମେୟର ପଦବୀ ନିମନ୍ତେ ନିର୍ବାଚନ ହେବ। ଏଥିପାଇଁ ସ୍ଥାନୀୟ ନିର୍ବାଚନ ଅଧିକାରୀମାନେ ବିଧିବଦ୍ଧ ଭାବେ ଫେବୃୟାରୀ ୨୮ତାରିଖରେ ବିଜ୍ଞପ୍ତି ଜାରି କରିବେ। ମାତ୍ର ଆଜି ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ସହ ଭୋଟ ହେବାକୁ ଥିବା ସବୁ ପୌରାଞ୍ଚଳରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଯାହାକି ମାର୍ଚ୍ଚ ୨୬ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମସ୍ତ ପୌର ନିର୍ବାଚନ ପାଇଁ ଆସନ୍ତା ମାର୍ଚ୍ଚ ୨ରୁ ୭ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ, ମାର୍ଚ୍ଚ ୯ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ଓ ୧୪ତାରିଖ ଅପରାହ୍ନ ୩ଟା ସୁଦ୍ଧା ନାମାଙ୍କନ ପତ୍ର ପ୍ରତ୍ୟାହାର ଓ ➤ ପୃ-୬

## ଆଶାୟୀଙ୍କ ପାଇଁ ଚିନ୍ତାରେ ବିଜେଡି

**ଭୁବନେଶ୍ୱର :** ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ ଲାଗି ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ତାରିଖ ଘୋଷଣା ହୋଇଛି। ଯାହାକୁ ନେଇ ଆଶାୟୀମାନେ ଉତ୍ସାହିତ ଅଛନ୍ତି। ତିନି ପ୍ରମୁଖ ରାଜନୈତିକ ଦଳ ନିଜର ପତିଆରା ଜାହିର କରିବାକୁ ଅଣ୍ଟା ଭିଡିଲେଣି। ବିଜେପି, କଂଗ୍ରେସ ତୁଳନାରେ ବିଜେଡି ଏ କ୍ଷେତ୍ରରେ ଆଗୁଆ ରହିଛି। ୱାର୍ଡ ସ୍ତରରେ ଦଳକୁ ସଂଗଠିତ କରିବା ସହ ଲୋକଙ୍କ ସମର୍ଥନ ଯୋଗାଡରେ ବ୍ୟସ୍ତ ଅଛନ୍ତି ନେତା ଓ କର୍ମୀ। ମାତ୍ର ବିଜେଡି ଟିକଟ ପାଇଁ ଅଧିକ ଆଶାୟୀ ରହିଥିବାରୁ ସମସ୍ୟା ସୃଷ୍ଟି ହେଲାଣି। ସବୁ ୱାର୍ଡରେ ଏକାଧିକ ଆଶାୟୀ ପ୍ରାର୍ଥୀ ମୁଣ୍ଡ ଟେକୁଥିବାରୁ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ରୁଷକୁ 'ପରମାଣୁ ଅସ୍ତ୍ର'ର ଧମକ ଦେଲା ଫ୍ରାନ୍ସ

**ପ୍ୟାରିସ :** ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ସମଗ୍ର ୟୁରୋପ ପ୍ରତି ବିପଦ ସୃଷ୍ଟି ହୋଇଛି। ଯଦି କୌଣସି ରାଷ୍ଟ୍ର ୟୁକ୍ରେନକୁ ସହାୟତା କରିବେ, ତା'ହେଲେ ସେମାନଙ୍କୁ ଏହାର ପରିଣାମ ଭୋଗିବାକୁ ପଡ଼ିବ ବୋଲି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଧମକ ଦେଇଛନ୍ତି। ସେହିପରି ସମସ୍ତଙ୍କୁ ରୁଷ ପରମାଣୁ ଅସ୍ତ୍ରର ଭୟ ମଧ୍ୟ ଦେଖାଉଛି। ତେବେ ଏହାର ଜବାବ ଫ୍ରାନ୍ସ ବୈଦେଶିକ ମନ୍ତ୍ରୀ ଜେନ ୟେଭେସ ଲେ ଡ୍ରିଅନ ଦେଇଛନ୍ତି। ସେ କହିଛନ୍ତି, ରୁଷ ପରମାଣୁ ଅସ୍ତ୍ରର ଧମକ ଦେବା ପୂର୍ବରୁ ନାଟୋ କଥା ଚିନ୍ତା କରିବା ଦରକାର। ନାଟୋ ସଦସ୍ୟଙ୍କ ପାଖରେ ମଧ୍ୟ ପରମାଣୁ ଅସ୍ତ୍ର ରହିଛି। ଏକଥା ରୁଷ ଭୁଲିବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ପୁଟିନ ୟୁକ୍ରେନ ବିରୋଧରେ ଯୁଦ୍ଧ ଘୋଷଣା କରିବା ବେଳେ ପଶ୍ଚିମ ଦେଶଗୁଡ଼ିକୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ଯଦି କେହି ୟୁକ୍ରେନକୁ ସହାୟତା କରେ କିମ୍ବା ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତା'ହେଲେ ସେମାନଙ୍କୁ ବଡ଼ କ୍ଷତି ସହିବାକୁ ପଡ଼ିବ। ସେମାନେ ଇତହାସରେ କେବେ ହେଲେ ଦେଖି ନଥିବା ସ୍ଥିତିକୁ ସାମ୍ନା କରିବେ ବୋଲି ପୁଟିନ କହିଥିଲେ। ଏପରି କହି ସେ ପରମାଣୁ ଅସ୍ତ୍ର ପ୍ରୟୋଗ କରିବା ସମ୍ପର୍କରେ ସଙ୍କେତ ଦେଇଥିଲେ। ଏ ସମ୍ପର୍କରେ ଜେନଙ୍କୁ ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ। ପ୍ରତିକ୍ରିୟାରେ ସେ କହିଛନ୍ତି, "ହଁ, ମୁଁ ଭାବୁଛି ଭ୍ଲାଦିମିର ପୁଟିନ



ଭଲ ଭାବେ ବୁଝିବା ଦରକାର ଯେ ଆଣ୍ଟଲାଟିକ ମେଣ୍ଟ ମଧ୍ୟ ଗୋଟିଏ ପରମାଣୁ ମେଣ୍ଟ। ଆମ ପାଖରେ ବି ପରମାଣୁ ଅସ୍ତ୍ର ରହିଛି। ଏହି ପ୍ରସଙ୍ଗରେ ମୁଁ ବାସ ଏତିକି କହିବାକୁ ଚାହେଁ।" ପୁଟିନ ୟୁକ୍ରେନ ବିରୋଧରେ ଯୁଦ୍ଧ ଘୋଷଣା କରିବା ପୂର୍ବରୁ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାର୍କନ ତାଙ୍କ ସହ କଥା ହୋଇ ସମାଧାନର ରାସ୍ତା ବାହାର କରିବାକୁ ଚେଷ୍ଟା କରିଥିଲେ। ସେ ଯୁଦ୍ଧ ବଦଳରେ ଶାନ୍ତିପୂର୍ଣ୍ଣ କୂଟନୀତିକ ଆଲୋଚନା ସପକ୍ଷରେ ମତ ରଖିଥିଲେ। ହେଲେ ତାଙ୍କ କଥାରେ ପୁଟିନ ରାଜି ନ ହୋଇ ଯୁଦ୍ଧ ଘୋଷଣା କରିଛନ୍ତି। ଏପରି କି ରୁଷ ପକ୍ଷରୁ ୟୁକ୍ରେନ ବିରୋଧରେ ଆରମ୍ଭ ହୋଇଥିବା ଯୁଦ୍ଧକୁ ଯଥାର୍ଥ ବୋଲି ମଧ୍ୟ କୁହାଯାଇଛି।

## ଭାରତ ସହ ରୁଷିଆର ପ୍ରତିରକ୍ଷା ସହଯୋଗ ଅବ୍ୟାହତ ରହିବ

**ନୂଆଦିଲ୍ଲୀ :** ବର୍ତ୍ତମାନ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ନେଇ ଆମେରିକା, ୟୁରୋପୀୟ ସଂଘ ଓ ଅଷ୍ଟ୍ରେଲିଆ ରୁଷିଆ ଉପରେ କଟକଣା ଜାରି କରିଛନ୍ତି। ଏହି ପରିସ୍ଥିତିରେ ଭାରତ ସହ ରୁଷିଆର ପ୍ରତିରକ୍ଷା



ସହଯୋଗ କିପରି ରହିବ ସେ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ରୁଷୀୟ ଦୂତାବାସ ଦାୟିତ୍ୱରେ ଥିବା ରୋମାନ ବାବୁସ୍କିନ ବୁଧବାର ଏ ବାବଦରେ ସ୍ପଷ୍ଟ କରି କହିଛନ୍ତି ଯେ, ରୁଷ୍ ଉପରେ ଲାଗିଥିବା କଟକଣାର କୌଣସି ପ୍ରଭାବ ଭାରତ-ରୁଷ୍ ପ୍ରତିରକ୍ଷା ସହଯୋଗ ଉପରେ ପଡ଼ିବ ନାହିଁ। ଏକ ଅନ୍ଲାଇନ୍ ମିଡ଼ିଆ ବିବୃତି ଜରିଆରେ ରୁଷୀୟ କୂଟନୀତିଜ୍ଞ କହିଛନ୍ତି ଯେ, ଭାରତ-ରୁଷ୍ ସହଯୋଗିତା ବଳବତ୍ତର ରହିବ। ଦୁଇ ଦେଶ ମଧ୍ୟରେ ହୋଇଥିବା ପ୍ରତିରକ୍ଷା ଚୁକ୍ତି ପ୍ରଭାବିତ ହେବ ନାହିଁ। ଭାରତକୁ ଏସ୍-୪୦୦ କ୍ଷେପଣାସ୍ତ୍ର ବ୍ୟବସ୍ଥା ଯୋଗାଇବା ପାଇଁ ରୁଷିଆ ଯେଉଁ ପ୍ରତିଶ୍ରୁତି ଦେଇଛି ତାହା ଯଥାସମୟରେ ପୂରଣ କରାଯିବ। ସବୁ ପ୍ରକଳ୍ପ ପୂର୍ବବତ୍ ଜାରି ରହିବ। ୟୁକ୍ରେନ୍ ସଂକଟକୁ ନେଇ ଭାରତର 'ନିରପେକ୍ଷ ସ୍ଥିତି'କୁ ପ୍ରଶଂସା କରି ବାବୁସ୍କିନ କହିଛନ୍ତି, ଭାରତ ସହ ରୁଷିଆର ସମ୍ପର୍କ ଓ ସହଯୋଗ ସୁଦୃଢ଼ ଓ ବିଶ୍ୱସନୀୟ। ତେବେ ରୁଷିଆ ଉପରେ କେତେକ ଦେଶ ଯେଉଁ ଆର୍ଥିକ କଟକଣା ଜାରି କରିଛନ୍ତି, ତାହା ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି କରିବ।

### ଦିଲ୍ଲୀରୁ ହଟିଲା ସବୁ କଟକଣା

## ମାସ୍କ ଫାଇନ ୫୦୦ ଟଙ୍କାକୁ ଖସିଲା

**ନୂଆଦିଲ୍ଲୀ :** ମହାମାରୀ କରୋନା ସଂକ୍ରମଣ ହ୍ରାସ ପାଉଥିବାରୁ ଦିଲ୍ଲୀ ସରକାର ନାଇଟ କର୍ଫ୍ୟୁ ସହ ସବୁ କଟକଣାକୁ ହଟାଇ ଦେଇଛନ୍ତି। ସେହିପରି ମାସ୍କ ଫାଇନ ଟଙ୍କାକୁ ମଧ୍ୟ ୫୦୦ ଟଙ୍କାକୁ ହ୍ରାସ କରାଯାଇଛି। ପୂର୍ବରୁ ମାସ୍କ ପିନ୍ଧିଲେ ଲୋକଙ୍କ ନାଁରେ ୧ ହଜାର ଟଙ୍କାର ଚାଲାଣ କଟାଯାଉଥିଲା।ସେହିପରି ଆସନ୍ତା ଏପ୍ରିଲ ୧ରୁ ସମସ୍ତ ସ୍କୁଲରେ ଅଫଲାଇନ କ୍ଲାସ ଆରମ୍ଭ ହେବ ବୋଲି ଦିଲ୍ଲୀ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ (ଡିଡିଏମ) ବୈଠକରେ ନିଷ୍ପତ୍ତି ହୋଇଛି।ବର୍ତ୍ତମାନ ଦିଲ୍ଲୀରେ ସଂକ୍ରମଣ ହ୍ରାସ ପାଉଥିବାରୁ ସରକାର ଜନଜୀବନକୁ ସ୍ୱାଭାବିକ କରିବାକୁ ଚାହୁଁଛନ୍ତି। ଏଥିପାଇଁ କଟକଣା ସବୁ ହଟାଉଛନ୍ତି। ଏଣିକି ଲୋକମାନେ ବସ୍ ଓ ମେଟ୍ରୋରେ ଛିଡ଼ା ହୋଇ ମଧ୍ୟ ଯାଇପାରିବେ। ଏହାର ଅର୍ଥ ଏଠାରେ ସିଟିଂ କ୍ଷମତା ପାଇଁ ଲାଗୁ କଟକଣା ହଟାଇ ଦିଆଯାଇଛି। ପୂର୍ବରୁ ମେଟ୍ରୋ ଓ ବସରେ କେବଳ ସିଟ୍ ଯେତିକି



ସେତିକି ଲୋକଙ୍କୁ ଯାତ୍ରା କରିବାର ଅନୁମତି ମିଳୁଥିଲା। ଦିଲ୍ଲୀରେ ରେଷ୍ଟୁରାଣ୍ଟଗୁଡ଼ିକ ଖୋଲିବା ଓ ବନ୍ଦ କରିବା ସମୟ ଉପରେ ଲାଗିଥିବା କଟକଣା ହଟିଛି। ମୁଖ୍ୟମନ୍ତ୍ରୀ ଅରବନ୍ଦ କେଜ୍ରିୱାଲ ଟ୍ୱିଟ କରି କହିଛନ୍ତି, "କରୋନା ସଂକ୍ରମଣ ନିୟମିତ ଭାବେ ହ୍ରାସ ପାଉଥିବାରୁ ଡିଡିଏମ ସମସ୍ତ ପ୍ରକାରର କଟକଣାକୁ ହଟାଇ ଦେଇଛି। କଟକଣା ଯୋଗୁ ଲୋକମାନେ ଚାକିରି ହରାଇବା ଜନିତ ସମସ୍ୟାରେ ପଡ଼ିଥିଲେ। ଏବେ କିନ୍ତୁ ଆଉ କୌଣସି କଟକଣା ରହିବ ନାହିଁ।" ତେବେ କଟକଣା ହଟିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ସମସ୍ତଙ୍କୁ ମାସ୍କ ପିନ୍ଧିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସର୍ବସାଧାରଣ ସ୍ଥାନରେ ସାମାଜିକ ଦୂରତା ପାଳନ କରିବାକୁ କହିଛନ୍ତି।

### ସବୁ ଚର୍ଚ୍ଚାରେ ବିରାମ ଦେଲେ ସୁପ୍ରିମକୋର୍ଟ

## କ୍ଲାସ୍ ରୁମରେ ହେବ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା

**ନୂଆଦିଲ୍ଲୀ :** ଚଳିତବର୍ଷର ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଅନ୍ଲାଇନ ନୁହେଁ ବରଂ ଅଫଲାଇନରେ ଆୟୋଜିତ ହେବ। ଏକ ପିଟିସନର ଶୁଣାଣି କରି ସୁପ୍ରିମକୋର୍ଟ ବୁଧବାର ଏହି ନିର୍ଦ୍ଦେଶ ଦେଇଛନ୍ତି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଦେଶବ୍ୟାପୀ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଅନ୍ଲାଇନରେ ଆୟୋଜନ କରିବାକୁ ଏହି ପିଟିସନରେ ଆବେଦନ କରାଯାଇଥିଲା। ଏଭଳି ପିଟିସନ ଛାତ୍ରଛାତ୍ରୀଙ୍କ ମନରେ ଭ୍ରମ ସୃଷ୍ଟି କରୁଥିବା ତଥା ଦ୍ୱନ୍ଦ୍ୱରେ ପକାଉଥିବା ପ୍ରକାଶ କରି କୋର୍ଟ ଏହାକୁ ଖାରଜ କରି ଦେଇଛନ୍ତି। ଆଗକୁ ଏଭଳି ପିଟିସନ ଦାୟର କରିବା ଉପରେ ମଧ୍ୟ କୋର୍ଟ ରୋକ ଲଗାଇଛନ୍ତି। ସିବିଏସ୍ଇ, ଆଇସିଏସ୍ଇ, ଏନ୍ଆଇଓଏସ୍ ଏବଂ ରାଜ୍ୟମାନଙ୍କ ତରଫରୁ ଆୟୋଜନ କରାଯାଉଥିବା ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଅଫଲାଇନରେ ହିଁ କରାଯିବ ବୋଲି ଜଷ୍ଟିସ ଏ.ଏମ୍ ଖାନୱିଲକରଙ୍କ



ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଥିଲେ, ଅନ୍ଲାଇନ ପରୀକ୍ଷା ପାଇଁ ଦାବି କରିବା ବଦଳରେ ଛାତ୍ରଛାତ୍ରୀ ଓ ଶିକ୍ଷାନୁଷ୍ଠାନମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ କରିବାକୁ ଦିଆଯାଉ। ନଚେତ୍ ଏହା ଛାତ୍ରଛାତ୍ରୀଙ୍କ ମନରେ ନିରାଶବାଦ ସୃଷ୍ଟି କରିବ। ସେମାନେ ପରୀକ୍ଷା ପ୍ରସ୍ତୁତିକୁ ନେଇ ଦ୍ୱନ୍ଦ୍ୱରେ ରହିବେ। ପଟିସନ ଦାଖଲକାରୀ କହିଥିଲେ, କରୋନା ସଂକ୍ରମଣ ହ୍ରାସ ପାଇବା ପରେ ମଧ୍ୟ ଅଫ୍ଲାଇନରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଯାଇନାହିଁ। ପାଠ୍ୟକ୍ରମ ମଧ୍ୟ ଶେଷ ହୋଇନାହିଁ। ଏଣୁ ଅଫଲାଇନ ପରୀକ୍ଷା ରଦ୍ଦ କରି ଏହାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ। ଏହାର ଉତ୍ତରରେ ଖଣ୍ଡପୀଠ କହିଥିଲେ, ପାଠ୍ୟକ୍ରମ ଶେଷ କରିବା ପରେ ହିଁ ଅଫ୍ଲାଇନ ପରୀକ୍ଷା ହେବ। ସୂଚନାଥାଉକି, ସିବିଏସ୍ଇ ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କର ଏପ୍ରିଲ ୨୬ରୁ ଟର୍ମ-୨ ବୋର୍ଡ ପରୀକ୍ଷା କରାଯିବ। ଏହି ପରୀକ୍ଷା ଅଫ୍ଲାଇନରେ ଅନୁଷ୍ଠିତ ହେବ ବୋଲି ସିବିଏସ୍ଇ ପୂର୍ବରୁ ଘୋଷଣା କରିସାରିଛି। ଦେଶରେ ଏବଂ ବିଶ୍ୱରେ କରୋନା ମହାମାରୀ ସ୍ଥିତିକୁ ଦୃଷ୍ଟିରେ ରଖି ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସିବିଏସ୍ଇ ପରୀକ୍ଷା ନିୟନ୍ତ୍ରକ ଡ. ଶନ୍ୟାମ ଭରଦ୍ୱାଜ କହିଛନ୍ତି।

## ଜୁଲାଇ ୩ରେ ଚଳିତ ବର୍ଷର ଜେଇଇ ଆଡଭାନ୍ସଡ୍ ପରୀକ୍ଷା

**ନୂଆଦିଲ୍ଲୀ :** 'ଆଇଆଇଟି'ରେ ପ୍ରବେଶ ପାଇଁ ଜୁଲାଇ ୩ ତାରିଖରେ 'ଜେଇଇ ଆଡଭାନ୍ସଡ୍ ୨୦୨୨'ର ପରୀକ୍ଷା ତାରିଖ ଘୋଷଣା କରାଯାଇଛି। 'ଆଇଆଇଟି-ମୁମ୍ବାଇ' ଏଥିନିମନ୍ତେ ବିସ୍ତୃତ ତାରିଖ ଜାରି କରିଛି। ଚଳିତ ବର୍ଷ ଜୁଲାଇ ୩ ତାରିଖରେ 'ଜେଇଇ ଆଡଭାନ୍ସଡ୍' ହେବ। 'ଜେଇଇ ଆଡଭାନ୍ସଡ୍' ପାଇଁ ରେଜିଷ୍ଟ୍ରେସନ ଜୁନ୍ ୮ରୁ ଜୁନ୍ ୧୪ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କରାଯାଇପାରିବ। ଫି' ଜମା କରିବାର ଅନ୍ତିମ ତିଥି ଜୁନ୍ ୧୫କୁ ଧାର୍ଯ୍ୟ କରାଯାଇଛି। ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ ସ୍କ୍ରାଇବ ଚୟନର ସମୟ ଜୁଲାଇ ୨ ପର୍ଯ୍ୟନ୍ତ ରହିବ। ଏହାପରେ ଆଡମିଟ୍ କାର୍ଡ ୨୭ ଜୁନ ସକାଳ ୧୦ଟା ବେଳେ ଜାରି କରାଯିବ। ଆଡମିଟ୍ କାର୍ଡକୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ଡାଉନ୍ଲୋଡ୍ କରାଯାଇ ପାରିବ। ପରୀକ୍ଷା ଜୁଲାଇ ୩ ରବିବାର ଦିନ ଦୁଇଟି ପାଳିରେ ଅନୁଷ୍ଠିତ ହେବ। ପ୍ରଥମ ପାଳି ସକାଳ ୯ଟାରୁ ୧୨ ଟା ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପାଳି ୨.୩୦ରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ହେବ। ଏହାପରେ 'ଜେଇଇ ଆଡଭାନ୍ସଡ୍'ର ୱେବସାଇଟ୍ରେ ଜୁଲାଇ ୭ରେ ରେସ୍ପନ୍ସ ସିଟ୍ ଉପଲବ୍ଧ ହେବ। ପ୍ରୋଭିଜିନାଲ୍ ଉତ୍ତରର ଅନଲାଇନ୍ ଡିସପ୍ଲେ



ଜୁଲାଇ ୯ ତାରିଖରୁ ହେବ। ଜୁଲାଇ ୯ ଓ ୧୦ରେ ପ୍ରୋଭିଜିନାଲ୍ ଉତ୍ତର ଉପରେ ଛାତ୍ରଛାତ୍ରୀମାନେ ନିଜର ଆପତ୍ତି ଦର୍ଶାଇପାରିବେ। ଚୂଡାନ୍ତ ଉତ୍ତର ଜୁଲାଇ ୧୮ ତାରିଖରେ ଜାରି କରାଯିବ। ଜେଇଇ ଆଡଭାନ୍ସଡ୍' ପରୀକ୍ଷା ଏଥର ଦେଶର ୨୦୯ ସହରରେ ଆୟୋଜନ କରାଯିବ। ଚଳିତ ବର୍ଷ ବିଦେଶରେ 'ଜେଇଇ ଆଡଭାନ୍ସଡ୍' ପରୀକ୍ଷା ଆୟୋଜନ ପାଇଁ କୌଣସି କେନ୍ଦ୍ର ଘୋଷଣା କରାଯାଇନାହିଁ। 'ଆଇଆଇଟି'ରେ ଆଡମିସନ୍ ପାଇଁ ଏଥର ମଧ୍ୟ ବୋର୍ଡ ଯୋଗ୍ୟତାରେ କୋହଳ କରାଯାଇଛି। କୋଭିଡ୍-୧୯ ଯୋଗୁଁ ଗତ ଦୁଇ ବର୍ଷ ହେବ ବୋର୍ଡ ଯୋଗ୍ୟତାରେ କୋହଳ କରାଯାଇଥିଲା। ଏଥିପୂର୍ବରୁ ୨୦୧୯ରେ ଦ୍ୱାଦଶ ବୋର୍ଡରେ ୭୫ ପ୍ରତିଶତ ଅଥବା ସମ୍ବନ୍ଧିତ ବୋର୍ଡର ଟପ୍ ୨୦ ପର୍ସେନଟାଇଲକୁ ହିଁ 'ଆଇଆଇଟି'ରେ ପ୍ରବେଶ ପାଇଁ ଯୋଗ୍ୟ ବୋଲି ବିବେଚନ କରାଯାଉଥିଲା।

# ରୁଷ-ୟୁକ୍ରେନ ଯୁଦ୍ଧ ଯୋଗୁ ଭାରତ ସହିବ ଅଧିକ କ୍ଷତି !

**ନୂଆଦିଲ୍ଲୀ :** ରୁଷ ଓ ୟୁକ୍ରେନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ବିଶ୍ୱ ବଜାର ଉପରେ ପ୍ରଭାବ ପକାଇଛି। କରୋନା କାରଣରୁ ବିଶ୍ୱ ଅର୍ଥନୀତି ସଙ୍କଟରେ ରହିଥିଲା। ଏହାପରେ ମୁଦ୍ରାସ୍ଫୀତି ବା ଦରଦାମ ବୃଦ୍ଧି ସମସ୍ୟାକୁ ଅଧିକ ଜଟିଳ କରିଥିଲା। ଏସବୁ ଭିତରେ ୟୁକ୍ରେନ ଉପରେ ରୁଷର ଆକ୍ରମଣ ସମଗ୍ର ବିଶ୍ୱର ଅର୍ଥବ୍ୟବସ୍ଥାକୁ ଦୋହଲାଇ ଦେଇଛି। ଜାପାନର ଆର୍ଥିକ କମ୍ପାନୀ ନୋମୁରା ଏହାର ରିପୋର୍ଟରେ କହିଛି ଯେ ୟୁକ୍ରେନ ସଙ୍କଟ ମହଙ୍ଗା ମାଡ଼ର ଚାପକୁ ବୃଦ୍ଧି କରିବ ଓ ଏହାଦ୍ୱାରା ଏସିଆ ମହାଦେଶ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବ। ରିପୋର୍ଟରେ କୁହାଯାଇଛି ଯେ ଖାଦ୍ୟ ସମାଗ୍ରୀ ଓ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଏସୀୟ ଦେଶ ଗୁଡ଼ିକ ପ୍ରତିକୂଳ ସ୍ଥିତିର ସମ୍ମୁଖୀନ ହେବେ। ଯେଉଁ ଦେଶଗୁଡ଼ିକ ଆର୍ଥିକ ଦୃଷ୍ଟିକୋଣରୁ ଶକ୍ତିଶାଳୀ ନୁହନ୍ତି, ସେମାନେ ଅଧିକ ଖରାପ ସ୍ଥିତିରେ ରହିବେ। ରିପୋର୍ଟରେ କୁହାଯାଇଛି ଯେ ଭାରତ, ଥାଇଲ୍ୟାଣ୍ଡ ଓ ଫିଲିପାଇନ୍ସର ଅର୍ଥନୀତି ଉପରେ ୟୁକ୍ରେନ ସଙ୍କର ପ୍ରଭାବ ଅଧିକ ରହିବ। ଭାରତ ଅନ୍ତର୍ଜାତୀୟ ବଜାରରୁ ବିପୁଳ ପରିମାଣରେ ଅଶୋଧିତ ତୈଳ ଆମଦାନୀ କରିଥାଏ। ଏଭଳି ସ୍ଥିତିରେ ମୂଲ୍ୟ ବୃଦ୍ଧି ବାଣିଜ୍ୟ ନିଅଣ୍ଟକୁ ବଢ଼ାଇବ। ନୋମୁରା ଆକଳନ କରିଛି ଯେ ଅଶୋଧିତ ତୈଳର ଦାମ ୧୦% ବଢ଼ିବାର ଆଶଙ୍କା ରହିଛି। ତେଣୁ ସବୁ ସାମଗ୍ରୀର ଦର ବୃଦ୍ଧି ପାଇବ। ଗୋଟିଏ ରିସର୍ଚ୍ଚର ରିପୋର୍ଟ ଅନୁଯାୟୀ, ଯଦି ଅଶୋଧିତ ତୈଳ ଦାମ ବ୍ୟାରେଲ ପିଛା ୧୦ ଡଲାରକୁ ବୃଦ୍ଧି ହୁଏ, ତେବେ ଭାରତର ଜିଡିପି ଅଭିବୃଦ୍ଧି ହାର ୧୦ ବେସିସ ପଏଣ୍ଟ ହ୍ରାସ ପାଇବ। ଚଳିତ ଆର୍ଥିକ ବର୍ଷରେ ଦେଶର ଅଭିବୃଦ୍ଧି ହାର ୯.୨ ପ୍ରତିଶତ ବୋଲି ଆକଳନ କରାଯାଇଛି। ତେଣୁ ଏପରି ସ୍ଥିତିରେ ମହଙ୍ଗା ମାଡ଼ ସବୁ କିଛିକୁ ବିଗାଡ଼ି ଦେବାର ଆଶଙ୍କା ରହିଛି।



ଘରୋଇ ଅର୍ଥନୀତି ଉପରେ ୟୁକ୍ରେନ ସଙ୍କର ପ୍ରଭାବ ପଡ଼ିବା ନେଇ ଯେଉଁ ଆଶଙ୍କା ପ୍ରକାଶ ପାଇଛି, ତା' ଉପରେ ସରକାର ତର୍ଜମା ଆରମ୍ଭ କରିଛନ୍ତି। ତୈଳ ଦର ବୃଦ୍ଧି ଓ ଦେଶର ବାହାରେ ବ୍ୟବସାୟ ପ୍ରଭାବିତ ହେତୁ ମୁଦ୍ରାସ୍ଫୀତିର ସମ୍ଭାବ୍ୟ ବୃଦ୍ଧିର ଆଶଙ୍କା ରହିଛି। ତେଣୁ ଏହାର ମୁକାବିଲା କରିବାକୁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ କରାଯାଇଛି। ବର୍ତ୍ତମାନ ସମୟରେ ଯୋଗାଣ ବ୍ୟାଘାତ କିମ୍ବା ବାଣିଜ୍ୟ ମାର୍ଗ ଅବରୋଧ ହେବାର ଆଶଙ୍କା ବହୁତ କମ କମ। କିନ୍ତୁ ଅଶୋଧିତ ତୈଳ ଦାମ ୭ ବର୍ଷର ରେକର୍ଡ ଭାଙ୍ଗିଛି। ଏବେ ବ୍ୟାରେଲ ପିଛା ଏହାର ମୂଲ୍ୟ ୧୦୫ ଡଲାର ରହିଛି। ତେଣୁ ଆଗାମୀ ଦିନରେ ଏହା ଦେଶର ଆର୍ଥିକ ବ୍ୟବସ୍ଥା ଉପରେ ପ୍ରଭାବ ପକାଇବାର ଯଥେଷ୍ଟ ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ନିର୍ବାଚନକୁ ଦୃଷ୍ଟିରେ ରଖି ତୈଳ ଦର କିମ୍ବା ଗ୍ୟାସ ଦର ବୃଦ୍ଧି କରାଯାଉନି। ୩ ମାସ ହେଲା ଦର ଅପରିବର୍ତ୍ତିତ ରହିଛି। ଅନ୍ତର୍ଜାତୀୟ ବଜାରରେ ତୈଳ ଦାମ ବଢୁଥିଲେ ମଧ୍ୟ ସରକାର ଦରଦାମ ବୃଦ୍ଧି କରୁନାହାନ୍ତି। ବିଶେଷଜ୍ଞଙ୍କ ମତରେ ମାର୍ଚ୍ଚ ୭ ଭୋଟିଂ ପରେ ତୈଳ ଓ ଗ୍ୟାସ ଦାମ ବଢ଼ିବା ଆରମ୍ଭ ହେବ। ଏପରି କି ତୈଳ ଦର ଲିଟର ପିଛା ୧୦ ଟଙ୍କାରୁ ଅଧିକ ବଢ଼ିପାରେ। ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ମତରେ ସର୍ବାଧିକ ତୈଳ ଆମଦାନୀ କରୁଥିବା ରାଷ୍ଟ୍ରଙ୍କ ତାଲିକାରେ ଭାରତ ତୃତୀୟ ସ୍ଥାନରେ ରହିଛି। ତେଣୁ ଏହାର ପ୍ରଭାବ ନିଶ୍ଚିତ ଭାବେ ଲୋକଙ୍କ ଉପରେ ପଡ଼ିବ ବୋଲି କୁହାଯାଉଛି।

## କେମିତି କଟିବ ଏ ସପ୍ତାହ

**ମେଷ** — ଅନେକ ଦିନର ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବ୍ୟବସାୟରେ ନୂତନ ମାର୍ଗ ଦେଖାଦେବ। ପରିବାରରେ କମ ସମୟ ଦେବେ। ଅନ୍ୟ କଥାରେ ପଡନ୍ତୁ ନାହିଁ କି ଅଧିକ ରାଗନ୍ତୁ ନାହିଁ। ଦମ୍ପତ୍ତିଙ୍କର ଭୁଲ ବୁଝାମଣା ଦୂର ହେବ।

**ବୃଷ** — ଆତ୍ମବିଶ୍ୱାସ ଦୋହଲି ଯାଇପାରେ। ବ୍ୟବସାୟରେ ଉନ୍ନତି ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। କିଛି ନୂଆ କଥା ଶିଖି ପାରନ୍ତି। ପ୍ରେମ ସମ୍ବନ୍ଧରେ ନିଷ୍ପତ୍ତି ନେବା ପୂର୍ବରୁ ବିଚାର କରନ୍ତୁ। ଗୃହରେ ଶାନ୍ତି ବଜାୟ ରହିବ।

**ମିଥୁନ** — ଥଣ୍ଡା ଶର୍ଦ୍ଦି ଜନିତ ରୋଗ ହୋଇପାରେ। ସମ୍ମାନରେ ବୃଦ୍ଧି ହେବ। ଆପଣଙ୍କ ଶାନ୍ତ ସ୍ୱଭାବ ଯୋଗୁ ସଫଳତା ମିଳିବ। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ। ଦମ୍ପତ୍ତିଙ୍କ ସମ୍ବନ୍ଧରେ ମଧୁରତା ରହିବ।

**କର୍କଟ** — ଗଳାରେ ସଂକ୍ରମଣ ହୋଇପାରେ। କୌଣସି ବିପରୀତ ଲିଙ୍ଗ ବ୍ୟକ୍ତିଙ୍କ ସହ ସମ୍ପର୍କ ବଢ଼ିପାରେ। ଆର୍ଥିକ ସ୍ଥିତିରେ ସୁଧାର ହେବ। ଦମ୍ପତ୍ତିମାନେ ଜଣେ ଅନ୍ୟ ଜଣଙ୍କ ପ୍ରତି ଯତ୍ନବାନ ହେବେ।

**ସିଂହ** — ମାନସିକ ଅଶାନ୍ତିର ଶିକାର ହୋଇପାରନ୍ତି। ମାତାପିତା ବା ଗୁରୁଜନଙ୍କ ସହମତି ଭେଦ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସନ୍ତୁଳିତ ବ୍ୟବହାର କରନ୍ତୁ। କିଛି ଚୋରୀ ହେବାର ସମ୍ଭାବନା ଅଛି।

**କନ୍ୟା** — ଆଳସ୍ୟ ଅନୁଭବ କରିବେ। ଭାଗୀଦାରୀ ବ୍ରବସାୟର ସମାପ୍ତି ହେବ। ଆୟରେ ବୃଦ୍ଧି ହେବ। ବିଚାର କରି ବ୍ରବସାୟରେ ଅର୍ଥ ଲଗାନ୍ତୁ। ଛାତ୍ରମାନେ ଶିକ୍ଷକଙ୍କ ସହଯୋଗ ପାଇବେ।

**ତୁଳା** — ଖରାପ ଖାଦ୍ୟ ଯୋଗୁ ଶରୀର କଷ୍ଟ ହୋଇପାରେ। ଯେଉଁ କାର୍ଯ୍ୟରେ ଆଶା କରିବେ ତାହା ପୂରା ହେବ। ଜମି ବା ଯାନବାହନ କିଣିପାରନ୍ତି। ବିଚାରରେ ଭୁଲ ବୁଝାମଣା ଯୋଗୁଁ ସମ୍ପର୍କ ଭାଙ୍ଗି ଯାଇପାରେ।

**ବିଛା** — ବ୍ୟବସାୟରେ ଅନୁଭବ ବ୍ୟକ୍ତିଙ୍କ ମତାମତ ନିଅନ୍ତୁ। ପରିବାରରେ ଅଯଥା ହସ୍ତକ୍ଷେପ କରନ୍ତୁ ନାହିଁ। ସନ୍ତାନଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ପରିଶ୍ରମ ତୁଳନାରେ ଲାଭ କମ ରହିବ।

**ଧନୁ** — ଗୁରୁଜନ କଥା ମାନନ୍ତୁ ଓ ଆର୍ଶୀବାଦ ନିଅନ୍ତୁ। ଘର ସଜେଇବେ ଓ ନୂଆ ଦ୍ରବ୍ୟ କିଣିପାରନ୍ତି। ଖର୍ଚ୍ଚ ବଢ଼ିବ। ସନ୍ତାନଙ୍କ ପାଠପଢ଼ା ପାଇଁ ଚିନ୍ତିତ ରହିପାରନ୍ତି। କାର୍ଯ୍ୟରତ ପଦୋନ୍ନତି ହୋଇପାରେ।

**ମକର** — ଶରୀରରେ ଦୁର୍ବଳତା ଅନୁଭବ କରିପାରନ୍ତି। ବ୍ୟବସାୟରେ ବୃଦ୍ଧି ପାଇଁ ସମୟ ଅନୁକୂଳ। ପୁରୁଣା ବନ୍ଧୁଙ୍କ ସାକ୍ଷାତ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ଅଧିକ ପରିଶ୍ରମ କରିବାକୁ ପଡିବ।

**କୁମ୍ଭ** — ଆଗକୁ ଅଧିକ ଧନପ୍ରାପ୍ତି ଯୋଗ ଅଛି। ଅଧିକ ସମୟ ଘରର ବାହାରେ କଟାଇବେ। ସ୍ୱାସ୍ଥ୍ୟ ଉତ୍ତମ ରହିବ। ଋତୁ ପରିବର୍ତ୍ତନ ଜନିତ ସମସ୍ୟା ଦେଖାଦେଇପାରେ। ଅର୍ଥ ପାଇଁ ପତିପତ୍ନୀଙ୍କ ମଧ୍ୟରେ ମତାନ୍ତର ହୋଇପାରେ।

**ମୀନ** — ଘରବାଡି ସମ୍ବନ୍ଧୀୟ ପୁରୁଣା କଥା ଉପରେ ସଠିକ୍ ନିର୍ଣ୍ଣୟ ନିଅନ୍ତୁ। ନିଜ ବାଣୀ ଉପରେ ଲଗାମ ଦିଅନ୍ତୁ। ସନ୍ତାନଙ୍କ ପାଇଁ ସମୟ ବାହାର କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ସହଯୋଗୀଙ୍କ ସାହାଯ୍ୟ ନିଅନ୍ତୁ। ପ୍ରେମ ସମ୍ବନ୍ଧୀୟ ବିବାହରେ ପରିବର୍ତ୍ତନ ହୋଇପାରେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

## ପୌର ନିର୍ବାଚନରେ ଓବିସି ସଂରକ୍ଷଣକୁ ନେଇ ମାମଲା

# ନିର୍ବାଚନ ପ୍ରକ୍ରିୟା ଉପରେ ରହିତାଦେଶ ଦେଲେନି ହାଇକୋର୍ଟ

**କଟକ :** ପୌର ନିର୍ବାଚନରେ ଓବିସି ବା ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ରଖା ନ ଯିବା ପ୍ରସଙ୍ଗ ବିରୋଧରେ ଦାୟର ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ସରକାର ଓ ରାଜ୍ୟ ନିର୍ବାଚନ କମିସନଙ୍କୁ ନୋଟିସ୍ ଜାରି କରିଛନ୍ତି। ୮ ସପ୍ତାହ ଭିତରେ ପ୍ରତିପକ୍ଷଙ୍କୁ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର, ଏପ୍ରିଲରେ ପୌର ନିର୍ବାଚନ ହେବ ବୋଲି ଆକଳନ କରାଯାଉଥିବାବେଳେ ନିର୍ବାଚନ ପ୍ରକ୍ରିୟା ଉପରେ ହାଇକୋର୍ଟ କିନ୍ତୁ କୌଣସି ରହିତାଦେଶ ଜାରି କରିନାହାନ୍ତି। ଯଦି ପଛୁଆବର୍ଗଙ୍କ ସଂରକ୍ଷଣ ପ୍ରସଂଗରେ କମିସନ ରିପୋର୍ଟ ଦାଖଲ କରନ୍ତି, ତୁରନ୍ତ ଏ ନେଇ ରାଜ୍ୟ ସରକାର ଅବଗତ କରିବେ ବୋଲି ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। କଂଗ୍ରେସ ଦଳ ପକ୍ଷରୁ ଦୁଇ ଜଣ ପୂର୍ବତନ କର୍ପୋରେଟର ଚାରୁଲତା ସାହୁ ଓ ସନ୍ତୋଷ କୁମାର ଭୋଳ ଏହି ମାମଲା ଦାୟର କରିଥିଲେ। ପଛୁଆବର୍ଗଙ୍କ ପ୍ରସଙ୍ଗରେ ରିପୋର୍ଟ ଦାଖଲ ପାଇଁ ଗଠିତ କମିସନ୍ ସର୍ଭେ କାର୍ଯ୍ୟ ଗତବର୍ଷରୁ ଶେଷ କରିଥିବାବେଳେ ରିପୋର୍ଟ ଦାଖଲ ନେଇ ସ୍ଥିତି ଅସ୍ପଷ୍ଟ ବୋଲି ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଏଭଳି ସ୍ଥିତିରେ ପରବର୍ତ୍ତୀ ଶୁଣାଣି ପୂର୍ବରୁ ପୌର ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାର ସମ୍ଭାବନା ରହିଥିବାରୁ ଅନ୍ତରୀଣ ରହିତାଦେଶ ଜାରି କରାଯାଉ ବୋଲି ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା। ମାତ୍ର, ହାଇକୋର୍ଟ ଏହି ପ୍ରସଙ୍ଗରେ ରହିତାଦେଶ ଦେବାକୁ ମନା କରିଦେଇଥିଲେ। ସୁପ୍ରିମକୋର୍ଟଙ୍କ ରାୟ ପରେ ପଛୁଆବର୍ଗଙ୍କ ପାଇଁ



ପୌର ନିର୍ବାଚନରେ ଆସନ ସଂରକ୍ଷଣ ନ ରଖିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସରକାର ୨୦୨୧, ଡିସେମ୍ବର ୩୦ରେ ଅଧ୍ୟାଦେଶ ଆଣିଥିଲେ। ଓଡ଼ିଶା ପୌର ଆଇନ ସଂଶୋଧନ ଅଧ୍ୟାଦେଶ, ୨୦୨୧କୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନରେ ଦର୍ଶାଇଛନ୍ତି ଯେ, ପଛୁଆ ବର୍ଗଙ୍କ ପାଇଁ ଆସନ ସଂରକ୍ଷଣ ପୂର୍ବରୁ 'ଟ୍ରିପଲ ଟେଷ୍ଟ' ବ୍ୟବସ୍ଥା ସଂପୂର୍ଣ୍ଣ ଭାବେ ପାଳନ କରାଯିବ ବୋଲି ସୁପ୍ରିମକୋର୍ଟ କହିଥିଲେ। ଟ୍ରିପଲ ଟେଷ୍ଟ ଅନୁସାରେ ପ୍ରଥମେ ପଛୁଆବର୍ଗଙ୍କ ସଂପର୍କିତ ତଥ୍ୟ ସଂଗ୍ରହ ପାଇଁ ଏକ କମିସନ୍ ଗଠନ କରାଯିବା କଥା। ଦ୍ୱିତୀୟରେ, କମିସନଙ୍କ ଅନୁମୋଦନ ଅନୁସାରେ କେତେ ସଂରକ୍ଷଣ ପ୍ରଦାନ କରାଯିବା ଆବଶ୍ୟକ, ତାହା ସ୍ପଷ୍ଟ କରାଯିବ। ତୃତୀୟ ଆବଶ୍ୟକତା ହେଉଛି କୌଣସି ପରିସ୍ଥିତିରେ ଏସ୍ସି, ଏସଟି ଓ ପଛୁଆ ବର୍ଗ ପାଇଁ ମୋଟ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହେବ ନାହିଁ। ଓଡ଼ିଶାରେ ପଛୁଆବର୍ଗଙ୍କ ପାଇଁ କମିସନଙ୍କୁ ନିଯୁକ୍ତି ଦିଆଯାଇଛି। କମିସନ୍ ପଛୁଆବର୍ଗଙ୍କ ପ୍ରସଙ୍ଗରେ ଗତ ବର୍ଷରୁ ସର୍ଭେ ଶେଷ କରି ସାରିଛନ୍ତି। ଏଭଳି ସ୍ଥିତିରେ କମିସନ ରିପୋର୍ଟ ଦେବା କଥା। କିନ୍ତୁ ରିପୋର୍ଟ ସଂକ୍ରାନ୍ତରେ ସ୍ଥିତି ଅସ୍ପଷ୍ଟ ରହିଥିବାବେଳେ ସରକାର ତରବରିଆ ଭାବେ ପୌର ନିର୍ବାଚନରେ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ଉଚ୍ଛେଦ ପାଇଁ ଅଧ୍ୟାଦେଶ ଆଣିଥିଲେ। ରାଜ୍ୟର ଅଧିକାଂଶ ସ୍ଥାନରେ ପୌରପରିଷଦ ଗୁଡିକର ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକାଳ ୩/୪ ବର୍ଷ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ସରକାର ନିର୍ବାଚନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିଲେ। କିନ୍ତୁ ଏବେ କାହିଁକି ତର ତର ବୋଲି ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି। ଏ ସଂପର୍କିତ ୨୦୨୧ର ଅଧ୍ୟାଦେଶକୁ ରଦ୍ଦ କରିବା ସହିତ ପଛୁଆବର୍ଗଙ୍କୁ ପୌର ନିର୍ବାଚନରେ ସଂରକ୍ଷଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ଅନୁରୋଧ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ତରଣୀକାନ୍ତ ବିଶ୍ୱାଳ ସହାୟତା କରୁଥିଲେ। ଜୁନ୍ ୨୯କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

## ଏସସିବିରେ ନୂତନ ଅନଲାଇନ୍ ଆଉଟଡୋର ରୋଗୀ ପଞ୍ଜୀକରଣ ସେବା

**କଟକ :** ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସପିଟାଲରେ ନୂତନ ଅନଲାଇନ୍ ଆଉଟଡୋର ରୋଗୀ ପଞ୍ଜୀକରଣ ସେବା ଆରମ୍ଭ ହୋଇଛି। ଏହି ସୁବିଧା ଓଡିଶା ସରକାରୀ ଓଇଏଚ୍ଏମ୍ଆଇଏସ୍ ହେଲଥ ପ୍ରୋଜେକ୍ଟ ଅଧୀନରେ ରୋଗୀଙ୍କୁ ପ୍ରଦାନ କରାଯାଇଛି। ସେଣ୍ଟର ଫର ଡେଭଲପମେଣ୍ଟ ଆଣ୍ଡ ଆଡଭାନ୍ସ କମ୍ପ୍ୟୁଟିଂକୁ ଏହି ପ୍ରକଳ୍ପ ପ୍ରଦାନ କରାଯାଇଛି। ଏହି ପ୍ରୋଜେକ୍ଟ କେନ୍ଦ୍ରୀୟ ରୋଗୀଙ୍କର ହେଲଥ୍ କାର୍ଡ ରଖିବାରେ ସାହାଯ୍ୟ କରିବ। ସରକାରୀ ଏବଂ ସିଡିଏସି ସହିତ ଚୁକ୍ତିନାମା ଅନୁଯାୟୀ ପାଇଲଟ୍ ଆଧାରରେ ୪ ଟି ହସ୍ପିଟାଲ୍ ଏବଂ ୩୦ ଟି ଜିଲ୍ଲା ହେଲ୍ଥ ହେଡକ୍ୱାର୍ଟରରେ ଏହି ପ୍ରକଳ୍ପ ଆରମ୍ଭ ହୋଇ ସାରିଛି। ୨୦୨୨-୨୩ ମସିହାରେ ପିଏଚ୍ସି ସ୍ତର ପର୍ଯ୍ୟନ୍ତ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଓଡିଶା ସରକାର ମଧ୍ୟ ଯୋଜନା କରୁଛନ୍ତି। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସପିଟାଲ, କଟକ, ପ୍ରିନ୍ସିପାଲଆଣ୍ଡଡିନ୍, ଅଧୀକ୍ଷକ ମଧ୍ୟ ଅନଲାଇନ୍ ରେଜିଷ୍ଟ୍ରେସନ୍ ଏବଂ ଓଇଏଚ୍ଏମ୍ଆଇଏସ୍ ଅନ୍ୟାନ୍ୟ ମଡ୍ୟୁଲକୁ ଯଥା ଶୀଘ୍ର ରୋଗୀର ସୁଗମ ତଥା ଅସୁବିଧା ମୁକ୍ତ କରିବା ପାଇଁ ଆଗ୍ରହୀ ଅଟନ୍ତି।

## ଶିଶୁଭବନରେ ଖୋଲିଲା ନେଫ୍ରୋଲୋଜି ବିଭାଗ




**କଟକ :** କଟକସ୍ଥିତ ଶିଶୁଭବନରେ ନୋଫ୍ରୋଲୋଜି ବିଭାଗ ଖୋଲିଛି। ଏହି ବିଭାଗକୁ ଦୁଇଟି ଅତ୍ୟାଧୁନିକ ହେମୋ ଡାଏଲିସିସ୍ ମେସିନ୍ ଯୋଗାଇ ଦିଆଯାଇଛି। ଏଥିସହିତ, ନୂଆ ବିଭାଗରେ କିଡ୍ନୀ ରୋଗ ବିଶେଷଜ୍ଞ ପରୀକ୍ଷାମୂଳକ ଭାବେ ଚିକିତ୍ସା ଆରମ୍ଭ କରିଦେଇଛନ୍ତି। ଏଣିକି କିଡ୍ନୀ ରୋଗରେ ଆକ୍ରାନ୍ତ ଶିଶୁମାନଙ୍କୁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବନି। ଆସନ୍ତା ମାର୍ଚ୍ଚ ୧୦ ତାରିଖ 'ବିଶ୍ୱ କିଡ୍ନୀ ଦିବସ' ଅବସରରେ ଏହି ବିଭାଗକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଶିଶୁଭବନ ପକ୍ଷରୁ ସୂଚନା ମିଳିଛି।ରାଜ୍ୟପାଳଙ୍କ କୋଠା କୁହାଯାଉଥିବା ମେଡିକାଲ୍ ୱାର୍ଡ-୨ରେ ନେଫ୍ରୋଲୋଜି ବିଭାଗ ଖୋଲାଯାଇଛି। ଏଥିରେ ୧୪ଟି ଇନଡୋର୍ ବେଡ୍ ରହିଛି। ଏହାବାଦ୍ ଦୁଇଟି ଡାଏଲିସିସ୍ ବେଡ୍ ରହିଛି। ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ଅତ୍ୟାଧୁନିକ ହେମୋ ଡାଏଲସିସିସ୍ ମେସିନ୍ ରାଜ୍ୟ ସରକାର କିଣିଛନ୍ତି। ଏହି ନୂଆ ବିଭାଗ ପାଇଁ ଜଣେ କିଡ୍ନୀ ରୋଗ ବିଶେଷଜ୍ଞଙ୍କ ସହିତ ଜଣେ ଲେଖାଏଁ ଆସିଷ୍ଟାଣ୍ଟ ପ୍ରଫେସର୍, ସିନିଅର୍ ରେସିଡେଣ୍ଟସ୍ ଏବଂ ପିଜି ଛାତ୍ରଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କ ସହିତ ଆଟେଣ୍ଡାଣ୍ଟ, ନର୍ସଙ୍କୁ ସାମିଲ୍ କରାଯାଇଛି। ୮ ଘଣ୍ଟା ଲେଖାଏଁ ୩ଟି ପର୍ଯ୍ୟାୟରେ ୨୪ ଘଣ୍ଟିଆ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଜାପାନ କୋଠାରେ ଏହି ବିଭାଗର ଏକ ଆଉଟଡ୍ବୋର୍ ବି କାର୍ଯ୍ୟ ଆରମ୍ଭ କରିଛି। ଯେଉଁମାନେ ଗୁରୁତର ଅଛନ୍ତି, ସେମାନଙ୍କୁ ଇନଡ୍ବୋର୍କୁ ସ୍ଥାନାନ୍ତର କରାଯାଉଛି। ଶିଶୁଭବନରେ କିଡ୍ନୀ ରୋଗୀଙ୍କ ପାଇଁ କେବଳ ପେରିଟୋନାଲ୍ ଡାଏଲିସିସ ବା ପେଟା ଡାଏଲିସିସ୍ ପୂର୍ବରୁ କରାଯାଉଥିଲା। କିନ୍ତୁ ଅତ୍ୟାଧୁନିକ ଡାଏଲିସିସ୍ କୁହାଯାଉଥିବା ହେମୋ ଡାଏଲିସିସ୍ ବ୍ୟବସ୍ଥା ନଥିଲା।

## ଭିତରକନିକାରେ ଆକର୍ଷଣର କେନ୍ଦ୍ରବିନ୍ଦୁ ଧଳା କୁମ୍ଭୀର ସାବକ 'ଶ୍ୱେତା'

**ପଟ୍ଟାମୁଣ୍ଡାଇ :** ସାରା ବିଶ୍ୱରେ ଭିତରକନିକା ଜାତୀୟ ଉଦ୍ୟାନ ଖ୍ୟାତି ଲାଭ କରିଛି। ଏହି ଉଦ୍ୟାନ କାହିଁ କେତେ ଦୂରରୁ ପର୍ଯ୍ୟଟକଙ୍କୁ ତାର ପ୍ରକୃତିର ଗନ୍ତାଘରକୁ ଟାଣି ଆଣିଥାଏ ।ପର୍ଯ୍ୟଟକ ମାନଙ୍କୁ ସବୁଠୁ ବେଶି ଆକର୍ଷଣ କରିଥାନ୍ତି ଭିତରକନିକାରେ ଥିବା ଧଳା କୁମ୍ଭୀର ଗୋରୀ ଓ ମଲୀ । ସେମାନେଙ୍କ ମଧ୍ୟରେ ଆଉ ଏକ ନୂଆ ସାବକ ସାମିଲ ହୋଇଥିବାରୁ ପର୍ଯ୍ୟଟକ ଓ ବନ ବିଭାଗ ବେଶ ଖୁସି । ଭିତରକନିକାରେ ଜନ୍ମ ନେଇଥିବା କୁନି ଧଳା କୁମ୍ଭୀର ସାବକର ନାମ ଶ୍ୱେତା ଦିଆଯାଇଛି । ଏହି ନାମକରଣ ବନ ବିଭାଗ ଦ୍ୱାରା କରାଯାଇଛି। କୁମ୍ଭୀର ବିଶାରଦ ଡ଼କ୍ଟର ସୁଧାକର କରଙ୍କ ନେତୃତ୍ୱରେ ଏହି ଧଳା ସାବକର ନାମକରଣ କରାଯାଇଛି। ଏହି ସାବକକୁ ଦେଖିବାକୁ ଏବେ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି । ଭିତରକନିକାରେ ଧଳା କୁମ୍ଭୀର ଶ୍ୱେତା ପ୍ରଥମ ନୁହେଁ ପୂର୍ବରୁ ଗୋରୀ ଓ ମଲୀ ମଧ୍ୟ ଏଠାରେ ନିଜର ସୁନ୍ଦରତାରେ ବିମୋହିତ କରି ରଖିଛନ୍ତି। କିନ୍ତୁ ଦୁର୍ଭାଗ୍ୟ ବସତଃ ଗୋରୀ ଏଯାବତ କୌଣସି ପୁରୁଷ କୁମ୍ଭୀର ସହିତ ସମ୍ବନ୍ଧ ନରଖିବା କାରଣରୁ ମା ହୋଇପାରି ନାହିଁ । ତେଣୁ ଧଳା କୁମ୍ଭୀରଙ୍କ ବଂଶ ବଢିବାକୁ ନେଇ ବନ ବିଭାଗ ସନ୍ଦେହ



ଘେରରେ ଥିବା ବେଳେ ଶ୍ୱେତା ପୁଣି ଥରେ ବନ ବିଭାଗର ମନରେ ନୂଆ ଆଶା ଦେଇଛି। ଜାତୀୟ ଉଦ୍ୟାନ ଭିତରକନିକା ବଉଳା କୁମ୍ଭୀରଙ୍କ ଗନ୍ତାଘର ହେଲେ ମଧ୍ୟ ଏଠାରେ ଧଳା କୁମ୍ଭୀରଙ୍କ ସୌନ୍ଦର୍ଯ୍ୟ ଟିକେ ନିଆରା । ପରିବେଶବିତ ଓ ପର୍ଯ୍ୟଟକମାନେ ଏହି ଧଳା କୁମ୍ଭୀରଙ୍କୁ ଦେଖିବାକୁ ବିଭିନ୍ନ ଦେଶ ବିଦେଶରୁ ଏଠାକୁ ଆସିଥାନ୍ତି । ତେବେ ଗୋରୀ ସିନା ମାତୃତ୍ୱ ଲାଭ କଲାନି ହେଲେ ମଲୀ ଓ ଶ୍ୱେତା ମାତୃତ୍ୱ ଲାଭ କରି ଧଳା କୁମ୍ଭୀରଙ୍କ ବଂଶ ବିସ୍ତାର କରିବେ ବୋଲି ପରିବେଶବିତ ଆଶା ରଖିଛନ୍ତି । ୧୯୭୫ ମସିହାରେ ଆସିଥିବା ଗୋରୀକୁ ନେଇ ବେଶ ଖୁସି ଥିଲେ ପର୍ଯ୍ୟଟକ ଓ ବନ ବିଭାଗ । ଭବିଷ୍ୟତରେ ଶ୍ୱେତା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ବୋଲି କହିଛନ୍ତି ରାଜନଗର ବନ ଖଣ୍ଡ ଅଧିକାରୀ

## ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୭.୨୫ଲକ୍ଷ ଭୋଟର

**ଭୁବନେଶ୍ୱର :** ପୌର ନିର୍ବାଚନ ପାଇଁ କେବଳ ଭଦ୍ରକର ୪ ନମ୍ବର ୱାର୍ଡକୁ ଛାଡ଼ି ବାକି ୧୦୬ଟି ପୌର ପରିଷଦ ଓ ଏନଏସି ଏବଂ ୩ଟି ମହାନଗର ନିଗମରେ କାଉନସିଲର/କର୍ପୋରେଟର, ଅଧକ୍ଷ/ମେୟର ପଦବୀ ନିମନ୍ତେ ୱାର୍ଡ ପୁର୍ନଗଠନ ପ୍ରକ୍ରିୟା ଶେଷ ହୋଇଛି ବୋଲି ରାଜ୍ୟ ସରକାର ଗତକାଲି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିବା ପରେ ଆଜି ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଚୂଡ଼ାନ୍ତ ଭୋଟର ତାଲିକା ଜାରି ହୋଇଛି। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୬୭ଟି ୱାର୍ଡରେ ୭ଲକ୍ଷ ୨୫ହଜାର ୭୬୫ଜଣ ଭୋଟର ଅଛନ୍ତି। ୨୦୧୪ ଭୋଟର ତାଲିକା ତୁଳନାରେ ଚଳିତଥର ଚୂଡ଼ାନ୍ତ ତାଲିକାରେ ଅଧିକ ୧.୨୭ଲକ୍ଷ ଭୋଟର ସାମିଲ ହୋଇଥିବା ଜଣାପଡ଼ିଛି। ବିଏମସି ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ମହାନଗର ନିଗମର ୬୭ଟି ୱାର୍ଡରେ ମୋଟ ୭୦୫ଟି ବୁଥ ପ୍ରସ୍ତୁତ ହୋଇଛି। ଏଥିରେ ୭.୨୫ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ଏହି ଚୂଡ଼ାନ୍ତ ଭୋଟର ତାଲିକା ବିଏମସି ମୁଖ୍ୟ କାର୍ଯ୍ୟାଳୟ ସମେତ ସମସ୍ତ ଜୋନାଲ ଅଫିସରେ ଉପଲବ୍ଧ ହେବ। ବିଏମସିର ସମସ୍ତ ୱାର୍ଡ ଅଫିସକୁ ମଧ୍ୟ ଏହି ତାଲିକା ପଠାଇ ଦିଆଯିବ। ବିଏମସିର ଏହି ଚୂଡ଼ାନ୍ତ ଭୋଟର ତାଲିକାରେ




ସର୍ବାଧିକ ଭୋଟର ୱାର୍ଡ ନମ୍ବର- ୮ରେ ରହିଛନ୍ତି। ଚନ୍ଦ୍ରଶେଖରପୁର ଅଂଚଳରେ ଥିବା ଏହି ୱାର୍ଡରେ ଭୋଟର ସଂଖ୍ୟା ସର୍ବାଧିକ ୨୬୨୯୮ ବୋଲି ଜଣାପଡ଼ିଛି। ବିଏମସିର ମୋଟ ଭୋଟରଙ୍କ ମଧ୍ୟରେ ୩ଲକ୍ଷ ୯୪ହଜାର ୫୧୦ଜଣ ପୁରୁଷ ଓ ୩ଲକ୍ଷ ୩୦ହଜାର ୮୧୫ଜଣ ମହିଳା ଭୋଟର ଓ ୪୪୦ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ସୂଚନାଯୋଗ୍ୟ, ବିଏମସି ପକ୍ଷରୁ ପୂର୍ବରୁ ଜାରି ଚିଠା ଭୋଟର ତାଲିକାରେ ମୋଟ ୭ଲକ୍ଷ ୨୭ହଜାର ୪୫୬ଜଣ ଭୋଟରଙ୍କୁ ଚିହ୍ନଟ କରାଯାଇଥିଲା। ଭୋଟରମାନଙ୍କୁ ଫେବୃୟାରୀ ୧୬ତାରିଖ ସୁଦ୍ଧା ଏହି ଚିଠା ତାଲିକାକୁ ନେଇ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଦାଖଲ କରିବାକୁ ପରାମର୍ଶ ଦିଆଯାଇଥିଲା। ଫେବୃୟାରୀ ୨୪ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବାକୁ ସ୍ଥିର ହୋଇଥିଲା।

## କ୍ୟାପିଟାଲ ହସ୍ପିଟାଲ, ଝାରପଡ଼ା ଜେଲ୍‌କୁ ମିଳିବ 'ଇଟ୍ ରାଇଟ୍' କ୍ୟାମ୍ପସ୍ ମାନ୍ୟତା

**ଭୁବନେଶ୍ୱର :** ରାଜଧାନୀର ପ୍ରମୁଖ ସରକାରୀ ଡାକ୍ତରଖାନା କ୍ୟାପିଟାଲ ହସ୍ପିଟାଲ ଓ ଝାରପଡ଼ାସ୍ଥିତ ସ୍ୱତନ୍ତ୍ର ଜେଲ୍କୁ ମିଳିବ 'ଇଟ୍ ରାଇଟ୍' କ୍ୟାମ୍ପସ୍ ମାନ୍ୟତା। ଏହି ଦୁଇ ସ୍ଥାନରେ ବହୁ ସଂଖ୍ୟାରେ ଅନ୍ତେବାସୀ ଖାଦ୍ୟ ଗ୍ରହଣ କରୁଥିବାରୁ ସେମାନଙ୍କୁ ଯେପରି ନିରାପଦ ଓ ଗୁଣବତ୍ତା ଖାଦ୍ୟ ମିଳିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ହସ୍ପିଟାଲ ଓ ଜେଲ୍ରେ ଖାଦ୍ୟ ପ୍ରସ୍ତୁତ କରୁଥିବା ବ୍ୟକ୍ତିମାନଙ୍କ ଆବଶ୍ୟକ ତାଲିମ୍ ଓ ଅଡିଟ୍ କାର୍ଯ୍ୟ ଆରମ୍ଭ ହୋଇଥିବା ସୂଚନା ମିଳିଛି। କେନ୍ଦ୍ରୀୟ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକରଣ(ଏଫ୍ଏସ୍ଏସ୍ଏଆଇ) ପକ୍ଷରୁ ଚାଲିଥିବା 'ଇଟ୍ ରାଇଟ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଅଧୀନରେ ଏହି ମାନ୍ୟତା ଦିଆଯାଉଛି। ରାଜ୍ୟର ୯ଟି ସ୍ଥାନକୁ ଏହି ମାନ୍ୟତା ମିଳିସାରିଛି। ଏଥିରେ ୫ଟି ଘରୋଇ ସ୍ୱାସ୍ଥ୍ୟାନୁଷ୍ଠାନ, ସରକାରୀ ଆଇଟିଆଇ, ଆଇଏଚ୍ଏମ୍, ସିଟିଟିସି, ଆଇଜିଏଚ୍ ରାଉରକେଲା ରହିଛି। ଏହାସହ ଗତବର୍ଷ ଡିସେମ୍ବରରେ ଭୁବନେଶ୍ୱର ରେଳ ଷ୍ଟେସନ୍ ମଧ୍ୟ 'ଇଟ୍ ରାଇଟ୍ ଷ୍ଟେସନ୍' ମାନ୍ୟତା ପାଇଛି। ତେଣୁ ଅଧିକରୁ ଅଧିକ ସଂସ୍ଥାଙ୍କୁ ଏଥିରେ ଯୋଡ଼ିବା ଲାଗି ରାଜ୍ୟ ଖାଦ୍ୟ ସୁରକ୍ଷା ପକ୍ଷରୁ ଉଦ୍ୟମ କରାଯାଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ ସୁଷମ ଓ ଉତ୍ତମ ଖାଦ୍ୟର ଯେଉଁ ମାନଦଣ୍ଡ ରହିଛି ତାହା ବଜାୟ ରହୁଛି




କି ନାହିଁ ତାହାର ଯାଞ୍ଚ କରାଯିବ। ଏହାସହ ଏଫ୍ଏସ୍ଏସ୍ଏଆଇର ଅଡିଟରମାନଙ୍କ ଦ୍ୱାରା ଏସବୁର ଅନୁଧ୍ୟାନ ହେବ। ଏଥିପାଇଁ କ୍ୟାମ୍ପସ୍ ତାଲିମ ପ୍ରଦାନ କରାଯିବ। ପରେ ସାର୍ଟିଫିକେଟ୍ ପ୍ରଦାନ ଦିଆଯିବ। ୩ମାସର ବ୍ୟବଧାନ ପରେ ଏସବୁ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ ତାହାର ମୂଲ୍ୟାୟନ କରାଯିବାର ବ୍ୟବସ୍ଥା ରହିଛି। ଏଫ୍ଏସ୍ଏସ୍ଏଆଇ ପକ୍ଷରୁ ପ୍ରକାଶିତ ହେଉଥିବା ଖାଦ୍ୟ ସୁରକ୍ଷା ଇଣ୍ଡେକ୍ସରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ଗୋଟିଏ ବର୍ଷରେ ଓଡ଼ିଶା ୯ଟି ସ୍ଥାନ ଉପରକୁ ଉଠିବାରେ ସକ୍ଷମ ହୋଇପାରିଛି। ଏହି ସଫଳତା ସତ୍ତ୍ୱେ ରାଜ୍ୟରେ ଏବେ ବି ଖାଦ୍ୟ ସୁରକ୍ଷାର ଭିତ୍ତିଭୂମି ଓ ନିରୀକ୍ଷଣ ଦୁର୍ବଳ ରହିଛି। ଆବଶ୍ୟକ ସଂଖ୍ୟକ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଅଭାବ ରହିଛି। ରାଜ୍ୟରେ ଆଉ ୩୫ଜଣ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ନିଷ୍ପତ୍ତି ହୋଇଥିଲେ ହେଁ ତାହା ବିଳମ୍ବ ହେବାରେ ଲାଗିଛି। ଏପରିକି ଭୁବନେଶ୍ୱରରେ ଶତାଧିକ ଖାଦ୍ୟାନୁଷ୍ଠାନ ଗଢ଼ି ଉଠିଥିବା ବେଳେ ଏସବୁର ଯାଞ୍ଚ କରିବା ଲାଗି ଜଣେ ମାତ୍ର ଖାଦ୍ୟ ସୁରକ୍ଷା ଅଧିକାରୀ ରହିଛନ୍ତି। ଅଧିକାରୀଙ୍କୁ ଭୁବନେଶ୍ୱର ସମେତ ଖୋର୍ଦ୍ଧା ଜିଲ୍ଲାର ଯାଞ୍ଚ ଦାୟିତ୍ୱ ଦିଆଯାଇଛି। କଟକରେ ଲଗାତାର ଭାବେ ଚଢ଼ାଉ କରାଯିବା ଫଳରେ ବହୁ ସଂଖ୍ୟାର ଅପମିଶ୍ରିତ ଖାଦ୍ୟ ସାମଗ୍ରୀକୁ ଠାବ କରାଯାଇଛି। ମାତ୍ର ରାଜଧାନୀରେ ଏଭଳି ଚଢ଼ାଉ କରାଯାଉ ନାହିଁ। ବିଶେଷକରି ସଂଧ୍ୟାରେ ରାଜଧାନୀରେ ଥିବା ଅନେକ ଖାଦ୍ୟାନୁଷ୍ଠାନ ଗୁଡ଼ିକରେ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି। ହେଲେ ନିୟମିତ ଚଢ଼ାଉ ହେଉ ନ ଥିବାରୁ ଏସବୁ କେନ୍ଦ୍ରରେ ଲୋକଙ୍କୁ ଦିଆଯାଉଥିବା ଖାଦ୍ୟର ମାନ କ'ଣ ତାହା ସନ୍ଦେହରେ ରହିଛି।

# ୱାନ୍ ନେସନ ୱାନ୍ ରାସନ ସତ୍ତ୍ୱେ ମିଳୁନି ଅତିରିକ୍ତ ଚାଉଳ

**ଭୁବନେଶ୍ୱର :** ରାଜ୍ୟରେ କାର୍ଯ୍ୟକାରୀ କଲେ ୱାନ୍ ନେସନ ୱାନ୍ ରାସନ, କିନ୍ତୁ ଦେଉ ନାହାନ୍ତି ଅତିରିକ୍ତ ଚାଉଳ। ଏଥିଯୋଗୁଁ ବିଭିନ୍ନ ସ୍ଥାନରେ ରାସନ କାର୍ଡ ନେଇ ବିତରଣ କେନ୍ଦ୍ରକୁ ଯାଉଥିବା ରାଜ୍ୟ ତଥା ରାଜ୍ୟ ବାହାରର ପ୍ରବାସୀମାନଙ୍କୁ ହୀନସ୍ତା ହେବାକୁ ପଡୁଛି। କେବଳ ଓଡ଼ିଶା ନୁହେଁ ଅନ୍ୟ ରାଜ୍ୟରେ ମଧ୍ୟ ଏଭଳି ସ୍ଥିତି ରହିଛି। ସାଧାରଣ ବିତରଣ ବ୍ୟବସ୍ଥାରେ ଓଡ଼ିଶା ଆବଣ୍ଟିତ କରିପାରୁ ନାହିଁ ୪ ପ୍ରତିଶତ ଚାଉଳ, ଗହମ। ଏଭଳି ସ୍ଥିତିରେ ୱାନ୍ ନେସନ ୱାନ୍ ରାସନ ଅନ୍ତର୍ଗତରେ ଜାନୁଆରି ମାସରେ ବାହାର ରାଜ୍ୟରେ ରହୁଥିବା ମାତ୍ର ୮୦୪ ଓଡ଼ିଆ, ଓଡ଼ିଶାରେ ରହୁଥିବା ୧୨୦ ବାହାର ରାଜ୍ୟର ଲୋକଙ୍କୁ ଲାଭ ମିଳିଛି। ଏଥିରୁ ଅବସ୍ଥା କେତେ ନୈରାଶ୍ୟଜନକ ତାହା ସ୍ପଷ୍ଟ ଅନୁମେୟ। ଅପରପକ୍ଷରେ ଓଡ଼ିଶାରେ ରହୁଥିବା ବାହାର ଜିଲ୍ଲାର କେତେ ବ୍ୟକ୍ତି ଏହି ସୁବିଧା ପାଇଛନ୍ତି ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ। ଭୁବନେଶ୍ୱରରେ ଥିବା ସମୁଦାୟ ୯୯ ହଜାର କାର୍ଡଧାରୀଙ୍କ ମଧ୍ୟରୁ ୨୫ ପ୍ରତିଶତ ବ୍ରହ୍ମପୁର, ବାରିପଦା, ଭଦ୍ରକ ଏବଂ ମୟୂରଭଞ୍ଜର ବୋଲି ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କହିଛନ୍ତି। କିନ୍ତୁ ରାଜଧାନୀରେ କାର୍ଯ୍ୟରତ ଅଧିକାଂଶ ପ୍ରବାସୀ ଶ୍ରମିକଙ୍କ ଅନୁସାରେ, ଗାଁ ରାସନ କାର୍ଡ ନେଇ ପିଡିଏସ ସେଣ୍ଟରକୁ ଚାଉଳ ପାଇଁ ଗଲେ ତାଙ୍କୁ ଫେରାଇ ଦିଆଯାଏ। କେନ୍ଦ୍ର ପାଖରେ ଚାଉଳ ବଳିଲେ କିଛି ଜଣଙ୍କୁ ମାସ ଶେଷରେ ମିଳେ। ଏହାକୁ ନେଇ ପିଡିଏସ ଡିଲର କହିଛନ୍ତି, ୱାନ୍ ନେସନ ୱାନ୍ ରାସନ ଅନ୍ତର୍ଗତରେ ବାହାର ହିତାଧିକାରୀଙ୍କୁ ଚାଉଳ ଦେବାରେ ତାଙ୍କ ସମସ୍ୟା ନାହିଁ। କିନ୍ତୁ ସରକାରଙ୍କ



ପକ୍ଷରୁ ଏହି ଯୋଜନା ଅନ୍ତର୍ଗତରେ ଅତିରିକ୍ତ ଚାଉଳ ଦିଆଯାଉ ନାହିଁ। ତେଣୁ ତାଙ୍କୁ ଆବଣ୍ଟିତ ସମୁଦାୟ ଚାଉଳ ଏବଂ ଗହମ ପ୍ରଥମେ ନିଜ ହିତାଧିକାରୀଙ୍କୁ ଦେଇ ବଳକା ହେଲେ ବାହାର ଲୋକଙ୍କୁ ଦିଅନ୍ତି। ଏହି ନୂତନ ଯୋଜନାରେ ଅତିରିକ୍ତ ଚାଉଳ ଏବଂ ଗହମ ଦେବା ପାଇଁ ପ୍ରଶାସନକୁ ଅନୁରୋଧ କରିଥିଲେ ମଧ୍ୟ ତାକୁ ଗୁରୁତ୍ୱ ଦିଆଯାଇ ନାହିଁ। ସାମାଜିକ କର୍ମକର୍ତ୍ତା ଉମି ଡାନିଏଲଙ୍କ ଅନୁସାରେ, ୱାନ୍ ନେସନ ୱାନ୍ ରାସନ ଅନ୍ତର୍ଗତରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପିଡିଏସ କେନ୍ଦ୍ରକୁ ଅତିରିକ୍ତ ଚାଉଳ ନଦେଲେ ଏହି ସମସ୍ୟା ଜାରି ରହିବ। ଅନ୍ୟପକ୍ଷରେ ଯେକୌଣସି ଯୋଜନା କାର୍ଯ୍ୟକାରୀ ବେଳେ ସରକାର ଯେଉଁଭଳି ପ୍ରଚାର-ପ୍ରସାର କରନ୍ତି ଏହି ଯୋଜନାକୁ ନେଇ ସେହିଭଳି ପ୍ରଚାର କରାଯାଉ ନାହିଁ। ଏଥିଯୋଗୁଁ ଅନେକ ପ୍ରବାସୀ ଶ୍ରମିକ ଏସମ୍ପର୍କରେ ଅଜ୍ଞ ଅଟନ୍ତି। ମହାମାରୀରେ ପ୍ରବାସୀ ଶ୍ରମିକ କେଉଁଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ସମସ୍ତେ ଜାଣନ୍ତି। ଏଥିପାଇଁ ବର୍ତ୍ତମାନ ମଧ୍ୟ ଶୃଙ୍ଖଳା ପିଡିଏସ ବଣ୍ଟନ ହେଉଛନ୍ତି। ଯେଉଁ ପ୍ରବାସୀମାନେ ପିଡିଏସ ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେମାନଙ୍କ ପାଇଁ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ବ୍ୟବସ୍ଥା କରିବା ଉଚିତ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତରେ ରାସନ କାର୍ଡ କେବଳ ନିଜ ଗାଁ କିମ୍ବା ସାହିର କେନ୍ଦ୍ରରୁ ହିଁ ଚାଉଳ ଏବଂ ଗହମ ମିଳେ। ଏଥିଯୋଗୁଁ ପ୍ରବାସୀମାନେ ଯେଉଁ କଷ୍ଟ ସହିଥିଲେ ଲକ୍ଡାଉନରେ ତାହା ଜଳ-ଜଳ ଦେଖାଗଲା। ଏହାପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୱାନ୍ ନେସନ ୱାନ୍ ରାସନ ଲାଗୁ ହେଲା। ଯାହାକୁ ଗତବର୍ଷ ଓଡ଼ିଶା ସରକାର କାର୍ଯ୍ୟକାରୀ କଲେ। ଏଥିରେ ଆଉ ସୀମାର କଟକଣା ରହିଲା ନାହିଁ। ରାସନ କାର୍ଡ ଜରିଆରେ ଯିଏ ଯେଉଁଠି ଚାଉଳ ଏବଂ ଗହମ ନେଇ ପାରିବ। ମାତ୍ର ଏହାର କାର୍ଯ୍ୟକାରିତାରେ ସମସ୍ୟା ସୃଷ୍ଟି ହେଉଛି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୮ ଫେବୃଆରୀ - ୦୬ ମାର୍ଚ୍ଚ, ୨୦୨୨

# ମୁଣ୍ଡବିକା ଲୋକ ଓ ଗଣତନ୍ତ୍ର

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରମାଣ କରିଦେଲା ଯେ ଯେଉଁ ନିରପେକ୍ଷ, ଭୟମୁକ୍ତ ଗଣତାନ୍ତ୍ରିକ ପଦ୍ଧତି ନିର୍ବାଚନ କଥା କୁହାଯାଉଛି, ବାସ୍ତବରେ ତାହା ମିଛ। ଅର୍ଥବଳ, ବାହୁବଳ ଓ ଦଳୀୟ ସଙ୍କେତ ହିଁ ନିର୍ବାଚନ ମୁଖ୍ୟ। କାହାକୁ କିଏ କିଭଳି ଭଣ୍ଡାଇପାରିଲା, କିପରି ବୁଝାଇଲା, କିପରି ଧମକ ଦେଲା ଓ କଣ ନଦ୍ୱେ କହିବ କହିଲା ତାହା ହିଁ ଆୟୁଧ। କାରଣ ଆଜିକାଲି ଗଣତନ୍ତ୍ର ନାଁରେ ଗୋଟେ ମିଛ ପ୍ରଚାର କରି ନିଜକୁ ସୁଦୃଢ଼ କରି ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବା ପାଇଁ ଯୁଦ୍ଧ ପ୍ରସ୍ତୁତି ହିଁ ଗଣତନ୍ତ୍ର। ସମ୍ବିଧାନ କଣ ଲେଖିଛି ବୋଧେ ସ୍ୱାଧୀନତାର ୭୩ ବର୍ଷ ପରେ ମଧ୍ୟ ଦେଶର ଲୋକ ଜାଣିନାହାନ୍ତି କି ବୁଝିନାହାନ୍ତି। ସେମିତି ହୋଇଥିଲେ ଦଳୀୟ ଚିହ୍ନ ଅପେକ୍ଷା ବ୍ୟକ୍ତି ବା ବ୍ୟକ୍ତିତ୍ୱର ଗୁରୁତ୍ୱ ଉପଲବ୍ଧି କରିବାକୁ ଜନତା ଇଚ୍ଛା ପ୍ରକଟ କରନ୍ତେ।ତାହା ହେବା ବଦଳରେ କିଏ କାହାକୁ କେତେ ଟଙ୍କା ହାତଗୁଞ୍ଜା ଦେଇ ଭୋଟ କିଣିବ ତାହାର ଆବଶ୍ୟକତା ପଡିନଥାନ୍ତା। ଏବେ ଅଯୋଗ୍ୟ ବ୍ୟକ୍ତି, ଯୋଗ୍ୟ ପ୍ରାର୍ଥୀ-ଏହା ପଛରେ ଏକ ଟାଣୁଆ ରାଜନୈତିକ ଦଳ। ସିଧାକଥା କହିଲେ ଜନତା ଭୋଟ ଦେଉନାହାନ୍ତି, ଭୋଟ କିଣାଯାଉଛି। କତିପୟ ସଚେତନ ନାଗରିକ ଭୋଟ ଦିଅନ୍ତି କି ନଦିଅନ୍ତି ତାହା ଉପରେ କୌଣସି ରାଜନୈତିକ ଦଳ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ସେମିତି ହେଉଥିଲେ ଏତେ ରାଜନୈତିକ ହିଂସା, ହତ୍ୟା, ଧମକ ଓ ଦ୍ୱାଚରି ଭଳି ଘଟଣା ଘଟିନଥାନ୍ତା। ଥିଲାବାଲା ଲୋକ ଏବେ ନିର୍ବାଚନ ମଇଦାନରେ, ସାଧାରଣ ଜନତା ଭକୁଆ। କାରଣ ଆଉ ଭଲ ଚରିତ୍ର, ନୀତିନିଷ୍ଠ ବ୍ୟକ୍ତି ରାଜନୀତି କରିବାର ସମୟ ନାହିଁ। ଶହ ଶହ ଉଦାହରଣ ଆଖି ଆଗରେ ଥିଲେ ବି ମୁହଁ ଖୋଲିବା ଲୋକ ନାହାନ୍ତି। ସବୁ ମୂଳରେ ଅଜଣା ଭୟ ଓ ଆଶଙ୍କା ଚତୁଃପାର୍ଶ୍ୱରେ ଲୋକଙ୍କୁ ଏଭଳି ଘେରିବସିଛି ଯେ, ସେଥିରୁ ମୁକ୍ତି ପାଇବା ପାଇଁ ଇଚ୍ଛା ଥିଲେ ବି ପାରିପାର୍ଶ୍ୱିକ ଅବସ୍ଥା ମଣିଷକୁ ବିବସ କରୁଛି। ଏହାର ବିଭିନ୍ନ କାରଣ ମଧ୍ୟ ରହିଛି। ତନ୍ମଧ୍ୟରେ ମଣିଷ ଦିନକୁ ଦିନ ସମ୍ବେଦନଶୀଳ ହେବା ପରିବର୍ତ୍ତେ ଅଧିକ ସ୍ୱାର୍ଥପର ହୋଇ ବିବେକଶୂନ୍ୟ ହୋଇପଡୁଛି। ବିଭିନ୍ନ କାରଣକୁ ନେଇ ମଣିଷ ଭାରାକ୍ରାନ୍ତ ରହୁଥିଲା ବେଳେ ପାରିବାରିକ ଆୟକୁ ନେଇ ମଧ୍ୟ ଅଧିକ ଚିନ୍ତାଗ୍ରସ୍ତ ହୋଇପଡୁଛି। ସୀମିତ ଆୟ ମଧ୍ୟରେ ଘର ଚଳାଇବାର କଷ୍ଟ ମଣିଷକୁ ରୋଗଗ୍ରସ୍ତ ଓ ଚିନ୍ତାଶୀଳ କରୁଛି। ଯେଉଁ ପରିବାରର ଆୟ ଅଧିକ ସେମାନେ ଯେଉଁ ବିଳସପୂର୍ଣ୍ଣ ଜୀବନ ବଞ୍ଚୁଛନ୍ତି, ତାକୁ ଦେଖି ନିଜ ପ୍ରତି ଧିକ୍କାର ଆସୁଥିଲେ ଉପାୟହୀନ ମଣିଷ କିଛି ଗୋଟେ ନୂଆ କରିବାର ରାସ୍ତା ବାହାର କରିପାରୁନି। ତେଣୁ ସରକାରୀ ଯୋଜନା ପାଇବା ଆଶାରେ ଅନ୍ୟର ସହଯୋଗ ଲୋଡି ନିଜକୁ ଏକପ୍ରକାର ବିକ୍ରି କରିଦେଉଛି। ଏଭଳି ଅନେକ ସମସ୍ୟା ମଧ୍ୟରେ ଥାଇ ଉପଯୁକ୍ତ ଲୋକପ୍ରତିନିଧି ବାଛିବା ବଦଳରେ ନୋଟ ନେଇ ଭୋଟ ଦେବାକୁ ଆଗ୍ରହ ପ୍ରକାଶ କରୁଛି, ଯାହାର ଫାଇଦା ନେଉଛନ୍ତି ଏହି ତଥାକଥିତ ରାଜନୈତିକ ଦଳ। ବ୍ୟବସାୟୀ ଲାଭ ଚିନ୍ତା କଲାଭଳି ରାଜନୀତି କରୁଥିବା ନେତା କାହାଠୁ କିଭଳି ଲାଭ ଉଠାଇପାରିବେ ତାକୁ ନେଇ ନୂଆ ନୂଆ ଚାଲ ଚଳାନ୍ତି। କେଉଁଠି ଠାକୁର ଘରକୁ ସହଯୋଗ ତ ଆଉ କେଉଁଠି କ୍ଲବ ପିଲାଙ୍କୁ ସହାୟତା ଦେଇ ନିଜର ବଦାନ୍ୟତା ପ୍ରକାଶ କରନ୍ତି। ସେବା ନାମରେ



ସମ୍ପାଦକୀୟ
ତାରକ ମହାନ୍ତି

ଯାବତୀୟ ଅନୀତି କରି ଡାହାଣୀ ହୋଇ ଲାଗି ପରେ ଗୁଣିଆ ହୋଇ ଝାଡ଼ିବାର ହୀନ ପ୍ରୟାସ କରୁଥାନ୍ତି। ଅନ୍ୟର ଅଭାବ ବେଳେ ମିଛ ଲୁହ ଗଡେଇ ବ୍ୟସ୍ତ ହୁଅନି ବୋଲି ପ୍ରବୋଧନା ଦେଉଥିଲେ ବି ସେମାନଙ୍କ ଭବିଷ୍ୟତ ଲକ୍ଷ୍ୟ ଭିନ୍ନ ଥାଏ। ଯାହାକୁ ସାଧାରଣ ନାଗରିକଟିଏ ପ୍ରଥମରୁ ବୁଝିବା ମୁସ୍କିଲ। ପରେ ବୁଝିଲାବେଳକୁ ନେଡି ଗୁଡ଼ କହୁଣିକୁ ବହିଯାଇଥାଏ। ସାଧାରଣ ଲୋକଙ୍କ ମାନସିକତାକୁ ଅନୁଧ୍ୟାନ କରି ଆଜିର ଶାସକ ଗୋଷ୍ଠୀ ସେମାନଙ୍କୁ କେଉଁ ଯୋଜନା ଦ୍ୱାରା ସନ୍ତୁଷ୍ଟ ରଖିପାରିବେ,ସେ ନେଇ ପ୍ରତି ଦିନ ବିଚାର ବିମର୍ଷ ଚାଲିଥାଏ। ତଦନୁସାରେ ଯୋଜନା ପ୍ରଣୟନ କରି ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କୁ ସନ୍ତୁଷ୍ଟ କରି ଭୋଟ ଆଦାୟ ଚାଲିଛି। ନେତା ମାନେ ଜାଣନ୍ତି ଯେ, ନିର୍ବାଚନ ବେଳେ ୧୦୦% ମତଦାନ ହୋଇନଥାଏ। ସେମାନଙ୍କ ମଧ୍ୟରୁ ଅଳ୍ପ କିଛି ସଚେତନ ଭୋଟର କାହା ଦ୍ୱାରା ପ୍ରଭାବିତ ନହୋଇ ନିଜର ମତଦାନ କରିଥାନ୍ତି।ତାଙ୍କ ଉପରେ କୌଣସି ରାଜନୈତିକ ଦଳର ପ୍ରଭାବ ନଥାଏ। ହେଲେ ଯେଉଁ ବର୍ଗର ଭୋଟର କେବଳ ନେତା, କୁଜିନେତା ବା ଟାଉଟରଙ୍କ ଦ୍ୱାରା ପ୍ରଭାବିତ ହୁଅନ୍ତି, ସେମାନଙ୍କ ସଂଖ୍ୟା ଅଧିକ। ତେଣୁ ସବୁ ରାଜନୈତିକ ଦଳର ନଜର ତାଙ୍କ ଉପରେ ରହିଥାଏ। ସେହିମାନଙ୍କୁ ପ୍ରଲୋଭନ ଦେଖାଇ, ହାତୀ ଘୋଡା ଦେବି କହି ଦୀର୍ଘ ପାଞ୍ଚବର୍ଷ ପାଇଁ ଭୋଟ ହାତେଇନିଅନ୍ତି। ହେଲେ ନିର୍ବାଚିତ ହେବାପରେ ସମ୍ପୃକ୍ତ ନେତା କାଁ ଭାଁ ଲୋକଙ୍କୁ ଦେଖାଦିଅନ୍ତି କିମ୍ବା ସେମାନଙ୍କ ସମସ୍ୟା ପ୍ରତି କର୍ଣ୍ଣପାତ କରିଥାନ୍ତି। ହେଲେ ଅଭିଯୋଗକାରୀଙ୍କ ଅଭିଯୋଗ ସମାଧାନ କରିବା ପରିବର୍ତ୍ତେ ନିର୍ବାଚିତ ପ୍ରତିନିଧି କିଭଳି ନିଜେ ନିର୍ବାଚନରେ କରିଥିବା ଖର୍ଚ୍ଚର ସୁଧମୂଳ ସହ ଅଧିକ ଲାଭ ଉଠାଇବାରେ ଲାଗିରହନ୍ତି। ଫଳରେ ଭୋଟର ଗରିବ ଏବଂ ନେତା ଧନୀ ହେବାର ଯେଉଁ ହିସାବ ରହିଛି ତାହା ହିଁ ହୋଇଥାଏ। ଯେଉଁ ଅଂଚଳରେ ବିକାଶମୂଳକ କାର୍ଯ୍ୟ ହୁଏ ସେଥିରେ ହେଉଥିବା ପିସି କାରବାରରେ ସମ୍ପୃକ୍ତ ଲୋକପ୍ରତିନିଧିଙ୍କ ଭାଗ ଥିବା ସବୁବେଳେ ଚର୍ଚ୍ଚା ହେଉଛି। ଏହି ଚର୍ଚ୍ଚା ପଛରେ ସତ କେତେ, ମିଥ୍ୟା କେତେ ତାହା ସମସ୍ତେ ଜାଣନ୍ତି। ପୂର୍ବପରି ଲୋକପ୍ରତିନିଧି ଆଉ ସମାଜସେବା କରୁନଥିବା ବିଷୟ ଭଲ ଭାବେ ବୁଝିସାରିଥିବା ଭୋଟର କିନ୍ତୁ ଲୋଭର ବଶବର୍ତ୍ତୀ ହୋଇ ଉପଯୁକ୍ତ ପ୍ରାର୍ଥୀ ବଦଳରେ ଯିଏ ଅନ୍ୟାୟ ଅନୀତି କରି ଉପାର୍ଜନ କରିଥିବା ଅର୍ଥ ଭୋଟରଙ୍କୁ ହାତଗୁଞ୍ଜା ଭାବେ ଦେଇଥାନ୍ତି ତାଙ୍କରି ମାୟାରେ ପଡିଯାନ୍ତି ଭୋଟର। ହାତଗୁଞ୍ଜା ନେଲା ବେଳେ କୌଣସି ଭୋଟର ପରିଣାମ ଓ ଭବିଷ୍ୟତ କଥା ଆଦୌ ଚିନ୍ତା ନକରିବା ଅତ୍ୟନ୍ତ ଦୁଃଖଦାୟକ। ଗଣତାନ୍ତ୍ରରେ ନିର୍ବାଚନ ହେଉଛି ମୁଖ୍ୟ ବ୍ୟବସ୍ଥା। ଯେଉଁଥିରେ ସ୍ୱଚ୍ଛତା, ନିର୍ଭିକତା ଓ ସଚ୍ଚୋଟ ପଣିଆର ଆବଶ୍ୟକତା ରହିଛି। ଯଦି ଭୋଟରଙ୍କୁ ପ୍ରଭାବିତ କରି ଭୋଟ ନିଆଯାଏ ତେବେ ସେଥିରେ ନିରପେକ୍ଷତା ଅପେକ୍ଷା ଲାଭଖୋର ମାନସିକତା ଓ ଗଣତନ୍ତ୍ରକୁ ଦୁର୍ବଳ କରି ବ୍ୟକ୍ତିତନ୍ତ୍ରର ସ୍ୱାର୍ଥ ବଢ଼ାଇବାରେ ଚିନ୍ତା ହିଁ ନିହିତ ଥାଏ। ଯେଉଁ ଚିନ୍ତାଧାରା ଗଣତନ୍ତ୍ର ପ୍ରତି ବିପଦ ତାହା ଭୋଟରମାନେ ଆକଳନ କରିନପାରିବା ଦୂରଦୃଷ୍ଟିହୀନ ବୋଲି କୁହାଯାଇପାରେ। ଅର୍ଥ ବଳରେ କିଣା ଯାଉଥିବା ଭୋଟ କେବେ ସ୍ୱାଧୀନ ମତ ଦେବାର ପ୍ରଣାଳୀ ନୁହେଁ। ଉପଯୁକ୍ତ ଏବଂ ନିରପେକ୍ଷ ପ୍ରାର୍ଥୀ ନିର୍ବାଚନ ଜିଣି ନପାରିଲେ ଏହା କୌଣସି କ୍ଷେତ୍ରରେ ଶୁଭସଙ୍କେତ ଦିଏନାହିଁ। ପରିଣାମ ସ୍ୱରୂପ ନିର୍ବାଚିତ ପ୍ରାର୍ଥୀ ସ୍ୱେଚ୍ଛାଚାରୀ ହେବା ସହିତ ଭୋଟରଙ୍କୁ ୫ ବର୍ଷ ପାଇଁ କିଣି ରଖିଥିବା ମନେ କରି ମନଇଚ୍ଛା କାର୍ଯ୍ୟ କରିଥାନ୍ତି। ସୁଫଳ ପାଇବାର ଆଶା ରଖି ଯେଉଁମାନେ ଜଣକୁ ନିର୍ବାଚିତ ଜିତାଇଥିଲେ ସେ ଯେତେବେଳେ ସ୍ୱେଚ୍ଛାଚାରୀ ବା ଅହଂକାରୀ ହୋଇଉଠେ ସେତେବେଳେ ବିଚରା ଭୋଟର ଅସହାୟ ହେବାକୁ ବାଧ୍ୟ ହୁଏ। ତେଣୁ ମୁଣ୍ଡବିକା ଲୋକ ଓ ଟଙ୍କା ଦେଇ ଭୋଟ କିଣୁଥିବା ନେତା ଦେଶ ପାଇଁ ବିପଦ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ନିର୍ବାଚନରେ ହିଂସା ଓ ଗଣମାଧ୍ୟମକୁ ଆକ୍ରମଣ



ଶ୍ୟାମସୁନ୍ଦର ସାମଲ

ପଞ୍ଚାୟତ ନିର୍ବାଚନର ପ୍ରଥମ ତିନଟି ପର୍ଯ୍ୟାୟରେ ସମଗ୍ର ଓଡ଼ିଶାର ବିଭିନ୍ନ ଜାଗାରେ ରକ୍ତାକ୍ତ ହିଂସା ଓ ବିଶୃଙ୍ଖଳା ଦେଖିବାକୁ ମିଳିଛି। ଆସନ୍ତା ଗୁରୁବାର ୨୪ ତାରିଖ ପଞ୍ଚାୟତ ନିର୍ବାଚନ ଲାଗି ଶେଷ ପର୍ଯ୍ୟାୟ ମତ ଦାନ ହେବ। ୨୬ ତାରିଖରୁ ଆରମ୍ଭ ହେବ ଗଣତି। ଫଳାଫଳ ପ୍ରକାଶ ପାଇବା ପରେ କିଏ ଖୁସି ହେବ କିଏ ବି ଦୁଃଖି ଆଉ କିଏ ଦୋଷ ଅନ୍ୟ ଉପରେ ଲଦି ବା ଧନ୍ଦାରେ ମାତିବେ। ତେବେ ଯାହାହେଉନା କାହିଁକି ରାଜ୍ୟ ରାଜନୀତିକୁ ଏହି ନିର୍ବାଚନର ଫଳ ଅନେକ ବାର୍ତ୍ତା ଦେବ। ଚଳିତ ନିର୍ବାଚନରେ ଅନେକ ବିଲକ୍ଷଣ ଓ ବ୍ୟତିକ୍ରମ ଦେଖାଦେଇଛି। ହିଂସା ଯେଉଁପରି ପର୍ଯ୍ୟାୟରେ ପହଞ୍ଚିଛି ସବୁଠାରୁ ବଡ଼ ଦୁଃଖଦ ଘଟଣା ହେଉଛି ରାଜ୍ୟର ବିଭିନ୍ନ ସ୍ଥାନରେ ଗଣମାଧ୍ୟମ ଉପରେ ରକ୍ତାକ୍ତ ଓ ଭୟଙ୍କର ଆକ୍ରମଣ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ଭାବେ ବିବେଚିତ ଏମାନଙ୍କ ଦାୟିତ୍ୱ ଅତ୍ୟନ୍ତ ସମର୍ପିତ ଓ ସ୍ମରଣୀୟ ନିଶ୍ଚୟ। କୁହାଯାଏ ଗଣତନ୍ତ୍ରରେ ସମ୍ବାଦପତ୍ର ଓ ସାମ୍ବାଦିକ ଅଦୃଶ୍ୟ ସାଧାରଣ ମଣିଷର ସ୍ୱର। ସାମ୍ୟବାଦୀମାନେ ପୁଞ୍ଜିପତି ଓ ସର୍ବହରାଙ୍କ କଥା କହିଥାନ୍ତି। ପ୍ରତ୍ୟେକ ସମାଜରେ 'ସର୍ବହରା' ଥାଆନ୍ତି, ଦଳିତ, ନିଷ୍ପେସିତ, ଶୋଷିତ, ବଞ୍ଚିତ, ଅବହେଳିତ, ବ୍ୟବସ୍ଥା ଠାରୁ ଦୂରରେ ଥିବା ବ୍ୟକ୍ତି ହିସାବରେ ଭିନ୍ନ ଭିନ୍ନ ଭାବରେ ହୁଏତ ସେମାନେ ନାମିତ ହୋଇଥାନ୍ତି। ଆଜି ଦୃଶ୍ୟପଟ୍ଟ ବଦଳି ଯାଇଛି। ଆଜିର ସମୟରେ ଅନେକ ଗଣମାଧ୍ୟମର ମାଲିକ, ସମ୍ପାଦକ ଓ ପରିଚାଳକମାନେ ସିଧାସଳଖ ରାଜୀନତିରେ ଅଛନ୍ତି। ତେଣୁ ସେମାନେ ଅନ୍ଧ, ମୂକ, ବଧିର ହୋଇଯାଇଛନ୍ତି ଓ ନିଜ ଧର୍ମକୁ ଭୁଲି ଯାଇଛନ୍ତି ତାହା ବି ହେବା ସ୍ୱାଭାବିକ କାରଣ ବିଜ୍ଞାପନ ଓ ଅନେକ ସହାୟତା ମଧ୍ୟ ବଡ଼ ପ୍ରସଙ୍ଗ ରଖିଥାଏ। ଏହି ପ୍ରସଙ୍ଗରେ ଲେଖିଲାବେଳକୁ ମନେପଡୁଛି ଏକଦା ଆମେରିକୀୟ ପ୍ରକାଶକ କାଥେରାଇନ ଗ୍ରାହାମ କହିଥିଲେ – 'ଖବରକୁ ହିଁ ରୋକିବାର ପ୍ରୟାସ କରାଯାଏ। ବାକି ସବୁ ତ ବିଜ୍ଞାପନ ଓ ପ୍ରଚାର।' ଓଡ଼ିଶାର ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମର ମାଲିକ ଓ ସମ୍ପାଦକମାନେ ନିଜର ଆତ୍ମା ଓ ବିବେକକୁ ଏଭଳି ବିକ୍ରି କରିଦେଇଛନ୍ତି କିଛି ବିନିମୟ ମୂଲ୍ୟ ପ୍ରତିବଦଳରେ ଯେ, ସମଗ୍ର ବ୍ୟବସ୍ଥା ଏବେ ଶ୍ମଶାନରେ।

ଏ ପର୍ଯ୍ୟନ୍ତ ନିର୍ବାଚନୀ ହିଂସାରେ ମୋଟ ୨୮,୭୭୭ ଜଣଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଥିବାବେଳେ ହିଂସା ଭିଆଇବା ଅଭିଯୋଗରେ ବିଭିନ୍ନ ଦଳରୁ ୧୯୦୬ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୩୮ଟି ମାରଣାସ୍ତ୍ର ଓ ବିପୁଳ ପରିମାଣର ମାଦକ ଦ୍ରବ୍ୟ ଜବତ କରାଯାଇଛି। ଏହା ଏକ ଅତି ଉଦବେଗଜନକ ବିଷୟ। କିନ୍ତୁ ବିଶେଷ ଉଦବେଗଜନକ ବିଷୟ ହେଲା ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ। ଚଳିତ ପଞ୍ଚାୟତ ନିର୍ବାଚନୀ ହିଂସାରେ ଆହତଙ୍କ ତାଲିକାରେ ୧୦ରୁ ଅଧିକ ସାମ୍ବାଦିକଙ୍କ ନାମ ରହିଛି। ନିରପେକ୍ଷ ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକମାନେ ରାଜନୈତିକ ଆକ୍ରୋଶର ଶିକାର ହେବା ଚିନ୍ତାଜନକ ଓ ନିନ୍ଦନୀ ନିଶ୍ଚୟ। ଅପରପକ୍ଷରେ ନିଜ ଦାୟିତ୍ୱ ତୁଲାଉଥିବା ଗ୍ରାମାଞ୍ଚଳ ସାମ୍ବାଦିକ ବିଧା, ଗୋଇଠା, ତଣ୍ଟିଆ, ଧକ୍କା, ବାଡ଼ି ଓ ଲୁହାଛଡ଼ରେ ମାଡ଼ ଖାଇ ଲହୁଲୁହାଣ ହେଉଛନ୍ତି। ସେମାନେ ସହର ଠାରୁ ଦୂରରେ ରହୁଥିବାରୁ ଅନେକ ସାମ୍ବାଦିକ ଗୋଟିଏ ପଇସା ବି ପାଇନଥାନ୍ତି ତାହା ସତ୍ତ୍ୱେ ସେମାନେ ନିଜ ଗୁରୁଦାୟିତ୍ୱରୁ ବଞ୍ଚିତ ହୋଇନଥାନ୍ତି। ଦୁଇ ଭାଗରେ ବିଭାଜିତ ହୋଇଯାଇଛି ଗଣମାଧ୍ୟମ – ଅନୁଗୃହୀତ ଓ ବଞ୍ଚିତ। କିଛି ସାମ୍ବାଦିକ ସଂଗଠନ ମଧ୍ୟ ଅଛନ୍ତି। ସାମୟିକ ଭାବେ ନିନ୍ଦା କରି ଓ ସ୍ମାରକ ପତ୍ରଟିଏ ଦେଇ ଗଭୀର ନିଦରେ ଶୋଇପଡ଼ନ୍ତି ସେମାନେ ଭାବନ୍ତି ସେମାନଙ୍କ ଦାୟିତ୍ୱ ସରିଗଲା। ତିନିଟି ଯାକ ପର୍ଯ୍ୟାୟରେ ଯାଜପୁର ଜିଲ୍ଲାରେ ଯାହା ହୋଇଛି, ତାହା ଆଉ କିଛି ବଡ଼ ପ୍ରଶ୍ନ ଠିଆ କରିଛି। ଫେବୃଆରୀ ୨୦ ତାରିଖ ଦିନ ସାମ୍ବାଦିକମାନଙ୍କ ପ୍ରତି ଯେଉଁ ହିଂସାକାଣ୍ଡ ହେଲା, ତାହା ବିଞ୍ଝାରପୁରରେ। ଏଠିକାର ବିଧାୟିକାଙ୍କୁ 'ଅତି ଗଣତାନ୍ତ୍ରିକ' କାର୍ଯ୍ୟ ପାଇଁ ନିର୍ବାଚନ ଆୟୋଗ ବଡ଼ ଦୁଃଖରେ ୪୮ ଘଣ୍ଟା ପ୍ରଚାର ନିମନ୍ତେ ବାରଣ କରିଥିଲେ। ସେ କହିଥିଲେ, ତାଙ୍କ ସମର୍ଥକଙ୍କୁ ଭୋଟ ନଦେଲେ କିଛି ମିଳିବ ନାହିଁ। ଏହା ଦଣ୍ଡ ହିଁ ଥିଲା ତାଙ୍କ ପ୍ରତି। ତାଙ୍କ ଦଳ ବା ଦଳର 'ଅହିଂସା ପ୍ରେମୀ' ନେତା ଏହାକୁ ନିନ୍ଦା କରି ନଥିଲେ। ଯାଜପୁର ଜିଲ୍ଲାର ମୁଖ୍ୟ ଯୁବ ନେତା ଜଣକ ଶାସନର 'ଦୁଇ ନମ୍ବର' ବ୍ୟକ୍ତି ବୋଲି କୁହାଯାଏ। ରାଜ୍ୟ ରାଜନୀତିରେ ତାଙ୍କ ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସିଏ ଯୁବରାଜନୀତିର ଜଣେ ପ୍ରମୁଖ ପ୍ରେରଣାଦାତା। ତାଙ୍କପରି ଯୁବରାଜନେତା ଠାରୁ କେବଳ ଦଳ ନୁହେଁ ରାଜ୍ୟ ଅନେକ କିଛି ଆଶା କରେ। କେହି କେହି ତାଙ୍କୁ ଓଡ଼ିଶାର ଭବିଷ୍ୟତର ଭାଗ୍ୟ ନିୟନ୍ତା ମଧ୍ୟ କହୁଛନ୍ତି। ଏଭଳି ବ୍ୟକ୍ତିଙ୍କ ଠାରୁ ନିର୍ଦ୍ଦିଷ୍ଟ ଆଦର୍ଶ ଓ ନୈତିକତା ଆଶା କରାଯାଏ। କାରଣ ଉଚ୍ଚ ଅଭିଳାଷ ଖରାପ ନୁହେଁ, କିନ୍ତୁ ସେଥିପାଇଁ ଏକ ଆଚରଣଗତ ଭଦ୍ରତା ଅପେକ୍ଷା କରାଯାଏ। ଅମଳିନ, ସାଧୁ, ଭଦ୍ର ଓ ନୀତିବାନ ବ୍ୟକ୍ତିମାନେ ଜନାଦୃତ ହୁଅନ୍ତି ଓ ଲୋକ ସମ୍ମାନ ପାଆନ୍ତି।

ପାଞ୍ଚଟି ରାଜ୍ୟରେ ବିଧାନସଭା ଓ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ। ପାଞ୍ଚଟି ରାଜ୍ୟରେ ଏ ପର୍ଯ୍ୟନ୍ତ ସେଭଳି କୌଣସି ହିଂସାର ଖବର ଆସିନାହିଁ। ସାମ୍ବାଦିକଙ୍କୁ ଆକ୍ରମଣର ଗୋଟିଏ ମଧ୍ୟ ଦୃଷ୍ଟାନ୍ତ ଦେଖିବାକୁ ମିଳିନାହିଁ। ଆମର କିଛି ଲୋକେ ପ୍ରଲୋଭନ ଦ୍ୱାରା ନିୟନ୍ତ୍ରିତ। ଏବେ ଭୟଭୀତ 'ଅହିଂସା'କୁ ଦେଖି। କିନ୍ତୁ ଏହା ମଧ୍ୟ ସତ୍ୟ ଯେ ବୁଦ୍ଧିଜୀବୀମାନେ ନ ଦେଖିଲା ଭଳି ଅନ୍ୟ ଆଡ଼େ ଚାହିଁବେ, ରାଜୀନତି ସମୀକ୍ଷକମାନେ ଉତ୍ତର ପ୍ରଦେଶ, ପଞ୍ଜାବ ବିଷୟରେ ଆଲୋଚନା କରିବେ, ଖବରକାଗଜ ସମ୍ପାଦକମାନେ ଦୁଇ ଚାରିଟା ସାମ୍ବାଦିକ ମାଡ଼ ତ ଖାଇଛନ୍ତି, ବଡ଼ କଥାଟେ କ'ଣ ହୋଇଛି କହି ଉଚ୍ଚ ଅଧିକାରୀଙ୍କ ଜୟଜୟକାର କରିବେ।

ଗାଁ ଗହଳିର ଅଳ୍ପ ଦରମା ପାଇ ଅନେକ ସୁବିଧା ସୁଯୋଗରୁ ବଞ୍ଚିତ ସାମ୍ବାଦିକଟି ନିଜ କର୍ତ୍ତବ୍ୟପାଳନ କରିବାକୁ ଯାଇ ଗୁଣ୍ଡାଙ୍କ ଦ୍ୱାରା ମାଡ଼ ଖାଉଥିବ, ନ ହେଲେ 'ମହାଶକ୍ତିଶାଳୀ' ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ପ୍ରାଣବଳି ଦେଉଥିବ। ଭସ୍ମାସୁର ନିଜ ସ୍ରଷ୍ଟାକୁ ଆଗ ଗିଳିଥାଏ। ପଦଲେହନ ଚାଲୁ, କିନ୍ତୁ ଏକଥା ମନେ ରଖାଯିବା ଉଚିତ, ଯେ ଗୁଣ୍ଡାମାନେ ପରିଚୟ ମାଗନ୍ତି ନାହିଁ, ତା ପୁଣି ସୋମ ରସର ଆନନ୍ଦମୟ ଉତ୍ତେଜନା ଭିତରେ। ନିର୍ବାଚନ ବେଳେ ଗଣମାଧ୍ୟମ ଉପରେ ଆକ୍ରମଣ ଗଣତନ୍ତ୍ର ପାଇଁ ଆଦୌ ଶୁଭଲକ୍ଷଣ ନୁହେଁ। ବିଶେଷକରି ପୁଲିସ ଉପସ୍ଥିତିରେ ଏଭଳି ଘଟଣା ଘଟିବା ଆହୁରି ଦୁର୍ଭାଗ୍ୟଜନକ। ଦଳମତ ନିର୍ବିଶେଷରେ ଯେଉଁମାନେ ଏହି ଘଟଣା ପାଇଁ ଦାୟୀ ଆମେ ସେମାନଙ୍କୁ ଘୋର ନିନ୍ଦା କରୁଛୁ। ଏଥିସହିତ ପଞ୍ଚାୟତ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ଦୃଷ୍ଟି ଆକର୍ଷଣ କରୁଛୁ। ଅବଶ୍ୟ ସାମ୍ବାଦିକଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିର୍ବାଚନ କମିଶନ ଦୃଢ଼ ନିନ୍ଦା କରିବା ସହିତ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ଆୟୋଗଙ୍କ ଏହି ପଦକ୍ଷେପକୁ ଆମେ ସ୍ୱାଗତ କରୁଛୁ। ଏଥିସହିତ ଫାଷ୍ଟ ଟ୍ରାକକୋର୍ଟରେ ଏହାର ତୁରନ୍ତ ବିଚାର କରି ନ୍ୟାୟ ପ୍ରଦାନ କରାଯାଉ ବୋଲି ଆମେ ଦାବି କରୁଛୁ। ଯେଉଁ ସାମ୍ବାଦିକମାନେ କ୍ଷତିଗ୍ରସ୍ତ ହୋଇଛନ୍ତି ସେମାନଙ୍କୁ କ୍ଷତିପୂରଣ ଦେବା ସହିତ ସେମାନଙ୍କ ଚିକିତ୍ସାର ସମ୍ପୂର୍ଣ୍ଣ ଦାୟିତ୍ୱ ସରକାର ଗ୍ରହଣ କରିବା ଉଚିତ। ଗଣତନ୍ତ୍ର ଚାଲିଛି, ନିର୍ବାଚନ ହେଉଛି, ଗଣମାଧ୍ୟମ ବି ଅଛନ୍ତି ଦେଶରେ, ଆମ ରାଜ୍ୟରେ ଅନେକ ପ୍ରତିଭାବାନ ସାମ୍ବାଦିକ ରହିଛନ୍ତି ଯେଉଁମାନେ ନିଜ ଧର୍ମରୁ ସାମାନ୍ୟ ବି ବିଚ୍ୟୁତ ହୁଅନ୍ତି ନାହିଁ। ସେମାନଙ୍କ ହୃଦୟ, ସେମାନଙ୍କ ନୈତିକତା, ସେମାନଙ୍କ ଆଦର୍ଶ ଚିର ସ୍ମରଣୀୟ ଓ ସେମାନଙ୍କୁ ଯେତେ ପ୍ରଶଂସା କଲେ କମ ହେବ। ଏହିପରି ଗଣମାଧ୍ୟମର ବ୍ୟକ୍ତିତ୍ୱ ସିଏ ସାମ୍ବାଦିକଟି ହୁଅନ୍ତୁ ବା ସମ୍ପାଦକ ସେମାନଙ୍କ ଧର୍ମ ପାଇଁ ଆମେ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ପ୍ରଶଂସା କରୁଛୁ। ତେବେ ଗଣତନ୍ତ୍ରରେ ଲଗାତର ଭାବେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଆକ୍ରମଣ କରୁଥିବା ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ।

*ବିଡ଼ାନାସୀ ବନ୍ଧଛକ, କଟକ*
*ଦୂରଭାଷ : ୯୭୭୮୬୩୫୯୨୬*

# ମାନବିକତାର ପ୍ରକୃତ ଅଧ୍ୟୟନ ହିଁ ମଣିଷତ୍ୱ



ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଆଜିକାଲି ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଦ୍ୱାରା ଡିଗ୍ରୀଟାଏ ମିଳିବା ସହଜ। ଡିଗ୍ରୀଟା ମିଳିଗଲା ମାତ୍ରେ ଚାକିରୀଟାଏ ପ୍ରୟୋଜନ ହୁଏ। ଚାକିରୀ ସହଜଲବ୍ଧ ଜିନିଷ ନୁହେଁ। ତଦ୍ୱାରା ହତାଶା ଓ ନୈରାଶ୍ୟ ସୃଷ୍ଟି ହୁଏ ଏବଂ ସେ ଗୁଡ଼ିକ କେତେକ ଅବାଞ୍ଛନୀୟ ମାର୍ଗରେ ପରିପ୍ରକାଶ ହୁଏ। ଆଜିକାଲିର ଡିଗ୍ରୀ ଗୋଟିଏ ଭିକ୍ଷା ଥାଳି ସଦୃଶ। ଚାକିରୀ ପାଇଁ ଦ୍ୱାର ଦ୍ୱାର ବୁଲିବାକୁ ହୁଏ। ଆମେ ଆମର ପ୍ରକୃତ ସ୍ୱଭାବ ଓ ମାନବିକ ମୂଲ୍ୟବୋଧର ସାରତତ୍ତ୍ୱ ବୁଝି ପାରିଲେ, ଆତ୍ମ ନିର୍ଭରଶୀଳ ହୋଇ ପାରିବା। ନିଜ ଚିନ୍ତା, କଥା ଓ କର୍ମରେ ସାମଞ୍ଜସ୍ୟ ଆଣିବାକୁ ଚେଷ୍ଟା କରିପାରିଲେ ମାନବିକ ମୂଲ୍ୟବୋଧ ଆହରଣ କରିବାର ମାର୍ଗ ମିଳିଯିବ। ପ୍ରକୃତ ମନଚିତ ମୂଲ୍ୟବୋଧ ଆମେ ସେତେବେଳେ ଗ୍ରହଣ କରିପାରିବା ଯେତେବେଳେ ଆମେ ସତ କଥା ଶିଖିବା, ଶରୀର ମାଧ୍ୟମରେ ପବିତ୍ର କର୍ମ କରି ଶିଖିବା, ମନରୁ ଆସକ୍ତି ଓ ଅହଂକାର ଦୂର କରି ଶିଖିବା। ମାନବିକତାର ପ୍ରକୃତ ଅଧ୍ୟୟନ ହିଁ ମଣିଷତ୍ୱ। ମାନବିକତା ଅଧ୍ୟୟନ କରିବା ଅର୍ଥ ଚିନ୍ତା, କଥା କର୍ମରେ ସମନ୍ୱୟ ରକ୍ଷା କରିବା। ଏହି ତିନଟି ଯଦି ନିର୍ମଳ ଓ ପବିତ୍ର ହୋଇ ପାରିଲା ତେବେ ଆମେ ପ୍ରକୃତରେ ଜୀବନ ଭଳି ଜୀବନ ଯାପନ କରିଛେ। ଭଗବାନ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ଜଣେ ଜଣେ ଆଦର୍ଶ ସ୍ଥାନୀୟ ହେବା ଉଚିତ। ଶିକ୍ଷା ଲାଭର ମୂଳ ଲକ୍ଷ୍ୟ ହେଉଛି 'ଆଦର୍ଶ ଜୀବନ ଯାପନ କରିବା'। ସେହି ଶିକ୍ଷା ଭଳି ଶିକ୍ଷା ଲାଭ କରିବାକୁ ଆମେ ସଦା ଚେଷ୍ଟିତ ହେବା ଉଚିତ। ସ୍କୁଲ ବା କଲେଜର ଚାରିକାନ୍ଥ ଭିତରେ ବସି ଯାହା ଶିକ୍ଷା କରାଯାଏ ତାହାର ଅର୍ଥ ଶିକ୍ଷା ନୁହେଁ। ଆମ ଚର୍ତୁପାର୍ଶ୍ୱରେ ଥିବା ପ୍ରକୃତି ହିଁ ସର୍ବୋତ୍ତମ ଶିକ୍ଷାୟତନ। ସେ ଶିକ୍ଷାୟତନରୁ ମଧ୍ୟ ଅନେକ କିଛି ଆହରଣ କରିହେବ। ପ୍ରକୃତି ଠାରୁ ଆମେ ଯେଉଁ ଆନନ୍ଦ ଲାଭ କରୁ ତାହାକୁ ପାଠପଢ଼ା ଆନନ୍ଦ ସହ ତୁଳନା କରିହେବନାହିଁ। ଶିକ୍ଷା ନାଁଆରେ ଆମେ ଯାହା ଜାଣିବାକୁ ପାଉଛୁ ସେ ସବୁ ଶୂନ୍ୟରେ କୋଠ ଗଢ଼ିବା ସହ ତୁଳନୀୟ। ଶିକ୍ଷାଲାଭ କରିବା ସଙ୍ଗେ ସଙ୍ଗେ ତୁମ୍ଭେମାନେ ଆଜ୍ଞାନୁବର୍ତ୍ତିତା ଓ ବିନମ୍ରତା ମଧ୍ୟ ଅଭ୍ୟାସ କରିବା ଦରକାର। ତାହାକୁ ପ୍ରକୃତ ସଂସ୍କାର କୁହାଯିବ। ସଂସ୍କାର ତୁମ ଭିତରେ ରୂପାନ୍ତର ସୃଷ୍ଟି କରେ। ଆମ୍ଭମାନଙ୍କ କାମନା ବାସନାର ସୀମା ନାହିଁ। ଆମ ଅହଂକାର ତତୋଧିକ। ଆମେ ସର୍ବଦା ଆସକ୍ତି ବିଜଡ଼ିତ। ଇନ୍ଦ୍ରିୟାସକ୍ତି ଯୋଗୁଁ ହିଁ ଆମେ ଦୁଃଖ କଷ୍ଟ ଦ୍ୱାରା ଆକ୍ରାନ୍ତତ। ଇନ୍ଦ୍ରିୟ ପ୍ରବୃତ୍ତି ଓ ଏହାର ଆବେଶ ଗୋଟିଏ ଗୋଟିଏ ତରଙ୍ଗ ସଦୃଶ। ମୁହୂର୍ତ୍ତକ ପାଇଁ ମାତ୍ର ଏହା ଆମ ସମ୍ମୁଖରେ ଦୃଶ୍ୟମାନ ହୁଏ, ସେତେବେଳେ କିନ୍ତୁ ନିଜକୁ ସଂଯତ କରି ଶାନ୍ତିର ଉପାୟ ଅନ୍ୱେଷଣ କରିବା ଦରକାର।'

ଆମେ ସମସ୍ତେ ଜାଣିଛେ ପାଞ୍ଚଟି ମହାନ ତତ୍ତ୍ୱ ଏ ସମଗ୍ର ସୃଷ୍ଟିର ମୂଳଭିତ୍ତି। ସେ ଗୁଡ଼ିକ ପଞ୍ଚପ୍ରାଣ, ପଞ୍ଚମହାଭୂତ, ପଞ୍ଚକୋଷ ସଦୃଶ। ସେଗୁଡ଼ିକ ହେଉଛି ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା। ପ୍ରେମ ଏ ସବୁ ଗୁଡ଼ିକର ଅନ୍ତଃସାର। ଆମଠାରେ ଯଦି ପ୍ରେମ ଭାବ ନାହିଁ ତେବେ ତାହା ମୃତ୍ୟୁ ସହ ସମାନ। ଏହି ପ୍ରେମ ହିଁ ସର୍ବବ୍ୟାପି, ସର୍ବଜୀବାନ୍ତରାତ୍ମା, ସବୁକିଛି। ଭାବନା ମାଧ୍ୟମରେ ପ୍ରେମ ହିଁ ସତ୍ୟ। କର୍ମ ମାଧ୍ୟମରେ ପ୍ରେମ ହିଁ ଧର୍ମ। ଅନୁଭବ ମାଧ୍ୟମରେ ପ୍ରେମ ହିଁ ଶାନ୍ତି। ପ୍ରେମକୁ ହୃଦୟଙ୍ଗମ କରିବା ହିଁ ଅହିଂସା। ସତ୍ୟ, ଧର୍ମ, ଶାନ୍ତ ଓ ଅହିଂସା ଏ ସବୁର ଅନ୍ତଃସଲିଳା ହେଉଛି ପ୍ରେମ। ଏହି ପ୍ରେମର ଅଭିବୃଦ୍ଧି ଓ ବିକାଶ ପାଇଁ ଆମେ ଚେଷ୍ଟା କରିବା ଉଚିତ। ଘୃଣାଭାବ ଦୂର କରିବାକୁ ଲାଗିପଡିବା। ନିଜର ପ୍ରବୃତ୍ତି ଓ ଆବେଗକୁ ନିୟନ୍ତ୍ରଣ କରିବା। ଅହଂକାର ବିନାଶ ହେଉ। ମାନବ ଠାରେ ଆଶା କରାଯାଉଥିବା ମାନବିକ ମୂଲ୍ୟବୋଧର ସାରାଂଶ ଏତିକି। କେବଳ ପୁସ୍ତକ ସହ ନିବିଡ଼ ପରିଚୟ ଥିଲେ ଆମେ ଶିକ୍ଷିତ ହୋଇ ପାରିବ ନାହିଁ। ପୁସ୍ତକ ଲବ୍ଧ ଜ୍ଞାନ ଆଜି ପାଇଁ, କାଲିକୁ ଓ ପରଦିନକୁ ତାହା ବିରାଗ ପୂର୍ଣ୍ଣ। ଶିକ୍ଷାରୁ ମିଳୁଥିବା ଜ୍ଞାନ କର୍ମରେ ରୂପାନ୍ତରିତ ହେବା ଦରକାର। ଶିକ୍ଷାର ଚରମ ଲକ୍ଷ୍ୟ ଚରିତ୍ର। ଚରିତ୍ର ବିନା କୌଣସି ମାନବିକ ମୂଲ୍ୟବୋଧ ଥାଇ ନପାରେ। ଚରିତ୍ର ବିନା ମଣିଷ କୌଣସି ଏକ ଜନ୍ତୁ ବା ପଶୁ ଠାରୁ ବି ହୀନ। କଥିତ ଅଛି ଜୀବନର ତିନି ଚତୁର୍ଥାଂଶ ଚରିତ୍ର ଅଟେ। ମାନବ ଜୀବନ ପାଇଛେ ଯେତେବେଳେ ଚେଷ୍ଟା କରିବା ଓ ଦୈବତ୍ୱର ବିଭିନ୍ନ ଉପାଦାନକୁ ଗୋଟିଏ ହାତରେ ଧରି ଅନ୍ୟ ହାତରେ ମାନବିକତାର ସାରତତ୍ତ୍ୱକୁ ଆହରଣ କରିବା। ସମସ୍ତ ଧର୍ମର ଶେଷ କଥା, ସମସ୍ତ ମତବାଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ସମସ୍ତ ଶାସ୍ତ୍ର ପୁରାଣ ମାନଙ୍କର ଭକ୍ତି ସେଇ ଗୋଟିଏ କଥା ପ୍ରେମ, କେବଳ ପ୍ରେମ। ନିର୍ମଳ ପ୍ରେମ। ଦେଖିବାକୁଗଲେ ଭିନ୍ନ ଭିନ୍ନ ଧର୍ମର ସାରକଥା ପୁଣି ସେଇ ପ୍ରେମ। ସାଇଧର୍ମ ହେଉଛି ଏହି ଭିନ୍ନ ଧର୍ମ ମାନଙ୍କ ମଧ୍ୟରେ ଥିବା ଏକତ୍ୱ ଯାହା ପ୍ରକୃତ ଧର୍ମ। ଏ କଥା ଜୀବନରେ ଅନୁଭବ କରିବାକୁ ହେବ। ଥରେ ଆମ ଦୈନନ୍ଦିନ ଜୀବନରେ ଏକଥାଟିକୁ ରୂପ ଦେଇ ପାରିଲେ ଆମ ଜୀବନ ଧନ୍ୟ ହୋଇଯିବ। ଏବଂ ଏହି ଦିବ୍ୟ ସତ୍ତାର ଦୃଷ୍ଟିଭଙ୍ଗୀ ନେଇ ସମାଜରେ ସେବା କ୍ଷେତ୍ରକୁ ଝାସ ଦେବା। ସେବା ନକଲେ ଜୀବନ ବ୍ୟର୍ଥ। କେବଳ ଏଇଥି ପାଇଁ ଆମକୁ ଏ ମାନବ ଶରୀର ପ୍ରଦାନ କରାଯାଉଛି। ପରୋପକାରମିଦଂ ଶରୀରମ୍। ଏଇ ଶରୀରକୁ ଲଗାଇ ଦୁଃଖୀ, ଦରିଦ୍ର, ଅସହାୟ ଓ ନିରାଶ ଲୋକ ମାନଙ୍କର ସେବା କର। ଭାରତର ଶତକଥା ୮୦ ଭାଗ ତରୁଣ ଅବଶିଷ୍ଟ ୨୦ ଭାଗ ମଧ୍ୟ ବୟସ୍କ ଓ ବୃଦ୍ଧ। ଏହି ଯୁବଗୋଷ୍ଠୀ ସାହାଯ୍ୟରେ ଦେଶରେ ବା ପୃଥିବୀରେ କେତେ କଲ୍ୟାଣକର କାମ କରାଯାଇ ପାରନ୍ତା। ଆଜିର ପିଲାମାନଙ୍କର ଯତ୍ନ ଓ ସେମାନଙ୍କୁ ସେବା କ୍ଷେତ୍ରରେ ଆଗୁଆ କରି ପାରିଲେ ସେମାନଙ୍କ ଠାରେ ଦୈବତ୍ୱର ପରିପ୍ରକାଶ କରାଇବା ସଙ୍ଗେ ସଙ୍ଗେ ଭାରତର ଏହି ସନ୍ଦେଶ ବିଶ୍ୱର କୋଣ ଅନୁକୋଣେ ପହଞ୍ଚା ଯାଇ ପାରନ୍ତା। ମାନବ ଜନ୍ମ ପାଇ ମାନବୋଚିତ ବ୍ୟବହାର କରିବା ଉଚିତ। ଜଙ୍ଗଲୀ ଜାନୁଆର ଭଳି ଆଚରଣ ଦେଖାଇବା ନାହିଁ। ମଣିଷ ଭଳି ଜୀବନ ଯାପନ କରିବା ହେଉଛି ମାନବିକ ମୂଲ୍ୟବୋଧ ଶିକ୍ଷାର ସାରକଥା। ତାହା ହିଁ ଦୈବତ୍ୱ। ତାହା ହିଁ ପବିତ୍ର, ତାହା ହିଁ ଦୟା। ନିଜର ଦେହାତ୍ମବୋଧରେ ଭାସି ଯାଅ ନାହିଁ। ମନ ଓ ଆତ୍ମା ମଧ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ। ଶରୀରକୁ ମନ ଓ ଆତ୍ମାର ଅଂଶ ବିଶେଷ ବୋଲି ଗ୍ରହଣ କରିବା। ପ୍ରେମର ସହ ସମାଜ ଭିତରେ ବାସ କରିବା। ଆମ ସମାଜରେ ପ୍ରେମ ଠାରୁ ବଡ଼ ଜିନିଷ କ'ଣ? ଆମ ସମାଜରେ ପ୍ରେମ ଠାରୁ ବଡ଼ ଜିନିଷ ଆଉ କିଛି ନାହିଁ। ଆମେ ବିଶ୍ୱାସ କରୁ ବା ନକରୁ, ପ୍ରେମ ହିଁ ମନୁଷ୍ୟ, ପ୍ରେମ ହିଁ ଏ ସୃଷ୍ଟିରେ, ଏ ସମାଜରେ ସବୁ କିଛି। କେବଳ ଏଇ ପ୍ରେମପୂର୍ଣ୍ଣ କର୍ମ ମାଧ୍ୟମରେ ଭାରତର ପୂର୍ବ ଗୌରବ ଓ ଐତିହ୍ୟକୁ ଫେରାଇ ଆଣି ହେବ।

*ଶିଖରପୁର ଉପରସାହି, କଟକ*
*ଦୂରଭାଷ : ୮୨୮୦୯୬୩୨୮୩*

# ମାତୃଭାଷା ଦିବସ ଓ ଅବହେଳିତ ଓଡ଼ିଆ ଭାଷା



ସୌର ଚନ୍ଦ୍ର ମହାପାତ୍ର

ଭାଷାର ଭୂମିକା ଭାବର ଆଦାନ-ପ୍ରଦାନରେ ସୀମିତ ନୁହେଁ। ମୁଖ୍ୟତଃ ମାତୃଭାଷା ଆମ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ନେଲସନ ମାଣ୍ଡେଲା କହିଥିଲେ 'ଜଣେ ବ୍ୟକ୍ତିକୁ ସେ ଜାଣିଥିବା ଭାଷାରେ କହିଲ ତାହା ମସ୍ତିଷ୍କକୁ ଯାଏ। କିନ୍ତୁ ମାତୃଭାଷାରେ କହିଲେ ତାହା ହୃଦୟକୁ ଛୁଇଁଯାଏ।' ତେଣୁ ବିଶ୍ୱର ବିଭିନ୍ନ ଭାଷାକୁ ବଞ୍ଚାଇ ରଖିବା ଅପରିହାର୍ଯ୍ୟ। ବାଙ୍ଗଲାଦେଶର ପ୍ରସ୍ତାବ କ୍ରମେ ୧୯୯୯ରେ ୟୁନେସ୍କୋ ଦ୍ୱାରା ଅନ୍ତର୍ଜାତୀୟ ମାତୃଭାଷା ଦିବସକୁ ସ୍ୱୀକୃତି ମିଳିଥିଲା। ସେବେଠାରୁ ମାତୃଭାଷାର ସୁରକ୍ଷା ଓ ପ୍ରସାର ପାଇଁ ପ୍ରତି ବର୍ଷ ଆଜି ଦିନକୁ ବିଶ୍ୱବ୍ୟାପୀ ମାତୃଭାଷା ଦିବସ ଭାବେ ପାଳନ କରାଯାଉଛି। ଭାଷାଗତ ବିବିଧତା ଯେକୌଣସି ସମାଜର ସ୍ଥାୟିତ୍ୱ ପାଇଁ ଏକ ନିର୍ଣ୍ଣାୟକ ଉପାଦାନ। ସେହିପରି ଏକ ଶାନ୍ତିପୂର୍ଣ୍ଣ ବିଶ୍ୱ ସ୍ଥାପନ ପାଇଁ ବିଭିନ୍ନ ସଂସ୍କୃତି ଓ ଭାଷା ମଧ୍ୟରେ ସହିଷ୍ଣୁତା ଓ ସମ୍ମାନ ବଜାୟ ରଖିବା ଜରୁରୀ। ଆଜି ପୃଥିବୀରେ ୬୫୦୦ ପ୍ରକାର ଭାଷା ଥିଲେ ହେଁ ପ୍ରତି ଦୁଇ ସପ୍ତାହରେ ଗୋଟିଏ ଭାଷା ଲୋପ ପାଉଛି। ଶିକ୍ଷା କ୍ଷେତ୍ରରେ ମାତୃଭାଷାର ଗୁରୁତ୍ୱ ଅନେକ। ଶିଶୁଟିଏ ନିଜ ମାତୃଭାଷାରେ ସବୁଠାରୁ ଭଲ ଭାବେ ପାଠ ବୁଝିପାରେ। କିନ୍ତୁ ବିଶ୍ୱର ପ୍ରାୟ ୪୦ ପ୍ରତିଶତ ଜନସଂଖ୍ୟାଙ୍କ ପାଇଁ ମାତୃଭାଷାରେ ଶିକ୍ଷା ହାସଲର ସୁବିଧା ନାହିଁ। ତେଣୁ ମାତୃଭାଷା ପର୍ଯ୍ୟବେସିତ ବହୁଭାଷୀ ଶିକ୍ଷାଦାନ ପିଲାଙ୍କ ଶିକ୍ଷାକୁ ସୁଗମ କରିବା ସହିତ ଭାଷାର ସୁରକ୍ଷା ଓ ପ୍ରସାର ଦିଗରେ ମଧ୍ୟ ସହାୟକ ହୋଇପାରିବ। ଏ ଦିଗରେ ବୈଷୟିକ ଜ୍ଞାନକୌଶଳ ଏକ ଶକ୍ତିଶାଳୀ ଅସ୍ତ୍ର। ଏଥିପାଇଁ ଏହାକୁ କେନ୍ଦ୍ର କରି ୨୦୨୨ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ପ୍ରସଙ୍ଗ ରଖାଯାଇଛି -'ବହୁଭାଷୀ ଶିକ୍ଷାରେ ବୈଷୟିକ କୌଶଳର ପ୍ରୟୋଗ : ଆହ୍ୱାନ ଓ ସୁଯୋଗ।'

ଇତିମଧ୍ୟରେ ମାତୃଭାଷା ଦିବସ ଅନୁଷ୍ଠିତ ହୋଇଯାଇଛି। କେତେକ ଖବର କାଗଜର ବିଜ୍ଞାପନ ଓ ସାଧାରଣ ସଭାସମିତି ଭିତରେ ଏହା ଶେଷ ହୋଇଯାଇଛି। ରାଜ୍ୟରେ ପଞ୍ଚାୟତ ନିର୍ବାଚନର ସରଗରମ ଭିତରେ ଏହା ଉପରେ ବିଶେଷ ନଜର ପଡ଼ିନାହିଁ। ଓଡ଼ିଆ ଭାଷା ଏବେ କେଉଁ ପରିସ୍ଥିତିରେ ଅଛି ଅନେକ ପାଠକ ଜାଣିନଥିବେ। ଏଠାରେ କିଛି ଘଟଣା କ୍ରମ ସବିଶେଷ ଭାବେ ଉଲ୍ଲେଖ କରୁଛି। ୨୦୧୬ ମେ ୨୧। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ଚତୁର୍ଥ ପାଳି ଶାସନର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ବଡ଼ ଘୋଷଣା କଲେ। ସେହି ବର୍ଷ ଅଗଷ୍ଟ ୧୫ରୁ ଓଡ଼ିଆ ଭାଷାରେ ହିଁ ରାଜ୍ୟର ଶାସନ ଚାଲିବ ବୋଲି ମନ୍ତ୍ରୀ ପରିଷଦ ବୈଠକରେ କହିଲେ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓଡ଼ିଆ ଭାଷା ପ୍ରେମୀମାନଙ୍କ ମଧ୍ୟରେ ଆଶା ଉଜ୍ଜୀବିତ କଲା। ୨୦୧୬ ଅଗଷ୍ଟ ୧୨ । ଦୀର୍ଘ ୬୨ ବର୍ଷ ପରେ ଓଡ଼ିଆ ଭାଷା ଆଇନ, ୧୯୫୪ର ନିୟମାବଳୀକୁ କ୍ୟାବିନେଟ ସ୍ୱୀକୃତି ମିଳିଲା। ଏହି ଆଇନକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଗଲା। ଏଣିକି ଓଡ଼ିଆ ଭାଷା ଆଉ ରାଜ୍ୟ ଭିତରେ ଅବହେଳିତ ହେବନି ବୋଲି ସମସ୍ତେ ଭାବିନେଲେ। ସେହିପରି ୨୦୧୬ ଅଗଷ୍ଟ ୧୭। ତତ୍କାଳୀନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ପ୍ରଶାସନିକ ଅଧିକାରୀମାନଙ୍କ ବୈଠକ ବସି ଓଡ଼ିଆରେ ସବୁ ଶାସନ କାର୍ଯ୍ୟ ଚାଲିବ ବୋଲି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଗଲା। ଏହାପରେ ୨୦୧୭ ଡିସେମ୍ବର ୨୬ରେ ପୁରୀରେ ହୋଇଥିବା ରାଜ୍ୟ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହେଲା ଯେ ଓଡ଼ିଆ ଭାଷା କମିସନ ଗଠନ ହେବ। ଓଡ଼ିଆ ଭାଷା ବ୍ୟବହାର ଖିଲାପକାରୀଙ୍କ ପାଇଁ ଦଣ୍ଡ ବ୍ୟବସ୍ଥା କଡ଼ାକଡ଼ି ହେବ। ଭାଷା ବ୍ୟବହାରକୁ ନେଇ ସରକାର ଏଣିକି କଠୋର ହେବେ ବୋଲି ବାର୍ତ୍ତା ଦିଆଗଲା। ୨୦୧୬ ଅଗଷ୍ଟ ୧୫ରୁ ଓଡ଼ିଆ ଭାଷାରେ ଶାସନ ପାଇଁ ସରକାର ଘୋଷଣା କରିଛନ୍ତି ସତ କିନ୍ତୁ ଘୋଷଣା ଓ କାର୍ଯ୍ୟକାରିତା ଭିତରେ ଆକାଶ ପାତାଳ ଫରକ। କାଁ ଭାଁ କିଛି ବିଭାଗକୁ ଛାଡ଼ିଦେଲେ ଓଡ଼ିଆ ଭାଷାରେ ଆଦୌ ଫାଇଲ କାମ କରାଯାଉନାହିଁ। ପୁଣି ଏବେ ବିଦ୍ୟୁତ ବିଲ ପରି ସାଧାରଣ ଲୋକଙ୍କ ଦୈନନ୍ଦିନ କାମରେ ଓଡ଼ିଆ ଭାଷା ଦେଖିବାକୁ ମିଳୁନାହିଁ। ଘରୋଇ ସଂସ୍ଥା ହାତକୁ ବିତରଣ ଦାୟିତ୍ୱ ଗଲା ପରେ ସେଥିରୁ ବି ଓଡ଼ିଆ ଭାଷା ଉଠିଗଲାଣି। ସରକାରଙ୍କ ସବୁ ପ୍ରଶାସନିକ ବିଭାଗ ଓ ତୃଣମୂଳ ସ୍ତରରେ ସେବା ଯୋଗାଉଥିବା ସରକାରୀ ସଂସ୍ଥାର ୱେବସାଇଟରେ ଓଡ଼ିଆ ଭାଷାରେ ସବୁ ବିବରଣୀ ଏ ଯାଏ ରହିପାରିଲା ନାହିଁ। ସରକାରୀ ବ୍ୟବସ୍ଥାରେ ତଳୁ ଉପର ଯାଏ ଭାଷା ପ୍ରତି ବିତସ୍ପୃହତା ଦେଖିବାକୁ ମିଳୁଛି।

ଓଡ଼ିଆ ଭାଷା ଆଇନକୁ କାର୍ଯ୍ୟକାରୀ କରିବା ସମୟରେ ଏହି ଆଇନକୁ ଖିଲାପ କରୁଥିବା ବ୍ୟକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ କ'ଣ ହେବ ବୋଲି ପ୍ରଶ୍ନ ଉଠିଥିଲା। ଏଥିପାଇଁ ଭାଷା କମିସନ ଗଠନ ଅନିବାର୍ଯ୍ୟ ବୋଲି ବିଭିନ୍ନ ମହଲରେ ଦାବି ଉଠିଥିଲା। ଭାଷା କମିସନ ଗଠନ ପାଇଁ କ୍ୟାବିନେଟରେ ନିଷ୍ପତ୍ତି ନେଇଗଲେ। କିନ୍ତୁ ନିଷ୍ପତ୍ତି ନେବାର ୪ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ କମିସନ ଗଠନ ହୋଇପାରିଲାନାହିଁ। ସରକାରୀ କଳରେ ଓଡ଼ିଆ ଭାଷା ବ୍ୟବହାରକୁ ବାଧ୍ୟତାମୂଳକ କରିବାକୁ ନିୟମରେ ବ୍ୟବସ୍ଥା କରାଯାଇଛି। ଭାଷାକୁ ଅଧିକ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ପୁରସ୍କାର ଓ ବ୍ୟବହାର କରୁନଥିବା ବ୍ୟକ୍ତିଙ୍କୁ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ଏ ଯାଏ କେହି ପୁରସ୍କୃତ ହୋଇ ନାହାନ୍ତି କି କାହାରିକୁ ଦଣ୍ଡବିଧାନ କରାଯାଇନାହିଁ। ସେହିପରି ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକ ଓଡ଼ିଆ ଭାଷାରେ ନାମ ଫଳକ ଲେଖିବାକୁ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଖୋଦ ରାଜଧାନୀ ସମେତ ସବୁ ସହରରେ ବହୁ ବ୍ୟବସାୟିକ ସଂସ୍ଥାରେ ଓଡ଼ିଆ ଭାଷା ବ୍ୟବହାର ହେଉନାହିଁ। ନା ଏଥି ପ୍ରତି ସରକାର ସଚେତନତା ସୃଷ୍ଟି କରୁପାରୁଛନ୍ତି ନା ନାଲି ଆଖି ଦେଖାଇପାରୁଛନ୍ତି। ସରକାରୀ ସ୍ତରରେ ଏପରି ମାନସିକତା ଓଡ଼ିଆ ଭାଷାର ଏବେ ପ୍ରଧାନ ଶତ୍ରୁ ପାଲଟିଛି। ଭାଷା ଭିତ୍ତିରେ ଓଡ଼ିଶା ଯେ ଏକ ରାଜ୍ୟର ମାନ୍ୟତା ପାଇଥିଲା, ତାହା ବର୍ତ୍ତମାନ କ୍ଷମତାରେ ଥିବା ବ୍ୟକ୍ତିମାନେ ଭୁଲିଗଲେଣି। ଯଦି ଗୋଟିଏ ରାଜ୍ୟର ମାତୃଭାଷା ସେହି ରାଜ୍ୟର ଶାସନର ଭାଷା ହୋଇ ନପାରିବ, ତେବେ ଭାଷାକୁ ସାଧାରଣରେ ବ୍ୟବହାର କିପରି ବ୍ୟାପକ କରାଯାଇପାରିବ? ମାତୃଭାଷାକୁ ହତାଦର କରି କୌଣସି ରାଜ୍ୟ ବିକାଶର ମାପକାଠିରେ ଆଗକୁ ଯାଇଛି କି ବୋଲି ଭାଷାପ୍ରେମୀ ପ୍ରଶ୍ନ କଲେଣି।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*
*ଦୂରଭାଷ : ୯୪୩୭୦୦୪୪୬୬*

# କୁହୁକ ରାତି



ବିଜୟ କୁମାର ପଣ୍ଡା



(ଭାଗ-୩)

ଏହା ଏକ କାଳ୍ପନିକ ଧାରାବାହିକ। ଏହାର କୌଣସି ସାମାଜିକ, ଭୌତିକ ଘଟଣା କିଛି ବି ସାମଞ୍ଜସ୍ୟ ନାହିଁ। କାହାଣୀକୁ ସମ୍ପୂର୍ଣ୍ଣ ବୁଝିବା ପାଇଁ ପୂର୍ବଭାଗ ପଢ଼ିବାକୁ ଅନୁରୋଧ..

ଟର୍କିଶରେ ମୁହଁ ପୋଛିଲା ପରେ ମୋର ମୁଣ୍ଡଟା ବୁଲେଇଲା ପରି ଲାଗୁଥିଲା। ସେଇ ମଧ ବୟସ୍କ ମହିଳା ଜଣଙ୍କ ମୁଣ୍ଡ ଉପରେ ମୁହଁ ରଖି ମୁଁ ଆଉଜି ପଡ଼ିଥିଲି।

ଆଉ ତାପରେ ମୋତେ କିଛି ଜଣା ନାହିଁ। ହୋସ ଆସିଲା ପରେ ଦେଖିଲି କେଉଁ ଗୋଟେ ଅଜଣା ଘରେ ମୁଁ ଏକ ବିଛଣାରେ ଶୋଇଛି।

ମୋ ପିନ୍ଧା ଲୁଗା ସବୁ ଅସଜଡ଼ ଅବସ୍ଥାରେ, ଅନ୍ତବସ୍ତ୍ର ସବୁ ଖୋଲା ପଡ଼ିଥାଏ। ଓଠରୁ ବକ୍ଷ ଏବଂ ଆଂଠୁ ଯାଏଁ କ୍ଷତ ଆଉ ଯନ୍ତ୍ରଣା। କୁଆଁରୀ ଜୀବନରେ ଏମିତି ଏକ ଯନ୍ତ୍ରଣା ଦାୟକ ଅନୁଭବ ସ୍ୱପ୍ନରେ ବି କେବେ କଳ୍ପନା କରିନଥିଲି। ଅସହାୟ ଭାବେ ନାରୀ ଜୀବନର ଅସମର୍ପିତ କୁଆଁରୀତ୍ୱ କୁ ଆକଳନ କରିବାକୁ ଚେଷ୍ଟା କରୁଥିଲି।

ବୋଧେ ରାତି ଅନେକ ହେଇଯାଇଥିଲା। ଝରକାଆଡ଼ୁ ବାହାରକୁ ଦେଖି ନିଜ ଅସ୍ତିତ୍ୱର ଅନୁମାନ କରିବାକୁ ଚେଷ୍ଟା କରୁଥିଲି। ସହରର କୋଳାହଳର ବହୁଦୂରରେ ଥିଲା ପରି ଅନୁମାନ ହେଉଥିଲା। ନିଘୋଡ଼ ଅନ୍ଧକାର ନିଶା ଗର୍ଜନ, ପବନର ସଇଁ ସଇଁ ଶବ୍ଦ, ଝିଙ୍କାରିର ଚିଂ ଚିଂ ଶବ୍ଦ ମୋ ଚେତନାକୁ ଦୋହଲାଇଦେଉଥିଲା। ଦେହରେ ଶିହରଣ ଖେଳିଯାଉଥିଲା।

ମୁଁ ବାହାର ଆଡ଼ୁ ମୁହଁ ଫେରାଇ ମୁଁ ଏବେ ଘର ଭିତରଟାକୁ ନିରେଖି ଅନୁଧ୍ୟାନ କରିବାକୁ ଚେଷ୍ଟିତ। ଘର ଭିତରେ ଆଲୁଅର କୌଣସି ସମ୍ଭାବନା ନଥିଲା। ମୋ ବ୍ୟତୀତ ଅନ୍ୟକୌଣସି ଲୋକର ଉପସ୍ଥିତି ଜାଣିବାକୁ ମୁଁ ପ୍ରୟାସ କରି ବିଫଳ ହେଉଥିଲି। ଦେହର ଯନ୍ତ୍ରଣା ସାଙ୍ଗକୁ ପେଟର ଭୋକ.. ନିଦ ହେବାକୁ ଦେଉନଥାଏ। ଶୋଷ ମେଣ୍ଟାଇବାକୁ ପାଣିଟୋପେ ର ଆଶାବି ମରିଯାଉଥିଲା।

କିଛି ଘଣ୍ଟା ପରେ ହଠାତ କାହାର ପାଦଶବ୍ଦ ଶୁଣି ମୋ ମନରେ ଆହୁରି ଭୟ ସଂଚରିତ ହେଲା। ସେ ପାଦ ସବୁ ମୋ ଆଡ଼କୁ ଅଗ୍ରସର ହେଲା ଭଳି ଲାଗୁଥିଲା।

ଧିରେ ଧିରେ କବାଟଟା କେଂ କରି ଖୋଲିଲା ବେଳକୁ ମୋ ହୃତସ୍ପନ୍ଦନ ଅତିତୀବ୍ର ଗତିରେ ବଢିଚାଲିଥାଏ। ମନରେ ଟିକେ ଦମ୍ଭ ଛଡ଼ା ମୋ ପାଖେ ଆଉ କିଛି ନଥିଲା ଆତ୍ମରକ୍ଷା କରିବାକୁ। ଫୁସ ଫାସ ଶବ୍ଦରୁ ଜଣାପଡୁଥିଲା ସେମାନେ ଦୁଇଜଣ ଥିଲେ।

ଜଣେ ଆଉଜଣକୁ କହିଲା 'ମୋ ମୁହଁଟା କଣ ଦେଖୁଛୁ! ବୋତଲଟା ଧରିଛୁ ତ! ଲାଇଟ ଟା ପକା ଆଉ ଶୀଘ୍ର ଠିପି ଖୋଲେ। ଜଲ୍‌ଦି ଜଲ୍‌ଦି କାମ ସାରିକି ୟାର ସାଙ୍ଗ ଲିପୁନକୁ ଜଣେଇବାକୁ ପଡ଼ିବ।'

ତାପରେ ସେମାନେ ମୋ ଦେହ ସହ ଖେଳିଥିଲେ। ମୋତେ ଏତେ ଯନ୍ତ୍ରଣା ଦେଇଥିଲେ ଯେ ମୁଁ ବଂଚିବା ମରିବା ସମାନ ଥିଲା। କିଛି ସମୟ ମଧ୍ୟରେ ସାଥିରେ ଆଣିଥିବା ପେଟ୍ରୋଲ ମୋ ଉପରେ ଢ଼ାଳିଦେଇ ମୋ ଦେହରେ ନିଆଁ ଲଗେଇ ଦେଇଥିଲେ।

ଆଖିରୁ ଧାର ଧାର ଲୁହ ଦୁଇ ଜଣଙ୍କର କଥା ଛଡ଼େଇ ନେଇ ବୁବୁ ପଚାରିଲା..

'ଲିପୁନ୍ ..!! ତମେ କେଉଁ ଲିପୁନ୍ କୁ ଜାଣିଛ କି?'

:' ଆମ କ୍ଲାସର ଲିପୁନ୍ ,ସେ ଯେଉଁ ନେତାଙ୍କର ପୁଅ।'

ତମେ ଗାଁ କୁ ଯାଇଥିବା ବେଳେ କଣ ଗୋଟେ ବାହାନା କରି ମୋ ପଛେ ପଛେ ସବୁବେଳେ ଘୁରି ବୁଲୁଥିଲା। ଖରାପ ଇଙ୍ଗିତ କରି ତା ସାଙ୍ଗ ମାନଙ୍କ ସହ ମୋ ମଜାକ ଉଡାଉଥିଲା।

ଲଗାତାର ଏମିତି ତାର ଉପଦ୍ରବ ବଢିଚାଲିଲା। ସେଦିନ ସକାଳେ ହିଁ ମୁଁ ଡିନ୍ କୁ ଯାଇ ତା ନାଁରେ କମ୍ପ୍ଲେନ୍ ଦେଇଦେଲି।

ଡିନ୍ ତାକୁ ଡାକି ମୋତେ ଭୁଲ ମାଗିବାକୁ କହିଲେ। ମୁଁ କ୍ଲାସକୁ ପଳେଇଥିଲି। ଆଉ ସେ କଲେଜରୁ କୁଆଡ଼େ ବାହାରକୁ ଚାଲିଗଲା ତା ସାଙ୍ଗ ମାନଙ୍କ ସହ।

(କ୍ରମଶଃ..)

*ସମ୍ପାଦକ -କନକପ୍ରଭା*
*ସବଙ୍ଗ, ସିମୁଳିଆ, ବାଲେଶ୍ୱର,*
*ଯୋଗାଯୋଗ : ୯୭୩୯ ୫୯୧୮୧୬*

# [illegible] କବିତା

## କାଗଜଫୁଲ



ମମତା ପ୍ରିୟଦର୍ଶିନୀ ସାହୁ

ଆଜି ବି ମୋ ତଳି ପକା କନ୍ଥା ତଳେ
ଅସୁମାରୀ ସ୍ୱପ୍ନ।
କିଛି ବଦଳିନି
ଅଗଣାର ଲତା କନିଅର
ଫୁଲର ପେନ୍ଥା
ବାରିପଟ ଗୁହାଳର ନଡା ଛପର।
ହଁ ! ଖାଲି ଯା'
ଧାର ଧାର ଲୁହରେ
ବତୁରିଯାଉଛି ମରୁଭୂମି।
ନଚେତ୍
ଏବେ ବି ଗର୍ଭୋଦୟ ହେଉଛି
ବାହାଲ ଜମିର ବଂଝା ମାଟିରେ।
ପବନରେ ଦୋହଲୁଛି
ବାୟା ଚଢେଇର ବସା
ସରୁ ସରୁ ଧାନକେଣ୍ଡା।
ଦର ଆଉଜା ଦୁଃଖ କବାଟଟି
କେଁ କେଁ କଟ କଟ ହେଉଛି
କୋଉ ଆଗନ୍ତୁକର ହାତ ସ୍ପର୍ଶରେ।
ଜାଣେ
ବେଶୀ କିଛି ଉଜୁଡ଼ି ଯାଇନାହିଁ
କେବଳ ସଂସାରକୁ ଯୋଡିଦେବାର
ଅନାବିଳ ସାହସ ଟିକକ ଆଉ ନାହିଁ।

*ଓଡିଆ ଅଧ୍ୟାପିକା,*
*ସରକାରୀ ଏସ୍ ଏସ୍ ଡି ଏଚ୍ ଏସ୍ ଏସ୍,*
*ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ,*
*ବାଲିଶଙ୍କରା, ସୁନ୍ଦରଗଡ*

## ଜୀବନ ଚିତ୍ର

ସନ୍ଧ୍ୟାରାଣୀ ପରିଜା



ଦେହ ସରାଗର ସପ୍ତଦୀପ ଆଉ
ହୃଦ୍ ବୋଧ ବର୍ଣ୍ଣମାଳା
ମାଟି ସରଗ ରେ ସେନେହ ଛୁଆଇଁ
ଭିଜାଏ ଶିଖର ଶିଳା।
ପଲ୍ଲବିତ ମଧୁ ଅଗଣା ରେ ତାର
ଶୈଶବ ଛୁଆଁଇ ଖଡ଼ି
ଧୂସରିତ ଅଙ୍ଗେ ଶ୍ରଦ୍ଧା ର ପ୍ରଲେପେ
ଶାସନ ପକାଏ ବେଡ଼ି।
କୋମଳ ଅଙ୍ଗରେ ସମ୍ଭାବନା ଗୁନ୍ଥି
ଚଞ୍ଚଳ ପଦ ଯୁଗଳେ
ମାଟିର ଦେଉଳ ମୃଣ୍ମୟୀ ଛବିଟି
ସଞ୍ଚଇ ସ୍ମୃତି ଆଞ୍ଜୁଳେ।
ପ୍ରସ୍ଫୁଟି ତ ଦେହର ଭୂଗୋଳ
ମଧୁମାସ ଛୁଆଁ ପାଇ
ବାରମାସ ଯାକ ସ୍ୱପ୍ନ ଛୁଉଁ ଥାଏ
ପାର୍ବଣ ସଙ୍ଗୀତ ଗାଇ।
ସୁଖର ସଉଦା କରୁଥାଏ କେବେ
ଜୀବନର ମଧୁଶାଳେ
ମଉଳ ମୁଣ୍ଡାଇ ଖୁସି ପସରାରେ
ବାଣ୍ଟୁ ଥାଏ ଖରାବେଳେ।
ଆସଇ ବସନ୍ତ ବର୍ଷା ଓ ବୈଶାଖ
ଆସନ୍ତା କାଲିର ଭେଟ
ଦେହ ଦେଉଳ ରେ ବିଚରଣ କରି
କରନ୍ତି ମନ ଉଚ୍ଚାଟ।
ଦେହ ବି ପାଲଟି ପାରେ ପଉଷର
ହସନ୍ତ ଲୋଭିଲା କ୍ଷେତ
କୀର୍ତ୍ତି ଆଉ ଗାରିମା ର ଗୀତ ଗାଇ
ବୁଣେ ବିଜୟ ସଂକେତ।

*ଶୈଳଶ୍ରୀ ବିହାର, ଭୁବନେଶ୍ୱର*

## ପିଲାଙ୍କ ଦୁନିଆ





ଭିଶ୍ରୁତି
ଷ୍ଟାଣ୍ଡାର୍ଡ - ୧
ମଡର୍ଣ୍ଣ ପବ୍ଲିକ ସ୍କୁଲ
ନୋଏଡା, ଉତ୍ତର ପ୍ରଦେଶ

# ବାସ୍ ତମେ ମୋର ଦରକାର

କାହ୍ନୁ ଚରଣ ସାହୁ





ସାଧା-ସିଧା, ମଧ୍ୟମ ଶ୍ରେଣୀର ପିଲାଟିଏ କାହ୍ନା। ତାଙ୍କ ସେକ୍ସନ ର ପ୍ରାୟ ସମସ୍ତେ, କିଏ ବାଇକ ରେ କଲେଜ ଆସିଲା ବେଳକୁ ଆଉ କିଏ କାର୍ ନେଇକି ଆସେ କିନ୍ତୁ କାହ୍ନା ସାଧାରଣ ଗୁଟେ ସାଇକେଲ୍‌ରେ ପ୍ୟାଡଲ ମାରିମାରି ଆସେ। କଲେଜରୁ ଫେରିବା ବେଳକୁ କେବେ ସାଇକେଲର ଚେନ ଖସିଯାଏ ତ ଆଉ କେବେ ପମ୍ପଚର ହେଇଯାଇଥାଏ। କାହ୍ନା ସମସ୍ତଙ୍କ ସହିତ ଖୁବ୍ କମ ସମୟରେ ମିଶିଯାଉଥିବା ପିଲାଟିଏ ହେଲେ କାହିଁକି କେଜାଣି କ୍ଲାସ ଟପର, ମିସ୍ କଲେଜ ଶ୍ରୀ ସହିତ ମିଶିବାକୁ ଯେତେ ଚେଷ୍ଟାକଲେ ବି ସଫଳ ହେଉ ନଥାଏ। ଶ୍ରୀ ବି ସମସ୍ତଙ୍କ ସହିତ କଥାହୁଏ, ଚଗଲାମୀ କରେ କିନ୍ତୁ କାହ୍ନାକୁ ଦେଖିଲେ ରାଗିଯାଏ। କାହ୍ନା ଯାହା କରେ ତାର ଓଲଟା ସିଏ କରିବ। କାହ୍ନାର ଛୋଟରୁ ଅତିଛୋଟ ଭୁଲଟିଏ ମଧ ସେ ସହିପାରେନି। ବୋଧେ ଶ୍ରୀ ର ପରମ ଶତ୍ରୁ ଯଦି କେହିଥାଏ କଲେଜ କ୍ୟାମ୍ପସ ମଧ୍ୟରେ ତେବେ ସିଏ କାହ୍ନା। ଦିନେ ଦିନେ ତ ଛୋଟିଆ କଥାକୁ ନେଇ ମହାଭାରତ ଆରମ୍ଭ ହେଇଯିବ ଆଉ ସେ ଦିନ ବିଚରା କାହ୍ନାର ସାଇକେଲ ପମ୍ପଚର ହେଇଯାଇଥିବା ସ୍ୱାଭାବିକ କଥା। ସାଇକେଲ ପମ୍ପଚର କରିବା ପଛରେ ଶ୍ରୀ ର ହିଁ ହାତଥାଏ ଜାଣି ବି କାହ୍ନା ତୁନି ରହିଯାଏ ଆଉ ଚାଲିଚାଲି ଫେରେ। ଶ୍ରୀକୁ ଏସବୁ ବୋଧେ ଆନନ୍ଦ ଦିଏ।

ଦୀର୍ଘ ଦୁଇ ବର୍ଷ ଶ୍ରୀ କାହ୍ନା ସହ ଖୁବ୍ ଅନ୍ୟାୟ କରିଛି, ହଇରାଣ କରିଛି ଏହା ସମସ୍ତେ ଜାଣନ୍ତି କିନ୍ତୁ କେହି କିଛି କହିବାକୁ ସାହସ କରନ୍ତିନି। କାରଣ ସେ (ଶ୍ରୀ) କ୍ଲାସ ଟପର, ପୋଲିସ ଅଫିସର ର ଏକମାତ୍ର ଅଲିଅଳି ଝିଅ। ଆଜି ଫେରେୱେଲ ସବୁଦିନ ସମସ୍ତଙ୍କ ସହ ଗପୁଥିବା, ସମସ୍ତଙ୍କୁ ହସଉଥିବା ପିଲାଟି ଗୋଟେ କୋଣରେ ଜୀବନ ନ ଥିଲା ପରି ବସିଛି। ହସହସ ଚେହେରା ଶୁଖିଯାଇଛି। ଏପଟେ ଚୁଲବୁଲି ନାୟିକା ଶ୍ରୀ ସାଇଲେଣ୍ଟ ମୁଡରେ। ସବୁଦିନ ଶ୍ରୀ ଝଗଡା କରେ କାହ୍ନା ସହ ଅଥଚ ଆଜି କରୁନି କେବଳ ବାରବାର କାହ୍ନାକୁ ଚାହୁଁଛି।

ଦୁଇବର୍ଷ ହେଲା ସମସ୍ତେ ଗୋଟିଏ ପରିବାର ପରି ଥିଲେ। କିଛି କ୍ଷଣପରେ ବିଦାୟ ନେବେ ଆଉ ସମସ୍ତଙ୍କ ଆଖିରେ ଲୁହର ବନ୍ୟା। ହଠାତ୍ ସେତିକି ବେଳେ ଶ୍ରୀ' କାହ୍ନାକୁ ଯାଇ ଜାବୁଡି ଧରିଲା ଓ କାନ୍ଦିବାକୁ ଲାଗିଲା। ସମସ୍ତେ ଅବାକ୍! ଏ କ'ଣ..? ପୂର୍ବରେ ଉଦୟ ହେଉଥିବା ରବି ଆଜି ବୋଧେ ପଶ୍ଚିମରେ ଉଭା। କ୍ଲାସରେ ସମସ୍ତେ ଏ ବିଚିତ୍ର ଦୃଶ୍ୟଦେଖି ଚାହିଁ ରହିଥାନ୍ତି ଦୁହିଁଙ୍କୁ। କାହ୍ନା ହାତ ଛାଡେଇବାକୁ ଚେଷ୍ଟା କରୁଥାଏ ଓ କହୁଥାଏ.....

କାହ୍ନା - ଆରେ ଛାଡୁନ। କଣ ଯେ ଛୋଟ ଛୁଆ ଭଳି କାନ୍ଦୁଛ?

ଶ୍ରୀ - ସୋରୀ......ସରି, ମୋତେ କ୍ଷମା କରିଦିଅ।

କିଛି ସମୟ ଭିତରେ ପାଖାପାଖି ୫୦ ଥର ସୋରୀ କହିସାରିଥିବ ଶ୍ରୀ। କେହି ବୁଝିପାରୁ ନ ଥାନ୍ତି, ଆଜି ଏ କଣ ଦେଖୁଛି ଆଖି।

କାହ୍ନା - ହଉ କ୍ଷମା କଲି, ଏଥର ତ ଛାଡ଼।

ଶ୍ରୀ - ନାଁ, ଜମା ନୁହେଁ।

କାହ୍ନା - କଣ ହେଇଛି କି ତମର?

ଆଜି କଣ ଏମିତି ମେଣ୍ଟାଲ ପରି ହଉଛ?

ଶ୍ରୀ - କିଛି ନାହିଁ, ବାସ୍ ତମକୁ ସାରା ଜୀବନ ଏମିତି ଜାବୁଡି ଧରିବାକୁ ଇଚ୍ଛା ହେଉଛି।

କାହ୍ନା - ଛୋଟ ଛୁଆ ପରି କଥା କୁହନି। ଶ୍ରୀ....ଛାଡ଼ ପ୍ଲିଜ.....ସମସ୍ତେ ଦେଖୁଛନ୍ତି।

ଶ୍ରୀ - ଦେଖନ୍ତୁ, ମୁଁ ଛାଡିବିନି। ଯଦି ଛାଡ଼ିବି ଗୋଟେ ସର୍ତ୍ତରେ ଛାଡ଼ିବି।

କାହ୍ନା - ହଉ, ଛାଡ଼ କି ସର୍ତ୍ତ କହ।

ଶ୍ରୀ - ପ୍ରମିଶ.....

କାହ୍ନା - ହଁ ବାବା, ପ୍ରମିଶ...... ଛାଡ଼ ଏଥର

ଶ୍ରୀ - ଆଇ ଲଭ ୟୁ........ ଡୁ ୟୁ ମେରୀ ମି......

କାହ୍ନା - (ପୁରା ସକ)..... ଏ କଣ କହୁଛ ଶ୍ରୀ..... ପଗେଳି ହେଇଗଲ ନା କଣ?

ଶ୍ରୀ - ତମେ ଯାହା ଭାବୁଛ ଭାବ ବାସ୍ ତମେ ମୋର ଦରକାର।

ସମସ୍ତେ ଚାହିଁଥାନ୍ତି। କାହ୍ନା ସହ ପ୍ରତିଦିନ ଦୁଷ୍ଟାମୀ କରୁଥିବା ଝିଅ ଯେ ଆଜି ତାକୁ ବାହାହେବା ପାଇଁ କହୁଛି କେହି ବିଶ୍ୱାସ କରିପାରୁନାହାନ୍ତି। ସତରେ ଅଜବ ଏ ପ୍ରେମ, ମଣିଷକୁ ବଦଳେଇ ଦେଇପାରେ। ପ୍ରତାରଣାର ସହରେ ପ୍ରେମର ପୁଷ୍ପ ବର୍ଷା କରିପାରେ।

*ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି*
*ମୋ- ୮୨୪୯୫୨୦୮୮୦*

# କବିତାର କଥା

(ଭାଗ-୫୮)



ଉମାକାନ୍ତ ରାଉତ



## ଚର୍ଚ୍ଚାର ତପୋବନ - ପ୍ରେମର ରାଣୀହଂସପୁର

ମୋର କହିବାର କଥା ; ପ୍ରେମକୁ ଛାଡ଼ି କବିତା ପାଇଁ ଏ ଦୁନିଆରେ ଆଉ କିଛି ବିଷୟ/ଉପାଦାନ/ବିଭବ ଅଛି କି? ମାଟିକୁ ଛାଡ଼ି ବା ଆଡ଼େଇ ଦେଇ ଊର୍ଦ୍ଧ୍ୱ ଉଡ଼ାଣର ସମ୍ଭାବନାଟିଏ ଆମେ କଳ୍ପନା କରି ପାରିବା କି? ମାଟିର ଅନ୍ୟ ନାମ ପ୍ରେମ ନୁହେଁ ତ ଆଉ କ'ଣ?

ସବୁ ଘଟରେ ଶୂନ୍ୟର ଆସ୍ଥାନ ଭଳି ସବୁ କବିତାର ମୂଳ ମନ୍ତ୍ର ହିଁ ପ୍ରେମ। ଏହା ହୋଇପାରେ ଅଶିଣର ମେଘମୁକ୍ତ ଆକାଶରେ ନୈସର୍ଗିକ ନୀଳିମାର ନିଆରା ନିମନ୍ତ୍ରଣ ଅବା ସବୁଜ ଶୈଳର ସିଲ୍‌ହଟରେ ମଉନ ମୁନୀଙ୍କ ପରି ଭାବଗମ୍ଭୀର।

ଘଟ ଭିତରେ ଶୂନ୍ୟ ଆଉ କବିତା ଭିତରେ ପ୍ରେମକୁ ଦେଖିବାପାଇଁ ଯେଉଁ ଆଖି ଦରକାର, ସେ ଆଖି ଯଦି ଆମର ନଥାଏ ତେବେ କବିତାକୁ ଦୋଷଦେବା ସମିଚୀନ କି? କାଟି ନ ଜାଣିଲେ କଟୁରୀ ଦୋଷ ନା ଚାଲି ନ ଜାଣିଲେ ବାଟର ଦୋଷ? ଏହା ତମ୍ବୁ ଭିତରେ ରହି ଆକାଶ ନାହିଁ ବୋଲି କହିଲା ଭଳି କଥା ନୁହେଁ କି? ଏକଥା ଯଦି କେହି ମୋତେ ପଚାରେ, ଗୋଟେ ଚକ୍ଷୁଷ୍ମାନ ଆଖି ଆଡ଼କୁ ଇସାରା କରି ମୁଁ କହିଦେଇପାରେ ......

ଏବେ ମୋତେ ପଚାରନି,ବଳେ ବୁଝିପାରିବ
କଳମର ସିନ୍ଧୁ ଭଳି ବିନ୍ଦୁ ମୂନରେ
ମୁଁ ଏ ଯେଉଁ ଆଖି ଆଙ୍କୁଛି
ସେ ଆଖିର ଜୀବନ୍ୟାସ ଦିନ ଦେଖିବ
ସେ ଆଖିର ପୁଅଡୋଳା ସକାଳର ସୂର୍ଯ୍ୟ
ଆଉ, ଆଖିପତା ଦୂର ଦିଗବଳୟ ....
ସେ ଆଖିରୁ ଝରୁ ନଥିବ ଲୁହ
ଝରିଲେ ତ ଝରିବ ଗଙ୍ଗଶିଉଳିର ସ୍ତବକ।
ଚମକି ଯିବ ତ ଘୋଟିଯିବ ନାହିଁ ଭୟ
ଲେପିଯିବ ଦିଗ, ଦିଗବିଜୟ;
ଜୀବନ୍ୟାସ ପାଇବାର ଦିନ
ସେ ଆଖି ଖୋଜି ବୁଲିବ
ଦୟାନଦୀ କୂଳର ଚେତନା ନିସ୍ତବ୍ଧ
ଶତ ଶତ ଚଣ୍ଡାଶୋକ ଉଦ୍ଧାରିବା ପାଇଁ
କେଇଥର ଯୁଦ୍ଧ ଆବଶ୍ୟକ।
ସେ ଆଖି ଦେଖେଇ ଦବ
ଧ୍ୱସ୍ତ ବାବରି ମସଜିଦର ଧ୍ୱଂସସ୍ତୁପ ତଳେ
କେମିତି କୋଳାକୋଳି ହେଉଛନ୍ତି
ଆଲ୍ଲା ଓ ଈଶ୍ୱର!
ୟା' ଠାରୁ ବଳି ଉତ୍କୃଷ୍ଟ କିଛି ପ୍ରେମ କବିତା ଅଛି କି ତୁମ ପାଖରେ ?ଯଦି ଅଛି କୁହ ? ହଁ ଥିଲେ ଥାଇପାରେ ନିମ୍ନମତେ.......

ପ୍ରେମର ଜହ୍ନ ଦାଢ଼ରେ ନିଜକୁ
ଟୁକୁରା ଟୁକୁରା କରି କାଟି ସାରି
ଝରିଯାଉଥିବା ରକ୍ତର ଝୋଳକୁ
ଆଞ୍ଜୁଳାରେ ତୋଳି ଆଣି ଦେଖେ ତ
ସମ୍ପର୍କର ମାଟି ହାଣ୍ଡି ଚୁରମାର...!

ଏହା ଆଦୌ ବିତର୍କ ନୁହେଁ - ଚର୍ଚ୍ଚା। ବିତର୍କରୁ ଏକ ନିଷ୍କର୍ଷର ଆବିର୍ଭାବ ହୁଏ। କାରଣ ସେଠି ଯୁକ୍ତିତର୍କ ଏବଂ ଶେଷରେ ବିଚାରକଙ୍କ ଦ୍ୱାରା ତଥ୍ୟ ଓ ପ୍ରମାଣର ଆଧାରରେ ତାର ଏକ ନିଷ୍କର୍ଷ ନିର୍ଣ୍ଣୟ କରାଯାଇଥାଏ। ହେଲେ ଆଲୋଚନା ବା ଅନ୍ୟ ବାଟରେ କହିଲେ ଚର୍ଚ୍ଚା ରେ ସମସ୍ତଙ୍କର ଭାଗ ନେବାର ସମାନ ଅଧିକାର ଥାଏ। ସଜାଗଭାବେ ଏହା ସମାଧାନର ଏକ ରାସ୍ତା ବାହାର କରିବାର ମହତ୍ ଉଦ୍ଦେଶ୍ୟ ନେଇ ହୋଇଥାଏ। ସମାଧାନ ହେଉ କି ନହେଉ, ଏହାର ପରିଣତି କାହାକୁ ସାମାନ୍ୟ ବି ଆଘାତ ଦିଏନା। ସୁତରାଂ ଜଣେ ଏହାକୁ ସ୍ୱତଃ ଗ୍ରହଣ କରିପାରେ ବା ପ୍ରତ୍ୟାଖ୍ୟାନ କରିପାରେ। ଅତଏବ ଏହାର ଶିରୋନାମ ଚର୍ଚ୍ଚା ରଖି ମୁଁ ମୋର ସନ୍ତୋଷ ବ୍ୟକ୍ତ କରୁଛି।

ମୁଖପୁସ୍ତକରେ ପ୍ରେମ ସମ୍ପର୍କିତ ଚର୍ଚ୍ଚାର ମନ୍ତବ୍ୟଗୁଡିକ ମଧ୍ୟରୁ କେତେକ ଉଚ୍ଚକୋଟିର ଏବଂ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଥିଲେ ହେଁ,ଅନେକ ମନ୍ତବ୍ୟ ଶସ୍ତା, ଆବେଗହୀନ। ସେସବୁ କେବଳ ଚର୍ଚ୍ଚାରେ ରହିବାପାଇଁ ମନ୍ତବ୍ୟ ପାଇଁ ମନ୍ତବ୍ୟ ଦେବା ଅଥବା ବିଷୟବସ୍ତୁ ସହ ସମ୍ପର୍କ ନଥିଲାଭଳି ଲାଗେ। ସଂକ୍ଷେପରେ କହିଲେ କେତେକ ଆନ୍ତରିକ ଥିଲାବେଳେ ଅନେକ ମନ୍ତବ୍ୟ ଥାଏ ଅନ୍ତରଙ୍ଗଶୂନ୍ୟ ଓ ଅନ୍ତଃସାରରହିତ। ହେଲେ ଚର୍ଚ୍ଚାର ଦର୍ଶନ ଅନୁଯାୟୀ କେହି ଅପାଂକ୍ତେୟ ନୁହେଁ; ସଭିଏଁ ସ୍ୱାଗତଯୋଗ୍ୟ।

ସବୁ ମତମନ୍ତବ୍ୟକୁ ତନ୍ନତନ୍ନ ପରୀକ୍ଷା ନିରୀକ୍ଷା କରି, ପୁଙ୍ଖାନୁପୁଙ୍ଖ ଟୀପ୍ପଣୀ ଦେଲେ ମହାଭାରତଟିଏ ହେଇଯିବାର ଆଶଙ୍କା ଅଛି। ସୁତରାଂ ସାମଗ୍ରୀକ ଭାବେ ସେସବୁର ଏକ ସମ୍ୟକ୍ ଓ ସୁସଂହତ ଆକଳନପୂର୍ବକ ଏକ ସମୟୋପୋଯୋଗୀ ନିର୍ଯ୍ୟାସ ତୋଳିବା ଉଚିତ୍।

ଏବେ ସିଧା ପ୍ରବେଶ କରିବା ଚର୍ଚ୍ଚାର ତପୋବନକୁ , କବିତାର ରାଜମହଲକୁ ଏବଂ ପ୍ରେମର ରାଣୀହଂସପୁରକୁ। କରିବା କବିତାର ଜୟଗାନ...। ସମସ୍ତଙ୍କୁ ବିନମ୍ର ନିବେଦନ କରିବା ସାମିଲ୍ ହେବାକୁ କବିତାର ଏ ମହାଯାତ୍ରାରେ... କବିତାର ଏ ମହାପର୍ବରେ...। ବୁଝେଇଦେବା କବିତାର ମନ୍ତ୍ର ପଢି ବିଶ୍ୱକୁ ବଦଳେଇଦେବାର ଦୁଃସାହସରେ ଅପୂର୍ବ ମନୋରଥ ଭୋଗିବାର କଥା। ବୁଝେଇଦେବା ତୁଚ୍ଛତାର ଶୂନ୍ୟବେଦୀରେ କେମିତି କରାଯାଏ ପୂର୍ଣ୍ଣତାର ଆବାହନ! ବୁଝାଇ ଦେବା କବିତାର କଷଟିରେ କାଳବିବେଚନତା ନା କାଳ ନିର୍ବିଶେଷରେ କବିତାର ପରାକାଷ୍ଠା? ବୁଝେଇ ଦେବା କବିତାର ପ୍ରତ୍ୟୟର କଥା। ସିଏ ପ୍ରେମ କବିତା ହେଉ କି ଅପ୍ରେମ କବିତା। ପ୍ରେମ ବିନା ସୃଷ୍ଟି ସମ୍ଭବ କି? ତା'ହେଲେ ପ୍ରେମ ବିନା କେମିତି ସମ୍ଭବ ହେବ କବିତା?ବାସ୍, ଏତିକି କହୁ କହୁ ତା'ର ପ୍ରାଣବାୟୁ ଚମ୍ପଟ୍ ଛୁ.......! ଶେଷରେ 'ତାଲା ତାଲା' ଶବ୍ଦ ଉଚ୍ଚାରଣ କରିଥିବାରୁ ତା'ର ସବୁ ବେପାରୀ ମାନସିକତାର ଚାଲାକିଆ ଦାନଖୈରାତି କର୍ମରେ ତାଲା ଲାଗିଗଲା ହଜୁର୍।'

ହାଃ....ହାଃ....ହାଃ....ଖୁବ୍ ଜୋରରେ ହସିଉଠିଲେ ଯମରାଜ।

'ଉଚିତ୍ ବିଚାର, ଉଚିତ୍ ବିଚାର। ମୋ' ଦରବାରରେ ପୁଣି ଗଡ଼ବଡ଼୍! ଧନ୍ୟ ତୁମେ ମୋର ଯୋଗ୍ୟତମ ମନ୍ତ୍ରୀ...ଧନ୍ୟ ମନ୍ତ୍ରୀବର। ତୁମକୁ ନିଶ୍ଚିତଭାବେ ପୁରସ୍କାର ପ୍ରଦାନ କରାଯିବ। ଆଉ ଯେ ମୂଢ ମାରୁୱାଡିଟା ଚାଲାକି ଉପରେ ଚାଲାକି କରି ଆମ୍ଭକୁ ବି ଭ୍ରମରେ ପକାଇବାର ଚାଲ୍ ଖେଳିଥିବାରୁ ୟାକୁ ଡବଲ୍ ଦଣ୍ଡ ଦିଆଯାଉ।'

'ହେଲେ, ଥରୁଟିଏ ଦଣ୍ଡରେ କଣ୍ଟାରେ ଚିପି ହୋଇ ଏଇଟା ଧ୍ୱଂସ ହେଇଯିବ ସାର। ୟାକୁ ଦୁଇଥର ଦଣ୍ଡ କେମିତି ଦେବୁ,ସାର୍?' - ଜଣେ ପୁରୁଖା କର୍ମଚାରୀ ଜିଜ୍ଞାସା କଲେ। ପୁଣି ଥରେ ଘଡ଼ଘଡ଼ିଆ ହସଟେ ହସିଲେ ଯମରାଜ। କହିଲେ - 'ଆରେ ଏତିକି ବୁଝିପାରୁନାହଁ? ୟାର ଖାତାରେ ଲେଖିଦିଅ ଯେ ଏଇଟାକୁ ତା' କୃତକର୍ମପାଇଁ କଣ୍ଟାଫୋଡା ହୋଇ ମୃତ୍ୟୁଦଣ୍ଡ ଦେଲାପରେ ବି ଇୟେ ସମ୍ପୂର୍ଣ୍ଣ ପାପମୁକ୍ତ ନ ହେଉ। ତେଣୁ ତା'ର କର୍ମ ଅନୁଯାୟୀ ପୁଣିଥରେ ସିଏ ଚାଲାକ୍ ମାରୁୱାଡିଟିଏ ହୋଇ ଜନ୍ମ ହେବ। ସୁତରାଂ,ପ୍ରାରବ୍ଧ କର୍ମ ପ୍ରବାହରେ ଟାଣିହୋଇ ସିଏ ରାଉରକେଲା ଯାଇ ପୁଣି ଚୋରାକଣ୍ଟା କାରବାର ଚଳେଇବ ହିଁ ଚଳେଇବ। ତା'ପରେ ସମଦଶା ଭୋଗିବ। ଅତଏବ୍ ଦଣ୍ଡଟା ଡବଲ୍ ହେଇଯିବ! ଭେରି ସିମ୍ପଲ୍।'

ଏହି ସମୟରେ ପୁଣି ଥରେ ବୋବାଳି ଛାଡ଼ିଲା ସେ ଚତୁର ମାରୁୱାଡି.....' ନୈହିଁ ...,ନେହିଁ...ହମକୋ ଓକିଲ୍ ଦେନେ କା ମୌକା ଦିଆଯାଏ। ୟେ ଏକତରଫ୍ ବିଚାର୍ ହମ୍ ନେହିଁ ମାନେଙ୍ଗେ ।ୟେ ବାତ୍ ହମ୍ ମିଡ଼ିଆ ତକ୍ ଲେଙ୍ଗେ। ପୈସା ଫେକେଙ୍ଗେ। ଜେଠମାଲାନୀକା ପାଶ୍ ଯାଏଙ୍ଗେ ।କପିଲ୍ ଶିବାଲ୍ କା ପାଶ୍ ଯାଏଙ୍ଗେ। ସୁପ୍ରିମକୋର୍ଟ ଯାଏଙ୍ଗେ। ମଗର୍ ଛୋଡୁଙ୍ଗେ ନେହିଁ।'

ଶିଙ୍ଗ ଉଠିଥିବା ଦୁଇଜଣ ଭୟଙ୍କର ଯମଦୂତ ଆସି ଦୁଇଟି ଷଣ୍ଢୁଆସୀରେ ତା'ମୁହଁକୁ ଏମିତି ମୋଡ଼ି ଦେଲେ ଯେ ତା'ର ମୁହଁଟା ମୋଡ଼ି ହୋଇଯାଇ ଗଣ୍ଠିଟିଏ ଭଳି ଦେଖାଗଲା। ଯେତେ ଗର୍ଜନ ତର୍ଜନ ରଡ଼ି ବୋବାଳି କଲେ ବି ସେସବୁ ତା'ରି ପାଟି ଭିତରେ ପ୍ରତିଧ୍ୱନିତ ହୋଇ ତା'ର ନିଜ କାନ ଭିତରେ ଘାଉଁ ଘାଉଁ ହେବାକୁ ଲାଗିଲା। ବାହାରେ କାହାରିକୁ ଶୁଣାଗଲା ନାହିଁ ସେ ଶବ୍ଦ।

ଟଣା ଘୋଷଡ଼ା ଚାଲିଥିଲାବେଳେ ମନ୍ତ୍ରୀବର ଚଢ଼ା ଗଳାରେ ଯମଦୂତମାନଙ୍କୁ ଆଦେଶ ଦେଲେ - 'ଆରେ ଏଇଟାକୁ ବେଶି ଘୋଷଡ଼ା ଘୋଷଡି ନକରି ସାବଧାନ ସହକାରେ ଦଣ୍ଡଶାଳାକୁ ନିଅ। ନହେଲେ ଏଇଟା ଏଇଠି ପଡ଼ିଗଲାତ ପୁଣି କ୍ରେନ୍ ଫ୍ରେନ୍ ମଗେଇବାର ବ୍ୟବସ୍ଥା କିଏ କରିବ?

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

## ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବି

# ଓଜେୟୁ କଳାହାଣ୍ଡି ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**ଭବାନୀପାଟଣା :** ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଖବର ସଂଗ୍ରହ ସମୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପ୍ରତି କରାଯାଇଥିବା ବର୍ବୋରଚିତ ଆକ୍ରମଣ ଘଟଣାକୁ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି କ୍ରମରେ ଓଜେୟୁ କଳାହାଣ୍ଡି ଶାଖା ପକ୍ଷରୁ ମଧ ପ୍ରତିବାଦ କରାଯିବା ସହ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବି କରାଯାଛି। ସୂଚନାରୁ ପ୍ରକାଶ ଯେ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ଗତ ୨୦ ତାରିଖ ରବିବାର ଦିନ ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳରେ ୪ଜଣ ସାମ୍ବାଦିକଙ୍କୁ ଆକ୍ରମଣ କରିବା ସହିତ ଅପହରଣ ଘଟଣାକୁ ନେଇ ସାମ୍ବାଦିକ ମହଲରେ ତୀବ୍ର



ଅସନ୍ତୋଷ ପ୍ରକାଶ ପାଇଛି। ଏହା ସହିତ ଚଳିତ ମାସ ୧୬ ଓ ୧୮ ତାରିଖରେ ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକର ଭୁସ୍କିମାଲ, କଟକ ଜିଲ୍ଲାର ସଦର ବ୍ଲକ, ଚାନ୍ଦବାଲି, ପୁରୀ ଜିଲ୍ଲାର କଣାସ ଓ ପିପିଲିରେ ଅଧିକାଂଶ ସାମ୍ବାଦିକଙ୍କୁ ବର୍ବୋରଚିତ ଆକ୍ରମଣ କରିବା ଓ ପୋଲିସର ନିଷ୍କ୍ରିୟତାକୁ ନେଇ ସାମ୍ବାଦିକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି। ଏହି ଘଟଣାର ପ୍ରତିବାଦରେ ଓଜେୟୁ କଳାହାଣ୍ଡି ଜିଲ୍ଲା ଶାଖା ସାଧାରଣ ସମ୍ପାଦକ ଲକ୍ଷ୍ମଣ ସ୍ୱାଇଁଙ୍କ ନେତୃତ୍ୱରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବିରେ କଳାହାଣ୍ଡି ଜିଲ୍ଲା ଅତିରିକ୍ତ ଆରାକ୍ଷୀ ଅଧିକ୍ଷକ ବିଜୟ କୁମାର ନନ୍ଦଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ପ୍ରତିନିଧି ଦଳରେ କଳାହାଣ୍ଡି ଜିଲ୍ଲା ଶାଖାର କୋଷାଧ୍ୟକ୍ଷ ଅଭିରାମ ପ୍ରସାଦ ପଟ୍ଟନାୟକ, କାର୍ଯ୍ୟକାରୀ ସଦସ୍ୟ ନରେନ୍ଦ୍ର କୁମାର ଦାସ, ବିରଞ୍ଚି ନାରାୟଣ ଯୋଶୀ, ଶରତ ଚନ୍ଦ୍ର ସାହୁ, ସଞ୍ଜୟ ବେହେରା, ବିଶ୍ୱଜିତ୍ ମହାନ୍ତି, ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ଜିଲ୍ଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶାନ୍ତି ଶୃଙ୍ଖଳାରେ ଶେଷ

**ଜଗତସିଂହପୁର :** ଜିଲ୍ଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅବାଧ ଓ ନିରପେକ୍ଷ ଭାବେ ପଞ୍ଚମ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଖୁବ୍ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସବୁ ଦିଗରେ ନଜର ରଖାଯାଇ ପ୍ରସ୍ତୁତି ଏପରି ଗ୍ରହଣ କରାଯାଇଥିଲା ଯେ କୌଣସି ସ୍ଥାନରେ ବୁଥ୍ ରିଗିଂ ବା ଗଣ୍ଡଗୋଳ ମାନ ହୋଇନଥିଲା। ଏପରିକି ଜନସାଧାରଣ ମାନେ ନିଜ ମତଦାନ ଖୁବ୍ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିଥିଲେ। ଯେଉଁ ସ୍ଥାନରେ ବୁଥ୍ ରିଗିଂ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା ସେ ଖବର ପ୍ରଶାସନର ନଜରକୁ ଆସିଲା ପରେ ପୁନଃ ମତଦାନ ପାଇଁ ତାରିଖ ନିର୍ଦ୍ଧାରଣ କରାଯାଇ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଯାଇଛି। ଜିଲ୍ଲାରେ ବାଲିକୁଦା ବ୍ଲକ ୧୬ତାରିଖରେ, ଜଗତସିଂହପୁର ବ୍ଲକ ୧୮ତାରିଖରେ, ତିର୍ତ୍ତୋଲ ଓ ବିରିଡି ବ୍ଲକ ୨୦ତାରିଖରେ, ରଘୁନାଥପୁର ଓ କୁଜଙ୍ଗ ବ୍ଲକ ୨୨ତାରିଖରେ ଏବଂ ଏରସମା ଓ ନାଉଗାଁ ବ୍ଲକ ୨୪ତାରିଖରେ ମତଦାନ ଶେଷ ହୋଇଯାଇଥିବା ବେଳେ କାଁ ଭାଁ ବିଶୃଙ୍ଖଳା ସବୁ ଦେଖିବାକୁ ମିଳିଥିଲା। ସେ ସ୍ଥାନ ମାନଙ୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ନିରାକରଣ କରାଯାଇଥିଲା। ଚଳିତ ପଞ୍ଚାୟତ ନିର୍ବାଚନର ଭୋଟର ତାଲିକାରେ ବ୍ୟାପକ ଅବହେଳାକୁ ନେଇ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଗୋଟିଏ ବ୍ୟକ୍ତି ବା ପ୍ରାର୍ଥୀ ନିଜ ନିଜର ୱାର୍ଡରେ ଭୋଟ ଦେବାପାଇଁ ସକ୍ଷମ ହୋଇପାରିଲେ ନାହିଁ। ସବୁଠାରୁ କୌତୁହଳର ବିଷୟ ହେଉଛି ଯେ ଗୋଟିଏ ଗୋଟିଏ ୱାର୍ଡର ବାସିନ୍ଦା ନିଜ ନିଜ ବୁଥ୍ ମାନଙ୍କରେ ଭୋଟ ଦେଇ ପାରିନଥିବା ବେଳେ ୱାର୍ଡସଭ୍ୟ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ବ୍ୟକ୍ତିମାନଙ୍କୁ ବି ଭୋଟଦେବାରୁ ବଂଚିତ ହୋଇଛନ୍ତି। ଭୋଟର ତାଲିକା ସଂଶୋଧନରେ ଏପରି ଅଭାବନୀୟ ଘଟଣାକୁ ନେଇ ବୁଥ୍ ମାନଙ୍କରେ ବିବାଦ ଆରମ୍ଭ ହୋଇଥିଲା। ଏପରିକି କେତେକ ସ୍ଥାନରେ ଲୋକମାନେ ଭୋଟ ବର୍ଜନ କରି ଘରକୁ ଫେରିଥିଲେ। ଶାସକ ଦଳର ବହୁ ପ୍ରାର୍ଥୀମାନେ ନିଜ ନିଜର କଳବଳ ଖଟାଇ ସେଥିରେ ପରାଜୟର ଆଶଙ୍କା କରିବାରୁ ବ୍ୟାପକ ଭାବେ ମଦର ପସରା ଖୋଲିବା ସାଙ୍ଗକୁ ଟଙ୍କା ବଳରେ ବି ସାଧାରଣ ଲୋକଙ୍କୁ ହାତେଇବା ନିମନ୍ତେ ଉଦ୍ୟମ ଜାରି ରଖିଥିଲେ। ତାହା ସହିତ ବହୁ ସ୍ଥାନରେ ବିରାଟ ବିରାଟ ରାଲି କରି ଦୁଇ ଚକିଆ ଯାନ ଠାରୁ ଆରମ୍ଭ କରି ଚାରି ଚକିଆ ଯାନ ସବୁ ଧରି ଶହଶହ ସଂଖ୍ୟାରେ ଗାଁ ଗାଁ ବୁଲି ପ୍ରଚାର କରୁଥିଲେ। ଏ ଦିଗରେ ରାଜ୍ୟ ନିର୍ବାଚନ କମିଶନର ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରତି ଜିଲ୍ଲାମାନଙ୍କରେ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇ ପ୍ରାର୍ଥୀମାନେ କେତେ ଟଙ୍କାର ଆୟବ୍ୟୟ ଆକଳନ କରି ଖର୍ଚ୍ଚ କରୁଛନ୍ତି ତାହାର ତଦାରଖ କରିବା ପାଇଁ ପରାର୍ମଶ ଦେଇଥିଲେ ବି ସେମାନଙ୍କୁ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିନଥିଲା। ଫଳରେ ସରକାରୀ ଦଳର ପ୍ରାର୍ଥୀମାନେ ଲକ୍ଷଲକ୍ଷ ଟଙ୍କା ସାଧାରଣରେ ବଣ୍ଟନ କରାଇ ଭୋଟ ହାତେଇବାକୁ ଚେଷ୍ଟା ଜାରି ରଖିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜାତିସଂଘ ସୁରକ୍ଷା ...

କରାଯାଇଥିଲା। ସମସ୍ତେ ଜାଣିଥିଲେ ଯେ ରୁଷ ପାଖରେ ସ୍ଥାୟୀ ସଦସ୍ୟତାର ମାନ୍ୟତା ଥିବାରୁ ସେ ଭିଟୋ ପ୍ରୟୋଗ କରିବ। କିନ୍ତୁ ଭାରତ ଉତ୍ତେଜନାମୂଳକ ପଦକ୍ଷେପ ବିରୋଧୀ ପ୍ରସ୍ତାବ ବିରୋଧରେ କିମ୍ବା ସପକ୍ଷରେ ଭୋଟ ନ ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଭାରତ ସମେତ ଚାଇନା ଓ ୟୁଏଇ ମଧ ଭୋଟ ଦାନରୁ ଦୂରେଇ ରହିଛନ୍ତି। ମିଳିତ ଜାତିସଂଘ ସୁରକ୍ଷା ପରିଷଦର ୧୫ ରାଷ୍ଟ୍ର ମଧ୍ୟରୁ ବାକି ୧୧ ଜଣ ଏହା ସପକ୍ଷରେ ଭୋଟ ଦେଇଛନ୍ତି। ଏବେ ମିଳିତ ଜାତିସସଂଘର ୧୯୩ ସଦସ୍ୟ ବିଶିଷ୍ଟ ସାଧାରଣ ପରିଷଦରେ ଏହି ଡ୍ରାଫ୍ଟ ସଂକଳ୍ପ ଆଗତ ହୋଇପାରେ। ସେଠାରେ ମଧ ଏହା ଉପରେ ଆଲୋଚନା ହେବ। ପ୍ରସ୍ତାବ ବିଫଳ ହୋଇଥିଲେ ମଧ ପରିଷଦରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଯୁଦ୍ଧଖୋର ଆଚରଣକୁ ସଦସ୍ୟ ରାଷ୍ଟ୍ରମାନେ ନିନ୍ଦା କରି ନିଜର ପକ୍ଷ ରଖିଛନ୍ତି। ଜାତିସଂଘରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ଲିଣ୍ଡା ଥୋମାସ ଗ୍ରୀନଫିଲ୍ଡ ଭୋଟ ପରେ କହିଛନ୍ତି, "ମୁଁ ଏଠାରେ ଗୋଟିଏ କଥା ସ୍ପଷ୍ଟ କରିବାକୁ ଚାହୁଁଛି, ରୁଷ ସଂକଳ୍ପ ପ୍ରସ୍ତାବ ଉପରେ ଭିଟୋ ପ୍ରୟୋଗ କରି ଦେଇପାରେ। କିନ୍ତୁ ଆମ ସ୍ୱର ଉପରେ କେବେ ହେଲେ ଭିଟୋ ପ୍ରୟୋଗ କରିପାରିବ ନାହିଁ। ରୁଷ କେବେ ହେଲେ ସତ୍ୟ ଉପରେ ଭିଟୋ କରି ପାରିବ ନାହିଁ। ଆମ ନୀତି ଓ ୟୁକ୍ରେନ ଲୋକଙ୍କ ଉପରେ ଭିଟୋ ପ୍ରୟୋଗ କରିପାରିବ ନାହିଁ। ୟୁକ୍ରେନବାସୀଙ୍କ ପଛରେ ଆମେ ସବୁବେଳେ ରହିଛୁ।" ରୁଷ ବର୍ତ୍ତମାନ ରୋଟେସନ ନୀତି ଅନୁଯାୟୀ ମିଳିତ ଜାତିସଂଘର ସଭାପତି ରହିଛି। ରୁଷର ସ୍ଥାୟୀ ସଦସ୍ୟ ଅଧକ୍ଷ ରହିଥିବା ବେଳେ ତାଙ୍କରି ଆଗରେ ଏପରି ପ୍ରସ୍ତାବ ଆସିଥିଲା। ବ୍ରିଟେନ ରାଷ୍ଟ୍ରଦୂତ ବାରବରା ଉଡୱାର୍ଡ କହିଛନ୍ତି, "କୌଣସି ଭୁଲ କରନ୍ତୁ ନାହିଁ। ରୁଷ ବର୍ତ୍ତମାନ ଏକ ଘରକିଆ ହୋଇଛି। ୟୁକ୍ରେନ ଉପରେ ହମଲା କରିବା ପ୍ରସଙ୍ଗରେ କେହି ବି ରୁଷକୁ ସମର୍ଥନ କରୁନାହାନ୍ତି।" ରୁଷ ବିରୋଧୀ ପ୍ରସ୍ତାବ ଉପରେ ଭୋଟ ପୂର୍ବରୁ ଗ୍ରୀନଫିଲ୍ଡ ରୁଷର ଆକ୍ରମଣାତ୍ମକ ପଦକ୍ଷେପକୁ ତୀବ୍ର ନିନ୍ଦା କରିଥିଲେ। ରୁଷର ଏପରି ପଦକ୍ଷେପ ଅନ୍ତର୍ଜାତୀୟ ନୀତି ଓ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିଥିବା ସେ ମତ ରଖିଥିଲେ। ଭାରତ ମଧ ରୁଷର ଆକ୍ରମଣ ଦେଖି ବ୍ୟତିଥ ଥିବା ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ମତ ରଖିଛି। ଭାରତର ସ୍ଥାୟୀ ସଦସ୍ୟ ଟିଏସ ତିରୁମୂର୍ତ୍ତି କହିଛନ୍ତି, "ୟୁକ୍ରେନରେ ବର୍ତ୍ତମାନ ଘଟୁଥିବା ଘଟଣାରେ ଭାରତ ବ୍ୟତିଥ। ଲୋକଙ୍କ ଜୀବନକୁ ବଳିଦାନ ଦେଇ କେବେ ହେଲେ କୌଣସି ସଂକଳ୍ପ ଆସିପାରିବ ନାହିଁ। ସମସ୍ତ ପକ୍ଷ ନୀତି ନିୟମ ଅନୁସାରେ ଆଗକୁ ଗଠନମୂଳକ ପଦକ୍ଷେପ ନେବା ଦରକାର। ଆଲୋଚନା ହିଁ ସମସ୍ତ ପ୍ରକାରର ବିବାଦ ଓ ତିକ୍ତତାକୁ ସମାଧାନ କରିପାରିବ। ହେଲେ ବର୍ତ୍ତମାନ ସ୍ଥିତିରେ ଏହା ସମ୍ଭବ ହୋଇପାରୁନି। ସାମାଧାନର ରାସ୍ତା ବାହାର କରିବା ପାଇଁ କୂଟନୀତିକ ଆଲୋଚନାରୁ ଦୂରେଇ ଯିବା ପରିତାପର ବିଷୟ। ଆମେ ପୁଣି କୂଟନୀତିକ ସ୍ତରକୁ ଫେରିବା ଦରକାର। ଭାରତ ଏଠାରେ ଆଗତ ସଂକଳ୍ପର ଭୋଟ ଦାନ କାର୍ଯ୍ୟରୁ ଆବଷ୍ଟେନ ରହିବାକୁ ନିଷ୍ପତ୍ତି ନେଇଛି।" ଭାରତ ପୁଣିଥରେ ମିଳିତ ଜାତିସଂଘରେ ୟୁକ୍ରେନରେ ଫସିଥିବା ଭାରତୀୟ ସୁରକ୍ଷା ପାଇଁ ଚିନ୍ତା ପ୍ରକଟ କରିଛି।

### ଯିଏ ଆମକୁ ...

ପୁଟିନ୍ କହିଛନ୍ତି, ୟୁକ୍ରେନ ସରକାର ନାଜି ଆତଙ୍କବାଦୀଙ୍କ ପରି ବ୍ୟବହାର କରୁଛନ୍ତି। ମାତ୍ର ଆମେ ଆଶ୍ୱସ୍ତ କରୁଛୁ ଯେ, ଆମେ ୟୁକ୍ରେନ ଉପରେ କବଜା କରିବୁ ନାହିଁ। ପୁଟିନ୍ ଏହା ମଧ କହିଛନ୍ତି, ୟୁକ୍ରେନ ସହିତ ଆମେ ଆଲୋଚନା କରିବାକୁ ପ୍ରସ୍ତୁତ। ଆମର ପ୍ରତିନିଧିମଣ୍ଡଳ ବେଲାରୁସର ରାଜଧାନୀ ମିନସ୍କ ପହଞ୍ଚି ୟୁକ୍ରେନ ସହିତ ଆଲୋଚନା କରିବ। ଏଥିସହ ସେ ପାଶ୍ଚାତ୍ୟ ଦେଶଗୁଡିକୁ ସାବଧାନ କରି କହିଛନ୍ତି, ତାଙ୍କ କାମରେ ଦଖଲ ଦେଲେ ଏହାର ପରିଣାମ ଭୋଗିବାକୁ ପଡିବ। ଏପରିକି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଚେତାବନୀ ଦେଇଛନ୍ତି, ଯଦି କୌଣସି ଦେଶ ରୁଷକୁ ୟୁକ୍ରେନ ଉପରେ କବଜା କରିବାରେ ବାଧା ଦିଅନ୍ତି, ତେବେ ଆମ ପାଖରେ ପରମାଣୁ ହତିଆର ରହିଛି। ପୁଟିନଙ୍କ ଧମକ ଏବେ ସଭିଙ୍କ ଧ୍ୟାନ ଆକର୍ଷିତ କରିଛି। ୟୁକ୍ରେନକୁ କେବେ ବି ଆଣବିକ ଯୁଦ୍ଧାସ୍ତ୍ର ପ୍ରସ୍ତୁତ କରିବାକୁ ଦିଆଯିବ ନାହିଁ।

### ପୁଟିନ୍‌ଙ୍କ ସହ ...

ଏକ ଉଚ୍ଚସ୍ତରୀୟ ଆଲୋଚନା ପାଇଁ ସି. ଜିନପିଙ୍ଗଙ୍କୁ ଫୋନ୍ ଯୋଗେ ଜଣାଇଛନ୍ତି ପୁଟିନ। ଏ ସସମ୍ପର୍କରେ ଚାଇନା ବୈଦେଶିକ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଏହି ଆଲୋଚନା ବେଳେ ୟୁକ୍ରେନ୍ର ଭୌଗଳିକ ସ୍ଥିତି ଏବଂ ଐତିହାସିକ ପୃଷ୍ଟଭୂମି ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। କଥାବାର୍ତ୍ତାରେ ୟୁକ୍ରେନ୍ର ପୂର୍ବାଞ୍ଚଳରେ ରୁଷ ସେନା ପକ୍ଷରୁ ସ୍ୱତନ୍ତ୍ର ଅପରେସନର କାରଣ ସମ୍ପର୍କରେ ମଧ ଜଣାଇଛନ୍ତି। ଆମେରିକା ଏବଂ ନାଟୋ ରୁଷର ସୁରକ୍ଷା ପ୍ରସଙ୍ଗକୁ ଦୀର୍ଘଦିନ ଧରି ଅଣଦେଖା କରି ଆସୁଛନ୍ତି। ରୁଷ ପ୍ରତି ବିପଦ ଥିବାରୁ ୟୁକ୍ରେନ୍ର ପୂର୍ବାଞ୍ଚଳରେ ସେନା ଅପରେଶନ ଆବଶ୍ୟକ ବୋଲି ପୁଟିନ କହିଛନ୍ତି । ଯୁଦ୍ଧକୁ ନେଇ ଆଜି ପୁଟିନଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିଥିଲେ ଚାଇନା ରାଷ୍ଟ୍ରପତି ସି ଜିନ୍ପିଙ୍ଗ। ପୁଟନିଙ୍କୁ ପ୍ରତିପକ୍ଷ ୟୁକ୍ରେନ୍ ସହ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ ସେ। ରୁଷ ବୈଦେଶିକ ମନ୍ତ୍ରୀ କହିଛନ୍ତି, ୟୁକ୍ରେନର ସେନା ଯୁଦ୍ଧ କରିବା ବନ୍ଦ କରିବା ସହିତ ଅସ୍ତ୍ରଶସ୍ତ୍ର ଛାଡ଼ିଦେଲେ ଆମେ ଆଲୋଚନା ପାଇଁ ପ୍ରସ୍ତୁତ ଅଛୁ। ମସ୍କୋ ୟୁକ୍ରେନକୁ ଏଭଳି ସଙ୍କଟରୁ ମୁକ୍ତ କରିବାକୁ ଚାହିଁଛି। ଗୁରୁବାର ରୁଷ ରାଷ୍ଟ୍ରପତି ୟୁକ୍ରେନ ସେନାକୁ ଆତ୍ମସମର୍ପଣ କରିବାକୁ କହିଥିଲେ। ଏହାପରେ ରୁଷ ସଶକ୍ତ ପ୍ରହାର ଆରମ୍ଭ କରି ଦେଇଥିଲା । ରିପୋର୍ଟ ଅନୁଯାୟୀ, ରୁଷ ୟୁକ୍ରେନର ୧୧ ଏୟାରଫିଲ୍ଡ ସମେତ ୭୦ରୁ ଅଧିକ ସାମରିକ ପ୍ରତିଷ୍ଠାନ ଧ୍ୱଂସ କରିଥିବା ଦାବି କରିଛି।

### ୟୁକ୍ରେନ୍‌ରେ ଫସିଥିବା ...

ଉଦ୍ଧାର କରିବା ସଂପର୍କରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହାଙ୍କ ସହ କଥା ହୋଇଥିଲେ ନବୀନ। ଛାତ୍ରଛାତ୍ରୀ ଓ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ସେ ନିବେଦନ କରିଥିଲେ। ସେପଟେ ଅମିତ ଶାହା ବି ମୁଖ୍ୟମନ୍ତ୍ରୀଙ୍କୁ ଆଶ୍ୱସ୍ତିକର ଉତ୍ତର ଦେଇଛନ୍ତି। ଭାରତୀୟଙ୍କୁ ଫେରାଇ ଆଣିବା ଦିଗରେ ୟୁକ୍ରେନ ସରକାରଙ୍କ ସହ ସେ ନିରନ୍ତର ଯୋଗାଯୋଗରେ ଥିବା କହିଛନ୍ତି।

### ନାଟୋ ପ୍ରତି ...

ଏହାର ଅନ୍ୟ ଅଂଶୀଦାର ଦେଶଗୁଡ଼ିକ ହେଉଛନ୍ତି ବ୍ରିଟେନ, ଫ୍ରାନ୍ସ, କାନାଡ଼ା, ଇଟାଲି, ନେଦରଲାଣ୍ଡ, ଆଇସଲାଣ୍ଡ, ବେଲଜିୟମ, ଲକ୍ଷେମବର୍ଗ, ନରୱେ, ପର୍ତ୍ତୁଗାଲ ଓ ଡେନମାର୍କ। ବର୍ତ୍ତମାନ ମୋଟ ୩୦ଟି ଦେଶ ନାଟୋର ସଦସ୍ୟଭୁକ୍ତ ହୋଇଛନ୍ତି। ସମାନ ସାମରିକ ନୀତି ଉପରେ କାମ କରିବା ପାଇଁ ନାଟୋ ସଦସ୍ୟଭୁକ୍ତ ଦେଶଗୁଡ଼ିକ ବାଧ। ଯଦି ଗୋଟିଏ ନାଟୋ ଦେଶ ଉପରେ କେହି ଆକ୍ରମଣ କରେ, ତେବେ ସମସ୍ତ ନାଟୋ ଦେଶ ଉପରେ ଆକ୍ରମଣ କରାଗଲା ବୋଲି ବିବେଚନା କରାଯାଏ। ତେଣୁ ଏହି ଆକ୍ରମଣ ବିରୋଧରେ ସମସ୍ତ ନାଟୋ ଦେଶ ଏକଜୁଟ ହୋଇ ପ୍ରତିଆକ୍ରମଣ କରିଥାନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମସଗ୍ର ବିଶ୍ୱ ଦୁଇଟି ଶିବିରରେ ବିଭକ୍ତ ହୋଇଗଲା। ଆମେରିକା ଓ ସୋଭିଏତ୍ ସଂଘ ଦୁଇଟି ସୁପରପାୱାରରେ ପରିଗଣିତ ହେଲେ। ୧୯୯୧ ଡିସେମ୍ବର ୨୫ରେ ସୋଭିଏତ୍ ସଂଘ ଭାଙ୍ଗି ୧୫ଟି ନୂଆ ଦେଶ ସୃଷ୍ଟି ହେଲା। ସେଗୁଡ଼ିକ ହେଉଛି: ଆର୍ମେନିଆ, ଆଜରବେ ?ଜାନ, ବେଲାରୁସ, ଏଷ୍ଟୋନିଆ, ଜର୍ଜିଆ, କାଜାଖସ୍ତାନ, କିରଗିଜସ୍ତାନ, ଲାଟିଭିଆ, ଲିଥୁଆନିଆ, ମୋଲଡୋଭା, ରୁଷିଆ, ତାଜିକିସ୍ତାନ, ତୁର୍କମେନିସ୍ତାନ, ୟୁକ୍ରେନ୍ ଓ ଉଜବେକିସ୍ତାନ। ଏହାପରେ ଆମେରିକା ଏକମାତ୍ର ସୁପରପାୱାର ହୋଇ ରହିଲା। ଆମେରିକା ନେତୃତ୍ୱରେ ନାଟୋର ସମ୍ପ୍ରସାରଣ ଜାରି ରହିଲା। ଯେଉଁ ଦେଶଗୁଡ଼ିକ ସୋଭିଏତ୍ ସଂଘର ବିଭାଜନରୁ ସୃଷ୍ଟି ହେଲେ ସେମାନେ ଗୋଟିକ ପରେ ଗୋଟିଏ ନାଟୋରେ ଯୋଗ ଦେବାକୁ ଲାଗିଲେ। ଏଷ୍ଟୋନିଆ, ଲାଟଭିଆ ଓ ଲିଥୁଆନିଆ ୨୦୦୪ରେ ନାଟୋରେ ଯୋଗଦେଲେ। ଜର୍ଜିଆ ଓ ୟୁକ୍ରେନ୍କୁ ୨୦୦୮ରେ ନାଟୋର ସଦସ୍ୟତା ଯଚାଗଲା। କିନ୍ତୁ ସେମାନେ ନାଟୋର ସାମରିକ ମେଣ୍ଟଭୁକ୍ତ ହୋଇପାରିଲେ ନାହିଁ। ନାଟୋର ଏ ପ୍ରକାର ସମ୍ପ୍ରସାରଣକୁ ପୁଟିନ ବିରୋଧ କଲେ। ସେ କହିଲେ, ଆମେରିକା ଆମ ଦୁଆରମୁହଁରେ ଆସି କ୍ଷେପଣାସ୍ତ୍ର ଖଞ୍ଜିଲାଣି। ଯଦି କାନାଡ଼ା ବା ମେକ୍ସିକୋ ସୀମାରେ କ୍ଷେପଣାସ୍ତ୍ର ମୁତୟନ କରାଯାଏ, ତେବେ ଆମେରିକାକୁ କେମିତି ଲାଗିବ ? ଏ କଥା ୨୦୨୧ ଡିସେମ୍ବରରେ ପୁଟିନ ପଚାରିଥିଲେ। ଯଦି ୟୁକ୍ରେନ୍ ନାଟୋର ସଦସ୍ୟ ହୋଇଯାଏ, ତେବେ ରୁଷିଆ ସମ୍ପୂର୍ଣ୍ଣ ଘେରାଉ ଭିତରେ ରହିବ, ଯାହା ପୁଟିନଙ୍କ ପାଇଁ କେବେ ବି ଗ୍ରହଣୀୟ ନୁହେଁ। ସେଥିପାଇଁ ରୁଷିଆ ଚାହୁଁଛି, ନାଟୋ ପୂର୍ବ ଆଡ଼କୁ ଆଉ ସମ୍ପ୍ରସାରଣ ନ କରୁ। ୟୁକ୍ରେନ୍ ପରି ଦେଶକୁ ଲୋଭ ଦେଖାଇ ନିଜର ସଦସ୍ୟ ନ କରୁ। ରୁଷିଆ ଚାହୁଁଛି ନାଟୋ ୧୯୯୭ ପୂର୍ବରୁ ଯାହା ଥିଲା ସେହି ଅବସ୍ଥାକୁ ଫେରିଯାଉ।

### ପଞ୍ଚାୟତ ନିର୍ବାଚନ ...

ପ୍ରତି ଟେବୁଲରେ ଜଣେ କାଉଣ୍ଟିଂ ସୁପରଭାଇଜର ଓ ୨ ଜଣ ଲେଖାଏଁ କାଉଣ୍ଟିଂ ଆସିଷ୍ଟାଣ୍ଟ ଦାୟିତ୍ୱରେ ଅଛନ୍ତି। ସହାୟତା ପାଇଁ ଜଣେ ଚତୁର୍ଥଶ୍ରେଣୀ କର୍ମଚାରୀ ମଧ ଅଛନ୍ତି। ରଙ୍ଗ ଅନୁସାରେ ବାଲଟ୍ ପେପର ସର୍ଟିଂ ପରେ ଚାଲିଛି ଗଣତି। ୩ ଦିନ ଯାଏ ଏହି ଗତଣି ଚାରି ରହିବ। ତିନିଦିନରେ ୧ଲକ୍ଷ ୫୬ ହଜାର ୭୫୩ ୱାର୍ଡମେମ୍ବର, ୩୨ ହଜାର ୮୬୦ ସରପଞ୍ଚ, ୨୭ ହଜାର ୩୪ ସମିତି ସଭ୍ୟ ଓ ୩ ହଜାର ୩୩୯ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ତେବେ ଗଣତି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସବୁ ଜିଲ୍ଲାର ବ୍ଲକ ସଦର ମହକୁମାରେ ଗଣତି କେନ୍ଦ୍ର ଖୋଲାଯାଇଛି। ଗଣତି କେନ୍ଦ୍ର ନିକଟରେ ଶୃଙ୍ଖଳା ବଜାୟ ରଖିବା ଲାଗି ବ୍ୟାରିକେଡ୍ କରାଯାଇଛି। ପ୍ରଥମ ଦିନରେ ୩୧୫ଟି ଜିଲ୍ଲା ପରିଷଦ ଜୋନ୍‌ରେ ଭୋଟ ଗଣା ସରିଛି। ରବିବାର ୩୦୭ ଓ ପରଦିନ ୨୨୯ ଜିଲ୍ଲା ପରିଷଦ ଜୋନରେ ଭୋଟ୍ ଗଣାହେବ। ପ୍ରାର୍ଥୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଗଣତି ହେବ। ଇଲେକସନ୍ ଅଫିସ୍‌ର ଓ ଟାବୁଲେସନ୍ ଲାଗି ସ୍ୱତନ୍ତ୍ର ଟେବୁଲ୍ ରହିଛି। ଗୋଟିଏ ଗ୍ରାମ ପଞ୍ଚାୟତ ଭୋଟ ଗୋଟିଏ ଟେବୁଲରେ ଗଣତି କରାଯିବ। ଭୋଟ ଗଣତି ପାଇଁ ଧାର୍ଯ୍ୟ ହୋଇଥିବା ସମୟର ୧୫ ମିନିଟ ପୂର୍ବରୁ ଭୋଟ ବାକ୍ସ ହଲକୁ ଆସିବ। ପ୍ରଥମେ ୱାର୍ଡମେମ୍ବରଙ୍କ ଭୋଟ ଗଣତି ହେବ। ୩୧୩ ବ୍ଲକରେ ପ୍ରତିଦିନ ଗୋଟିଏ ଗୋଟିଏ ଜିଲ୍ଲାପରିଷଦ ଜୋନର ଗଣତି ହେବାକୁ ଥିବା ବେଳେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ପ୍ରତିଦିନ ୨ଟି ଜୋନର ଭୋଟ ଗଣତି ହେବ। ପାଞ୍ଚୋଟି ଯାକ ପର୍ଯ୍ୟୟରେ ୧ଲକ୍ଷ ୫୬ ହଜାର ୭୫୩ ୱାର୍ଡ ମେମ୍ବର ପ୍ରାର୍ଥୀ, ୩୨ହଜାର ୮୬୦ ସରପଞ୍ଚ ପ୍ରାର୍ଥୀ, ୨୭ହଜାର ୦୩୪ ସମିତି ସଭ୍ୟ ପ୍ରାର୍ଥୀ ଏବଂ ୩୩୩୯ ଜିଲ୍ଲାପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ ହୋଇଛି। ତିନିଦିନ ଧରି ଚାଲିବ ଭୋଟ ଗଣତି। ୨୮ ତାରିଖ ଭିତରେ ଭୋଟ ଗଣତି ସାରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଗୋଟିଏ ଜୋନର ଭୋଟ ଗଣତି ଶେଷ ହେବା ପରେ ଦ୍ୱିତୀୟ ଜୋନର ଭୋଟ ଗଣତି ଆରମ୍ଭ ହେବ।

### ଶ୍ରୀମନ୍ଦିର ରତ୍ନଭଣ୍ଡାର ...

କାନ୍ଥରୁ ବର୍ଷା ପାଣି ଗଳୁଥିଲା। ଅନେକ ସ୍ଥାନ ଫାଟି ଛେଲା ଛେଲା ହୋଇ ପ୍ଲାଷ୍ଟର୍ ଖସିପଡ଼ି ରଡ୍ ଦେଖା ଯାଉଥିଲା। ପ୍ରବେଶ ଦ୍ୱାରରେ ଥିବା କିଛି ଲୁହାର ସପୋର୍ଟିଂ ବି ନ ଥିବା ଦେଖିବାକୁ ମିଳିଥିଲା। ଯାହାର ରିପୋର୍ଟ ଏବେ ଶ୍ରୀମନ୍ଦିର ପ୍ରଶାସନ ପାଖରେ ରହିଛି। ପ୍ରତ୍ନତତ୍ତ୍ୱ ବିଭାଗ କୋର୍ କମିଟି, ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ୧୭ଜଣିଆ କମିଟିର ଦସ୍ତଖତ ଏହି ରିପୋର୍ଟରେ ରହିଛି। ଇତିମଧ୍ୟରେ ୩ ବର୍ଷ ବିତିବାକୁ ବସିଲାଣି, କିନ୍ତୁ ରତ୍ନଭଣ୍ଡାର ମରାମତି କଥା କେହି ବି ଉଠାଉନାହାନ୍ତି। ଏହା ଅଗଣିତ ଭକ୍ତଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି।ଏଭଳି ସ୍ଥିତିରେ ଶ୍ରୀମନ୍ଦିର ଭଣ୍ଡାର ମେକାପ ଏ ସମ୍ପର୍କରେ ବିସ୍ଫୋରକ ବୟାନ ରଖିବା ରତ୍ନଭଣ୍ଡାର ଗମ୍ଭୀର ସ୍ଥିତିକୁ ପଦାକୁ ଆଣିଛି। ଶ୍ରୀ ମେକାପ କହିଛନ୍ତି, ରତ୍ନଭଣ୍ଡାର ଅସୁରକ୍ଷିତ ଅବସ୍ଥାରେ ଥିବା ସମସ୍ତେ ଜାଣିଛନ୍ତି, କିନ୍ତୁ କେହି ମୁହଁ ଖୋଲୁନାହାନ୍ତି। ୨୦୧୮ ମସିହା ପରେ ମୁଁ ବାରମ୍ବାର ଶ୍ରୀମନ୍ଦିର ପ୍ରଶାସନକୁ ରତ୍ନଭଣ୍ଡାର ସ୍ଥିତି ସମ୍ପର୍କରେ ଜଣାଇଛି। ଏକଦା ରତ୍ନଭଣ୍ଡାର ଛାତ, କାନ୍ଥରେ ଲାଗିଥିବା କିଛି ରସାୟନ ମହାପ୍ରଭୁଙ୍କ କିରୀଟ ଓ ଅନ୍ୟ ଅଳଙ୍କାର ଉପରେ ପଡ଼ିବାକୁ ଯାଉଥିଲା। ଭାଗ୍ୟକୁ ମୋ ନଜରରେ ଏହା ପଡ଼ିଯାଇଥିଲା। ଏଣୁ ଅଳଙ୍କାରକୁ ସେଠାରୁ କାଢ଼ି ଦେଇଥିଲି। ଯଦି ଏହି କେମିକାଲ୍ ଅଳଙ୍କାର ଉପରେ ପଡ଼ିଥାନ୍ତା, ତେବେ ଏହା ନଷ୍ଟ ହୋଇଯାଇଥାନ୍ତା। ଏଣୁ ରତ୍ନ ଅଳଙ୍କାର ନଷ୍ଟ ହେବା ପୂର୍ବରୁ ରତ୍ନଭଣ୍ଡାର ମରାମତି କରାଯାଉ ବୋଲି ଶ୍ରୀ ମେକାପ କହିଛନ୍ତି।

### ରାୟ ସଂରକ୍ଷିତ ...

ଏବଂ ଏ ସଂପର୍କରେ ହାଇକୋର୍ଟଙ୍କ ଚୂଡ଼ାନ୍ତ ରାୟ ନମିଳିବା ପର୍ଯ୍ୟନ୍ତ ଅପେକ୍ଷା କରିବେ ବୋଲି କହିଥିଲେ। କାରଣ, ଉଚ୍ଚ ନ୍ୟାୟାଳୟ ଶ୍ରେଣୀଗୃହ ଭିତରେ ଉଭୟ ହିଜାବ ଏବଂ ଗେରୁଆ ଶାଲ କିମ୍ବା ସ୍କାର୍ଫ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ଜାରି କରିଥିଲେ।

### ମାର୍ଚ୍ଚ ୨୪ରେ ...

ସେହିଦିନ ଅପରାହ୍ନ ୫ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୪ତାରିଖ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ। ୨୬ତାରିଖ ସକାଳ ୮ଟାରୁ ଭୋଟଗଣତି ହେବ। ଏପ୍ରିଲ ୭ତାରିଖରେ ପୌର ପରିଷଦ ଓ ଏନଏଏସି ଉପାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ହେବ। ଏପ୍ରିଲ ୮ତାରିଖରେ ଡେପୁଟି ମେୟର ନିମନ୍ତେ ନିର୍ବାଚନ ହେବ। ଏଥର ନିର୍ବାଚନରେ ଭୋଟରମାନେ ଇଭିଏମ ମାଧ୍ୟମରେ ନିଜର ମତାଧିକାର ସାବ୍ୟସ୍ତ କରିବେ। ପୌରାଞ୍ଚଳ ଓ ଏନଏସିର ଅଧ୍ୟକ୍ଷ ପଦବୀ ଓ ମହାନଗରର ମେୟର ପଦବୀ ନିମନ୍ତେ ହଳଦିଆ ବାଲାଟ ପେପର ଏବଂ କାଉନସିଲର ଓ କର୍ପୋରେଟରଙ୍କ ପାଇଁ ଗୋଲାପୀ ରଙ୍ଗର ବାଲାଟ ପେପର ଉଦ୍ଦିଷ୍ଟ ରହିବ। ଏଥର ଭୋଟର୍ ଚାହିଁଲେ, ନିଜ ପସନ୍ଦରେ ନୋଟା (ନନ୍ ଅଫ୍ ଦି ଏଭବ୍)ର ଉପଯୋଗ ମଧ କରିପାରିବେ। ଏଥର ନିର୍ବାଚନରେ ପ୍ରାର୍ଥୀଙ୍କ ନିମନ୍ତେ ଖର୍ଚ୍ଚସୀମା ଓ ପ୍ରଚାର ନିମନ୍ତେ ପୂର୍ବରୁ ନିର୍ବାଚନ କମିଶନ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିସାରିଛନ୍ତି। ୫୦ହଜାର ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ଏନଏସି ଓ ପୌର ପରିଷଦର କାଉନସିଲରଙ୍କ ନିର୍ବାଚନୀ ଖର୍ଚ୍ଚ ୫୦ହଜାର ଟଙ୍କା ଓ ଅଧ୍ୟକ୍ଷଙ୍କ ପାଇଁ ୨ଲକ୍ଷ ଟଙ୍କା, ୫୦ହଜାରରୁ ୧ଲକ୍ଷ ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ଏନଏଏସି ଓ ପୌର ପରିଷଦର କାଉନସିଲରଙ୍କ ନିର୍ବାଚନୀ ଖର୍ଚ୍ଚ ୭୫ହଜାର ଟଙ୍କା ଓ ଅଧ୍ୟକ୍ଷଙ୍କ ସର୍ବାଧିକ ୩ଲକ୍ଷ ଟଙ୍କା, ୧ଲକ୍ଷରୁ ଊର୍ଦ୍ଧ୍ୱ ପୌର ସଂସ୍ଥାର କାଉନସିଲରଙ୍କ ପାଇଁ ୧ଲକ୍ଷ ଟଙ୍କା ଓ ଅଧ୍ୟକ୍ଷଙ୍କ ପାଇଁ ୫ଲକ୍ଷ ଟଙ୍କା ନିର୍ବାଚନ ପ୍ରଚାରରେ ଖର୍ଚ୍ଚ କରିପାରିବେ। ସେହିପରି ୩ଟି ମହାନଗର ନିଗମରେ କର୍ପୋରେଟରମାନେ ୨ଲକ୍ଷ ଟଙ୍କା ଓ ମେୟର ସର୍ବାଧିକ ୧୨ଲକ୍ଷ ଟଙ୍କା ଖର୍ଚ୍ଚ କରିବେ। ଏହାସହିତ କାଉନସିଲ/କର୍ପୋରେଟରମାନେ ସର୍ବାଧିକ ୨ଟି ଗାଡ଼ି ଓ ଅଧ୍ୟକ୍ଷ ପ୍ରାର୍ଥୀ ୪ଟି ଗାଡ଼ି, ମେୟର ପ୍ରାର୍ଥୀ ୬ଟି ଗାଡ଼ି ଓ ରାଜନୀତିକ ଦଳଗୁଡ଼ିକ ୨ଟି ଗାଡ଼ି ପ୍ରଚାରରେ ଉପଯୋଗ କରିପାରିବେ। ସେହିପରି ପ୍ରତ୍ୟେକ ପ୍ରାର୍ଥୀଙ୍କୁ ୨ଟି ଲେଖାଏଁ ସତ୍ୟପାଠ ଦେବାକୁ ପଡ଼ିବ। ଗୋଟିଏ ସତ୍ୟପାଠରେ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା, ଅପରାଧିକ କାର୍ଯ୍ୟକଳାପ ଓ ସମ୍ପତ୍ତି ବିବରଣୀ ଏବଂ ଅନ୍ୟ ସତ୍ୟପାଠରେ ପ୍ରାର୍ଥୀଙ୍କର ଜଣେ ଜୀବିତ ପତ୍ନୀ ଥିବା ଓ ସନ୍ତାନ ସଂଖ୍ୟା ୨ରୁ ଅଧିକ ହୋଇନଥିବ ବୋଲି ଜଣାଇବେ। ସେହିପରି ରାଜନୀତିକ ଦଳଗୁଡ଼ିକ ପୌରାଞ୍ଚଳ ଓ ଏନଏସିରେ ନିଜର ପ୍ରତିନିଧି ନିମନ୍ତେ ଫର୍ମ ୯ରେ ଓ ମହାନଗର ପାଇଁ ଫର୍ମ ୧୨ରେ ନିଜର ପ୍ରତିନିଧିଙ୍କ ନାଁ ୭ତାରିଖ ଅପରାହ୍ନ ସାଢ଼େ ୫ଟା ସୁଦ୍ଧା ନିର୍ବାଚନ ଅଧିକାରୀଙ୍କ ପାଖରେ ଦାଖଲ କରିବେ। ସେହିପରି ଅନ୍ୟ ୨ଟି ଫର୍ମରେ ରାଜନୀତିକ ଦଳଗୁଡ଼ିକ ପୌରାଞ୍ଚଳ ଓ ଏନଏସି ନିମନ୍ତେ ଦଳୀୟ ପ୍ରାର୍ଥୀ ତାଲିକା ଏବଂ ମହାନଗରର ପ୍ରାର୍ଥୀ ତାଲିକା ମଧ ୬ ତାରିଖ ସନ୍ଧ୍ୟା ସୁଦ୍ଧା ଦାଖଲ କରିବେ। ହାଇକୋର୍ଟରେ ମାମଲା ଥିବାରୁ ପୁରୀ ପୌର ପରିଷଦରେ ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ଚଳିତଥର ପ୍ରଥମଥର ପାଇଁ ନବଗଠିତ ଚାନ୍ଦବାଲି, ଧାମନଗର, ବିଜେପୁର ଓ ରେମୁଣା ଏନଏସିରେ ନିର୍ବାଚନ କରାଯିବ। ୩ଟି ମହାନଗର ନିଗମରେ ମୋଟ ୧୪.୨୬ଲକ୍ଷ ଭୋଟର ଏବଂ ବାକି ୧୦୬ଟି ପୌରାଂଚଳରେ ପ୍ରାୟ ୨୭ଲକ୍ଷ ଭୋଟର ରହିଛନ୍ତି। ୧୦୬ଟି ପୌରାଞ୍ଚଳରେ ମୋଟ୍ ୩୦୩୦ଟି ବୁଥ୍ ଓ ୩ଟି ମହାନଗର ନିଗମରେ ୧୪୦୭ଟି ବୁଥ୍ ରହିଛି। ୩ଟି ମହାନଗର ନିଗମରେ ମୋଟ ୧୬୮ଟି ୱାର୍ଡ ଓ ୧୦୬ଟି ପୌରାଞ୍ଚଳରେ ୧୭୩୧ଟି ୱାର୍ଡରେ ଭୋଟ ଗ୍ରହଣ ହେବ।

### ଆଶାୟୀଙ୍କ ...

ବିଜେଡିର ଅଡୁଆ ବଢୁଛି। ସ୍ୱଳ୍ପ କେତେକ ୱାର୍ଡରେ ଆଶାୟୀ କମ। ୱାର୍ଡ ସ୍ତରରୁ ଆରମ୍ଭ କରି ରାଜ୍ୟସ୍ତରର ନେତା / ନେତ୍ରୀମାନେ ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ବିଭିନ୍ନ ସ୍ତରରେ ଲବି ଚଳାଇଛନ୍ତି। ମନ୍ତ୍ରୀ, ବିଧାୟକଙ୍କୁ ଭେଟି ଟିକଟ ହାତେଇବା ଲାଗି ସେମାନେ ଲାଗି ପଡିଛନ୍ତି। ସଂରକ୍ଷଣ ଛାଟ ଯୋଗୁ କିଛି ସ୍ଥାନରେ ନୂଆ ଚେହେରା ସାମ୍ନାକୁ ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ହେଲେ ୬୭ ୱାର୍ଡ ଲାଗି ୨୦୦ରୁ ଅଧିକ ଆଶାୟୀ ପ୍ରାର୍ଥୀ ଥିବାରୁ ସମସ୍ୟା ଜଟିଳ ହୋଇପାରେ ବୋଲି ଆକଳନ କରାଯାଉଛି।

# କୃତୀ ଶିକ୍ଷକ ସ୍ୱର୍ଗତଃ ରାହାସ ବିହାରୀ ମହାନ୍ତିଙ୍କର ଦ୍ୱିତୀୟ ଶ୍ରାଦ୍ଧୋବାର୍ଷିକ




**ଜଗତସିଂହପୁର :** ସ୍ଥାନୀୟ ଜୟବଡ ସ୍ଥିତ ସାଇ ଜ୍ଞାନ ପ୍ଲେ ସ୍କୁଲ ପରିସରରେ ମୁରଲୀଧର ଦାସଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧୋ ଉତ୍ସବ ସୁନାମଧନ୍ୟ କୃତୀ ଶିକ୍ଷକ ସ୍ୱର୍ଗତଃ ରାହାସ ବିହାରୀ ମହାନ୍ତିଙ୍କର ପାଳନ ହୋଇଯାଇଛି। ଏହି ସଭାରେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ଗୀତାପାଠ କରିବା ପରେ ଦିବଙ୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୧ମିନିଟ ଧରି ନୀରବ ପ୍ରାର୍ଥନା କରାଯାଇଥିଲା। ତତ୍‌ପରେ ଉପସ୍ଥିତ ଥିବା ତାଙ୍କର ଗୁଣମୁଗ୍ଧ ଛାତ୍ରଛାତ୍ରୀମାନେ ତାଙ୍କୁ ଆଦର୍ଶ ଶିକ୍ଷକ ଭାବେ ମତବ୍ୟକ୍ତ କରିଥିଲେ। ସେ ଯେଉଁ ମେଧାବୀ ଛାତ୍ରମାନଙ୍କୁ ସୃଷ୍ଟି କରିଛନ୍ତି ତା କେବଳ ଓଡିଶା କିମ୍ବା ଭାରତରେ ନୁହେଁ ବରଂ ବିଦେଶରେ ବି ତାଙ୍କର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅବିସ୍ମରଣୀୟ ହୋଇରହିବ। ତତ୍ ପରେ ସର୍ବସମ୍ମତି କ୍ରମେ ତାଙ୍କର ସ୍ମୃତିକୁ ଉଦ୍‌ଜୀବିତ ରଖିବା ପାଇଁ "ରାହାସ ବିହାରୀ ସ୍ମୃତି ପରିଷଦ" ଗଠନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ସ୍ମୃତି ପରିଷଦର ସଭାପତି ଭାବେ ମୁରଲୀଧର ଦାସ, ଉପ-ସଭାପତି ଭାବେ ନଳିନୀ କାନ୍ତ ମହାପାତ୍ର, ସମ୍ପାଦକ ଭାବେ ଡ.ଅଭୟ କୁମାର ମଲ୍ଲିକ, ସହ-ସମ୍ପାଦକ ଆଇଜାକ୍ ମହାନ୍ତି ଓ କୋଷାଧ୍ୟକ୍ଷ ଭାବେ ବିବେକାନନ୍ଦ ଜେନାଙ୍କୁ ମନୋନୀତ କରାଯାଇଥିଲା। ଏହି ସ୍ମୃତି ପରିଷଦରେ ବଂଶୀଧର ଆଚାର୍ଯ୍ୟ, ଉତ୍କଳ ରଂଜନ ମହାନ୍ତି, ରାଜେନ୍ଦ୍ର ପ୍ରସାଦ ମହାନ୍ତି, ଲକ୍ଷ୍ମୀକାନ୍ତ ସାହୁ, ଉଦୟ ନାଥ ସ୍ୱାଇଁ, ଆଶିଷ ମାଣିଆ, ଚନ୍ଦ୍ରଶେଖର ମହାନ୍ତି, ପ୍ରଜ୍ଞା ପାରମିତା ଚୌଧୁରୀ, ସୁକାନ୍ତ ଜେନା ଓ ସଚିକାନ୍ତ ସାହୁଙ୍କୁ ଉପଦେଷ୍ଟା ମଣ୍ଡଳୀରେ ରଖାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନିହାରିକା ମହାନ୍ତି, ନରେନ୍ଦ୍ରନାଥ ରାଉତରାୟ, ଶୁଭମ୍ ଦାସ, ସୁରଜ ଦାସ, ନାତି ଆଶୁତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସାମ୍ବାଦିକମାନଙ୍କ ସୁରକ୍ଷା ଦାବିରେ ଓୟୁଡବ୍ଲୁଜେ ପକ୍ଷରୁ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ସ୍ମାରକ ପତ୍ର



**ଅସ୍ତରଙ୍ଗ :** ଚଳିତ ନିର୍ବାଚନରେ ବିଭିନ୍ନ ଜିଲାରେ କର୍ତ୍ତବ୍ୟରତ ସାମ୍ବାଦିକ ମାନଙ୍କ ଉପରେ ବର୍ବୋରଚିତ୍ତ ଆକ୍ରମଣର ଦୃଢ ନିନ୍ଦା କରିବା ସହିତ ସେମାନଙ୍କର ଉପଯୁକ୍ତ ସୁରକ୍ଷା ଦାବି କରି ଓଡିଶା କର୍ମଜୀବି ସାମ୍ବାଦିକ ସଂଘର ରାଜ୍ୟ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ସୁଜ୍ଞାନ ଚୌଧୁରୀଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ପ୍ରତିନିଧି ଦଳ ଗୁରୁବାର ରାଜ୍ୟ ନିର୍ବାଚନ ଆୟୋଗ ଭୁବନେଶ୍ୱରଙ୍କ ନିକଟରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଏଥିରେ ରାଜ୍ୟ ସମ୍ପାଦକ ପବିତ୍ର କୁମାର ପାତ୍ର, କଟକ ଜିଲା ସଭାପତି ଲଳିତ କୁମାର ଦାଶ, ପୁରୀ ଜିଲା ସଭାପତି ଶରତ କୁମାର ପରିଡା, କଟକ ସାମ୍ବାଦିକ ପ୍ରଶାନ୍ତ କୁମାର ମହାନ୍ତି, ରାଜ୍ୟ ଉପସଭାପତି ଆଶୁତୋଷ ରଥ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ମହାନ୍ତି, ତ୍ରିଲୋଚନ ମିଶ୍ର, ଭବାନୀ ଶଙ୍କର ପାତ୍ର, ସତ୍ୟରଞ୍ଜନ ଦାସମହାପାତ୍ର ଏବଂ ବାଲେଶ୍ୱର ଜିଲା ସଭାପତି ଉଜ୍ଜ୍ୱଳ କରଙ୍କ ସମେତ ବହୁ ସାମ୍ବାଦିକ ଯୋଗ ଦେଇଥିଲେ।

# ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ହିଁ ବିଶ୍ୱଯୁଦ୍ଧର କାରଣ ହେବ



ମୌଲାନା ଫଜଲ ହକ ଖାନ





ଆଜି ଦୁନିଆ ଏକ ଅଶାନ୍ତ ଝଡ଼ର ତାଣ୍ଡବରେ ଦୋଦୁଲ୍ୟମାନ ଅବସ୍ଥା ଦେଇ ଗତି କରୁଛି । ବିଶ୍ୱ ଆର୍ଥିକ ସଙ୍କଟ ଯୋଗୁଁ ପ୍ରାୟ ପ୍ରତି ସପ୍ତାହରେ ଆଗ ଠାରୁ ବଳି ବିପଦ ଘନେଇ ଆସୁଛି । ଦ୍ୱିତୀୟ ବିଶ୍ୱଯୁଦ୍ଧର ପୂର୍ବାବସ୍ଥା ସହିତ ସାମଞ୍ଜସ୍ୟ ଦେଖା ଦେଇଥିବାରୁ ବର୍ତ୍ତମାନର ସମୟକୁ ତା ସଙ୍ଗେ ତୁଳନା କରାଯାଉଛି । ମହାଶକ୍ତି ଗୁଡ଼ିକର ଆକ୍ରୋଶ,ଶାନ୍ତି ପ୍ରତିଷ୍ଠା କରିବା ବାହାନାରେ ଅନ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ କନ୍ଦଳ ଓ ଗୃହଯୁଦ୍ଧ ଗୁଡ଼ିକରେ ସେମାନଙ୍କର ଅବାଧ ପ୍ରବେଶ,ଆଇ.ଏସ୍.ପରି ତଥାକଥିତ ଜେହାଦୀ ସଂଗଠନ ନରହନ୍ତା ରାକ୍ଷସ ସାଜି ମାନବିକତା ବିରୁଦ୍ଧରେ କରୁଥିବା କୂଟଚକ୍ରାନ୍ତ ଇତ୍ୟାଦି କାର୍ଯ୍ୟକଳାପ ସ୍ପଷ୍ଟ ରୂପେ ଦର୍ଶାଉଛି ଯେ ଆଜି କାଲିର ଘଟଣା ବହୁଳ ସଂକଟଜନକ ପରିସ୍ଥିତି ବିଶ୍ୱ ଜଗତକୁ ପ୍ରଚଣ୍ଡ ଗତିରେ ମୁହାଁଉଥିବା ଭୟାବହ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଠେଲି ଦେଇଛି ।

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ସାହେବ ବିଗତ ଅନେକ ବର୍ଷ ହେଲା ଦୁନିଆ ପ୍ରତି ମାଡ଼ି ଆସୁଥିବା ଏହି ସବୁ ବିପଦ ସଂକ୍ରାନ୍ତରେ ପ୍ରତ୍ୟେକ ସାଧାରଣ ଓ ବ୍ୟକ୍ତି ବିଶେଷଙ୍କୁ ସତର୍କ କରାଇ ଆସୁଛନ୍ତି। କୌଣସି ହଟଚମଟ ସୃଷ୍ଟି କରିବା ପାଇଁ ନୁହେଁ, ବରଂ ଏହା ସୂଚାଇ ଦେବା ପାଇଁ ଯେ ଦୁନିଆ ଏହି ଅବସ୍ଥାରେ କିପରି ଆସି ପହଂଚିଲା ଏବଂ ଏବେ ସେହି ଧ୍ୱଂସ ମୁଖରୁ ପୃଥିବୀକୁ କିପରି ରକ୍ଷା କରାଯାଇ ପାରିବ।

ଅହମଦୀୟା ମୁସଲିମ ସଂପ୍ରଦାୟର ଆଧ୍ୟାତ୍ମିକ ନେତା ଏହାକୁ ବିସ୍ତୃତ ଭାବରେ ବର୍ଣ୍ଣନା କରି ଅତି ସ୍ୱଷ୍ଟ ରୂପେ ଘୋଷଣା କରିଛନ୍ତି ଯେ ଦୁନିଆରେ ଶାନ୍ତି ଫେରାଇ ଆଣିବାକୁ ହେଲେ ଏକମାତ୍ର ଉପାୟ ହେଉଛି,ନ୍ୟାୟର ପନ୍ଥାକୁ ଆପଣାଇବା ତଥା ଅତି ବିନମ୍ର ଭାବରେ ଓ ଆଜ୍ଞାବହ ହୋଇ ଈଶ୍ୱରଙ୍କ ନିକଟରେ ସମର୍ପିତ ହେବା । ସେହିପରି ସମଗ୍ର ମାନବଜାତି ସହିତ ସହାନୁଭୂତି ପ୍ରଦର୍ଶନ କରିବା,ଦୁର୍ବଳ ଓ ଅସହାୟଙ୍କୁ ସାହାଯ୍ୟ କରିବା,ସେମାନଙ୍କୁ ଆଦର ସମ୍ମାନ ସହିତ ସେମାନଙ୍କ ଦୁଃଖରେ ସମଭାଗୀ ହେବା ସହିତ ଈଶ୍ୱର ଭୟ ରଖି ସତ୍ୟ ଓ ଧର୍ମ ପଥରେ ଚାଲିବା ଏବଂ ନିଷ୍ଠାପର ଭାବନା ନେଇ ନିଜର ପରମ ସ୍ରଷ୍ଟାଙ୍କ ନିକଟରେ ପ୍ରଣିପାତ ହେଲେ ଯାଇ ପ୍ରକୃତ ଶାନ୍ତିକୁ ପାଇ ପାରିବା ।

ଆଜି ବିଶ୍ୱରେ ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ହିଁ ଯୁଦ୍ଧ ପାଇଁ ବାଧ କରିଦେଇଛି । ସୁତରାଂ ଅହମଦୀୟା ମୁସଲିମ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ଏଥି ପ୍ରତି ଦୃଷ୍ଟି ଆକର୍ଷଣ କରି କୁହନ୍ତି, ଏହା ଆମ ସମସ୍ତଙ୍କୁ ଜଣାଅଛି ଯେ ରାଷ୍ଟ୍ରସଂଘ ଗଠନର ବିଫଳତା ଏବଂ ୧୯୩୨ ମସିହାରେ ଉପୁଜିଥିବା ଉତ୍କଟ ଆର୍ଥିକ ସଂକଟ ଯୋଗୁଁ ହିଁ ମୁଖ୍ୟତଃ ଦ୍ୱିତୀୟ ବିଶ୍ୱଯୁଦ୍ଧର ସୂତ୍ରପାତ ହୋଇଥିଲା । ବର୍ତ୍ତମାନ ସମୟର ପ୍ରବୀଣ ଅର୍ଥନୀତିଜ୍ଞମାନେ କୁହନ୍ତି ଯେ ଚଳିତ ସମୟରେ ଦେଖା ଦେଇଥିବା ଆର୍ଥିକ ସଂକଟ ଏବଂ ୧୯୩୨ ମସିହାର ଆର୍ଥିକ ସଂକଟ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି । ରାଜନୈତିକ ସମସ୍ୟା ତଥା ଅର୍ଥନୈତିକ ବିଶୃଙ୍ଖଳା ଇତ୍ୟାଦି ଛୋଟ ଛୋଟ ଦେଶ ମଧ୍ୟରେ ପୁଣି ଥରେ ଯୁଦ୍ଧର କାରଣ ସାଜିଛି । ପୁଣି ଏସବୁ ଦେଶମାନଙ୍କରେ ଆଭ୍ୟନ୍ତରୀଣ ଗୋଷ୍ଠୀ କନ୍ଦଳ ଓ ଜନ ଅସନ୍ତୋଷ ବୃଦ୍ଧି ପାଇବାର ଫଳ ସ୍ୱରୂପ ଏକ ମହା ଯୁଦ୍ଧ ରୂପେ ଉଭା ହେବ । ଯଦି ଛୋଟ ଦେଶଗୁଡ଼ିକ ମଧ୍ୟରେ ରହିଥିବା ବାଦ ବିବାଦ ଓ ସଂଘର୍ଷକୁ ରାଜନୀତି ବା କୂଟନୀତି ପ୍ରୟୋଗ କରି ଏହାର ଉପଯୁକ୍ତ ସମାଧାନ ନକରାଯାଏ,ତା ହେଲେ ନିଶ୍ଚିତ ଭାବରେ ଏହି ଦେଶଗୁଡ଼ିକ ବିଭାଜିତ ହୋଇ ପୃଥିବୀରେ କେତେକ ନୂଆ ନୂଆ ଗୋଷ୍ଠି ବା ମହାମେଂଟ ଗଠନ କରିବେ। ଏହା ହିଁ ହେବ ତୃତୀୟ ବିଶ୍ୱଯୁଦ୍ଧ ସଂଘଟିତ ହେବାର ମୂଳ କାରଣ । ଆମେ ବର୍ତ୍ତମାନ ପରିପ୍ରେକ୍ଷୀରେ ବିଶ୍ୱର ପ୍ରଗତି ଦିଗରେ ବିଶେଷ ଧ୍ୟାନ ନଦେଇ ପୃଥିବୀକୁ କିପରି ଧ୍ୱଂସର କରାଳରୁ ରକ୍ଷା କରା ଯାଇପାରିବ,ସେଥି ପାଇଁ ଯଥାଶୀଘ୍ର ଉଦ୍ୟମ ଚଳାଇବା ଉଚିତ୍। କାରଣ ବିଶ୍ୱ ମାନବ ଏକ ମାତ୍ର ତ୍ରାଣକର୍ତ୍ତା ଈଶ୍ୱରଙ୍କୁ ଚିହ୍ନିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଯେ କି ମାନବିକତାକୁ ବଂଚାଇବାର ଏକମାତ୍ର ଆଧାର ଓ ଆମ ସମାଜକୁ ଜୀବିତ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଯଦି ଏହା ନହୁଏ, ତା ହେଲେ ଆମ ବିଶ୍ୱ ଧୀରେ ଧୀରେ ବିନାଶ ଆଡ଼କୁ ଏହିପରି ଧାବମାନ ହେଉଥିବ ।

ବର୍ତ୍ତମାନର ସମୟରେ ଅହମଦୀୟା ମୁସଲିମ ସଂପ୍ରଦାୟର ୫ମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ସାହେବ ନିରନ୍ତର ଏହା ପ୍ରୟାସ କରି ଚାଲିଛନ୍ତି କି କିପରି ଏ ତୃତୀୟ ମହା ବିଶ୍ୱଯୁଦ୍ଧ ନହେଉ । ସେଥି ପାଇଁ ସେ ସମସ୍ତ ରାଷ୍ଟ୍ରମୁଖ୍ୟଙ୍କୁ ପତ୍ର ଲେଖି ସୂଚିତ କରାଉଛନ୍ତି। ଇସଲାମ ଗଣତନ୍ତ୍ର ରାଷ୍ଟ୍ର ଇରାନର ରାଷ୍ଟ୍ରପତିଙ୍କୁ ପିତ୍ର ଲେଖି କହିଲେ,ବର୍ତ୍ତମାନ ସବୁ ଆଡ଼େ ପ୍ରବଳ ଉତେଜନା ଓ ଅଶାନ୍ତି ଦେଖା ଦେଇଛି । କେତେକ ଅଂଚଳରେ ଛୋଟ ଧରଣର ସଂଘର୍ଷର ସୂତ୍ରପାତ ହୋଇଛି ତ ଅନ୍ୟ କେତେକ ଅଂଚଳରେ ବଡ଼ ଧରଣର। ଶକ୍ତଶାଳୀ ରାଷ୍ଟ୍ରଗୁଡ଼ିକ ଶାନ୍ତି ରକ୍ଷା ପାଇଁ ଚେଷ୍ଟା ଚଳାଇ ଥିବାର ବାହାନା କରି ନିଜ ଶକ୍ତି ପୟୋଗ କରୁଛନ୍ତି ଓ ସେମାନଙ୍କର ଆଭ୍ୟନ୍ତରୀଣ କନ୍ଦଳରେ ଅଯଥା ହସ୍ତକ୍ଷେପ କରୁଛନ୍ତି । ଆଜି ଦୁନିଆର ପ୍ରତ୍ୟେକ ଦେଶ କୌଣସି ଅନ୍ୟ ଦେଶ ପ୍ରତି ଶତ୍ରୁତା ଆଚରଣ କରିବା ପାଇଁ ଅଂଟାଭିଡ଼ି ବାହାରିଛି ତ ଅନ୍ୟ କୌଣସି ଦେଶକୁ ସମର୍ଥନ କରୁଛି । କିନ୍ତୁ ନ୍ୟାୟ ପ୍ରଦାନ କରିବାର ମୌଳିକ ଆବଶ୍ୟକତା ପ୍ରତି କୌଣସି ଗୁରୁତ୍ୱ ଦେଉନାହିଁ । ପୃଥିବୀର ସାମ୍ପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କରି ମୋତେ ଅତି ଦୁଃଖର ସହିତ କହିବାକୁ ପଡୁଛି ଯେ ଅନ୍ୟ ଏକ ଯୁଦ୍ଧର ମୂଳଦୂଆ କେବେ ଠାରୁ ପଡ଼ିସାରିଲାଣି ।

ଅହମଦୀୟା ମୁସଲିମ ଖଲିଫା ତାଙ୍କ ଏକ ଭାଷଣରେ କହିଲେ,ବିଗତ ଦୁଇଟି ବିଶ୍ୱଯୁଦ୍ଧର ଭୟାବହ ଧ୍ୱଂସଲୀଳା ସମ୍ବନ୍ଧରେ ଆମେ ମାନେ ଭଲ ଭାବରେ ସଚେତନ ଅଛନ୍ତି । ଅଥଚ ପରିତାପର ବିଷୟ ହେଉଛି ଯେ କେତେକ ଦେଶର ଜଟିଳ ଶାସନ ନୀତି ଓ ଗର୍ହିତ ଆଚରଣ ପୃଥିବୀର ଦିଗବଳୟରେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଆଭାସ ଦେଉଛି । ଏହି ବିଶ୍ୱଯୁଦ୍ଧ ଏକ ଆଣବିକ ତଥା ପାରମାଣବିକ ଯୁଦ୍ଧରେ ହିଁ ପରିଣତ ହେବ । ପୃଥିବୀ ଯେଉଁ ଆଡ଼କୁ ଗତି କରୁଛି,ତହିଁରେ ନିଶ୍ଚିତ ଭାବରେ ଏପରି ଏକ ମହା ଯୁଦ୍ଧ ଲାଗି ଯିବାର ବିପଦ ଦେଖାଦେଇଛି । ଏହାର ଭୟାବହ ପରିଣତିରୁ ରକ୍ଷା ପାଉବା ପାଇଁ ଆମେ ନ୍ୟାୟ,ସାଧୁତା ଓ ସ୍ୱଚ୍ଛତାର ପଥ ଅବଲମ୍ବନ କରିବା ଉଚିତ୍। ଆମେ ସମସ୍ତେ ଏକଜୁଟ ହୋଇ ହିଂସା ଓ ଘୃଣାକୁ ପ୍ରସାର କରୁଥିବା ସେହିସବୁ ଗୋଷ୍ଠୀ ବା ସଂଗଠନ ବିରୁଦ୍ଧରେ ସ୍ୱର ଉତୋଳନ କରିବା ଏବଂ ଯେଉଁମାନେ ପୃଥିବୀରେ ଶାନ୍ତି ନଷ୍ଟ କରିବାକୁ ଚାହୁଁଛନ୍ତି,ସେମାନଙ୍କୁ ଦୃଢ ହସ୍ତରେ ଦମନ କରିବା ଏକାନ୍ତ ଅପରିହାର୍ଯ୍ୟ ।

ଆମେ ନିଜର ଆଗାମୀ ବଂଶଧରଙ୍କୁ ବିକଳାଙ୍ଗର ଉପହାର ଦେବାର କାରଣ ହେବା ନାହିଁ । ଅହମଦୀୟା ମୁସଲିମ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ସାହେବ ଇସ୍ରାଇଲ ପ୍ରଧାନ ମନ୍ତ୍ରୀଙ୍କ ନାମରେ ଲେଖିଥିବା ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ ମୁଁ ସେହି ପ୍ରତିଶ୍ରୁତ ମସିହଙ୍କ ଖଲିଫା ଭାବରେ ଆପଣଙ୍କୁ ସମ୍ବୋଧନ କରି କହୁଛି ଯେ ଦିବ୍ୟ ଅବତାର ହଜରତ ମୁହମ୍ମଦ ସଲ୍ଲମଙ୍କ ଜଣେ ଅନୁରକ୍ତ ଦାସ ରୂପେ ବର୍ତ୍ତମାନ ଯୁଗରେ ସେ ପ୍ରେରିତ ହୋଇଛନ୍ତି । ସୁତରାଂ ପ୍ରଭୁଙ୍କ ବାର୍ତ୍ତା ଆପଣଙ୍କ ନିକଟରେ ପହଂଚାଇ ଦେବା ହେଉଛି ମୋର କର୍ତବ୍ୟ। ଯେଉଁମାନେ ପ୍ରଭୁଙ୍କ ବାଣୀକୁ କର୍ଣ୍ଣପାତ କରନ୍ତି,ଆପଣ ସେମାନଙ୍କ ମଧ୍ୟରେ ପରିଗଣିତ ହେବେ ବୋଲି ମୋର ଆଶା । ସେହି ପଥରେ ଯେଉଁମାନେ ପରିଚାଳିତ ହେବାର ସଫଳତା ହାସଲ କରନ୍ତି, ଆପଣ ସେହି ପଥକୁ ଅନୁସରଣ କରନ୍ତୁ । କାରଣ ତାହା ଆକାଶ ଓ ପୃଥିବୀର ଅଧିଶ୍ୱରଙ୍କ ନିର୍ଦ୍ଦେଶିତ ପଥ । ମୋର ଆପଣମାନଙ୍କୁ ଅନୁରୋଧ ଯେ ପୃଥିବୀକୁ ଯୁଦ୍ଧର ତଟଦେଶରେ ପହଂଚାଇବା ପରିବର୍ତେ ମାନବିକତାକୁ ବିଶ୍ୱବ୍ୟାପି ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ଆପଣ ଯଥାସାଧ ଉଦ୍ୟମ କରନ୍ତୁ । ବଳ ପ୍ରୟୋଗ ଦ୍ୱାରା ବିବାଦର ସମାଧାନ କରିବା ପରିବର୍ତେ ଆପୋଷ ଆଲୋଚନା ମାଧ୍ୟମରେ ଉତମ ଭାବ ବିନିମୟ ଦ୍ୱାରା ମିମାଂସା କରିବା ଉଚିତ୍ । ଯଦ୍ଦ୍ୱାରା ଆମେ ଆମ ଆଗାମୀ ବଂଶଧରମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତର ଉପହାର ଦେଇପାରିବା । ଅନ୍ୟଥା ଆମେ ସେମାନଙ୍କୁ ପଙ୍ଗୁ ଓ ବିକଳାଙ୍ଗର ଉପହାର ଦେବା ହିଁ ସାର ହେବ ।

ବ୍ରିଟେନର ପ୍ରଧାନ ମନ୍ତ୍ରୀଙ୍କୁ ଲେଖି ଜଣାଇଲେ ଯେ ମୋର ଅନୁରୋଧ ଯେ ପ୍ରତ୍ୟେକ ସ୍ତରରେ ଓ ପ୍ରତ୍ୟେକ ଦିଗରେ ଘୃଣା ଓ ହିଂସାର ଅଗ୍ନିଶିଖାକୁ ନିର୍ବାପିତ କରିବା ପାଇଁ ଆସନ୍ତୁ ଆମେ ନିଜର ସମସ୍ତ ଶକ୍ତକୁ ବିନିଯୋଗ କରିବାକୁ ଯଥାସାଧ୍ୟ ପ୍ରୟାସ କରିବା । ଯଦି ଆମେ ଏହି ପ୍ରୟାସରେ ସଫଳ ହେବା,ତା ହେଲେ ଆମର ଆଗାମୀ ପଢିର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଆମେ ଦୃଢ ନିଶ୍ଚିତ ହୋଇ ପାରିବା। ଯଦି ଆମେ ଏହି କାର୍ଯ୍ୟରେ ବିଫଳ ହେଉଛେ,ତା ହେଲେ ଆମେ ପରମାଣୁ ଯୁଦ୍ଧ ଯୋଗୁଁ ପ୍ରତ୍ୟେକ ସ୍ଥାନରେ ବିଧ୍ୱଂସ ଜନିତ କୁପରିଣାମର ସମ୍ମୁଖୀନ ହେବା ଓ ଆମେ କରିଥିବା ଏତାଦୃଶ ଜଘନ୍ୟ କାର୍ଯ୍ୟ ଯୋଗୁଁ ଏହାର ବିନାଶକାରୀ ପ୍ରଭାବ କାୟା ବିସ୍ତାର କରି ଆମ ଭବିଷ୍ୟତ ବଂଶଧରଙ୍କୁ ଭୋଗ କରିବାକୁ ହେବ । ପୁଣି ଏହି ବଂଶଧର ସେମାନଙ୍କ ପୂର୍ବଜମାନଙ୍କୁ ଦୁନିଆକୁ ମହା ବିପତି ମଧ୍ୟକୁ ଠେଲି ଦେଇଥିବା କାରଣରୁ କଦାପି କ୍ଷମା ଦେବେ ନାହିଁ ।

ଅନ୍ତିମ ଯୁଗର ପ୍ରବର୍ତକ, ପ୍ରତିଶ୍ରୁତ ଅବତାର ଓ ମସିହ ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ ସାହେବ(୧୮୩୫-୧୯୦୮)ବିଶ୍ୱ ସମାଜକୁ ମହା ବିଶ୍ୱଯୁଦ୍ଧର ଚେତାବନୀ ଦେଇ କୁହନ୍ତି, ହେ ୟୁରୋପ ! ତୁ ମଧ୍ୟ ଶାନ୍ତିରେ ନାହୁଁ । ହେ ଏସିଆ ! ତୁ ମଧ୍ୟ ନିରାପଦ ନାହୁଁ । ହେ ଦ୍ୱୀପପୁଞ୍ଜବାସୀ ! କୌଣସି କୃତ୍ରିମ ଈଶ୍ୱର ତୁମକୁ ସାହାଯ୍ୟ କରିବେ ନାହିଁ । ମୁଁ ମହାନଗରୀ ସବୁ ଟଳି ପଡୁଥିବାର ଦେଖି ପାରୁଛି ଓ ଆବାଦି ବସ୍ତିକୁ ପରିତ୍ୟକ୍ତ ଓ ଅନାବାଦି ଅବସ୍ଥାରେ ଦେଖିବାକୁ ପାଉଛି । ପରମେଶ୍ୱର ବହୁ ସମୟ ଧରି ନୀରବ ରହିଲେ ଏବଂ ତାଙ୍କ ସମ୍ମୁଖରେ ବିଭତ୍ସ ଓ ଘୃଣିତ କାର୍ଯ୍ୟ କରାଗଲା, କିନ୍ତୁ ସେ ବାକ୍‌ସ୍ଫୁର୍ତି କଲେ ନାହିଁ । ବର୍ତମାନ ସେ ନିଜର ରୋଷଯୁକ୍ତ ମୁଖମଣ୍ଡଳ ଦେଖାଇଲେ । ଯାହାର କାନ ଅଛି, ସେ ଶୁଣୁ ଯେ ସେ ସମୟ ଏବେ ଆଉ ବେଶୀ ଦୂର ନାହିଁ । ମୁଁ ଯଥା ସାଧ ପ୍ରୟାସ କରିଛି ଯେ ପ୍ରଭୁଙ୍କ ଶାନ୍ତିପ୍ରଦ ଛାୟା ତଳେ ସମସ୍ତଙ୍କୁ ଏକତ୍ରିତ କରିବି । ପୁଣି ଏହା ଜରୁରୀ ଥିଲା ଯେ ନିୟତିର ବିଧାନ ଅବଶ୍ୟ ପୂରଣ ହେଉ । ମୁଁ ନିରାଟ ସତ କହୁଛି ଯେ ଏ ଦେଶର ନୂତନ ପରିବର୍ତନ ମଧ୍ୟ ନିକଟତର ହୋଇ ଆସୁଛି । ନୋହାଙ୍କ ଯୁଗ ତୁମ ଚକ୍ଷୁ ସମ୍ମୁଖରେ ମହାଚକ୍ରବାତ ଜନିତ ବନ୍ୟାର ତାଣ୍ଡବ ଭଳି ଦୃଶ୍ୟ ଆସିଯିବ । ଲୁତ୍‌ଙ୍କ ଭୂମିର ଘଟଣା ତୁମେ ନିଜସ୍ୱ ନେତ୍ରରେ ଚରମ ବ୍ୟଭିଚାରର କୁପରିଣାମ ସ୍ୱରୂପ ଏଡସ୍ ,ମହାମାରୀର ଭୟାବହତା ଦେଖିପାରିବ । କିନ୍ତୁ ପରମେଶ୍ୱର ପ୍ରକୋପ ସାଧନରେ ମନ୍ଥର ଗତିକୁ ପସନ୍ଦ କରନ୍ତି । ଏଣୁ ଅନୁତାପ କର । ଫଳରେ ତୁମ ପ୍ରତି ଦୟା କରା ଯାଇପାରିବ ।

ଯଦି ବିଶ୍ୱବାସୀ ହଜରତ ଅହମଦଙ୍କ ଏହି ଅମୂଲ୍ୟ ବାର୍ତାକୁ ବୁଝି ତଦନୁଯାୟୀ କାର୍ଯ୍ୟ ନିର୍ବାହ କରନ୍ତେ ତାହେଲେ ବିଶ୍ୱରେ ଶାନ୍ତି ବିରାଜି ପାରନ୍ତା ଏବଂ ମନୁଷ୍ୟ ଜାତି ଆଉ ଅଧିକ ଦିନ ତିଷ୍ଠି ରହି ପାରନ୍ତା । ପରମତପ ଅଲ୍ଲାଃଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ସେ ସମସ୍ତ ମାନବ ସମାଜକୁ ଏଥିପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ବିଶ୍ୱବାସୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ବସ୍ତୁବାଦର ଲାଳସାକୁ ଜଳାଞ୍ଜଳୀ ଦେଇ ନିଜର ଦାୟିତ୍ୱ ପ୍ରତି ସଚେତନ ରହିବା ସଂଗେ ସଂଗେ ନିଜ କର୍ତବ୍ୟକୁ ସୁଚାରୁ ରୂପେ ସଂପାଦନ କରିବା ପାଇଁ ପ୍ରୟାସ କରିବେ । ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ଆମ ସମସ୍ତଙ୍କୁ ବିଶ୍ୱଯୁଦ୍ଧ ଜନିତ ଧ୍ୱଂସର ବିଭୀଷିକାର କୁପ୍ରଭାବରୁ ସୁରକ୍ଷିତ ରଖନ୍ତୁ । ଏହା ହିଁ ଆମର କାମନା ।

*ୟୁନିଟ-୪,ଭୁବନେଶ୍ୱର*
*ଦୂରଭାଷ : ୯୬୯୨୨୨୫୦୫୭*





# ଶୈବ ଉପାସନା ଓ ମହାଶିବରାତ୍ରି



ଡକ୍ଟର ମନୋରଞ୍ଜନ ବିଷୋୟୀ

ଶିବ ଉପାସନା ଆମ ସଂସ୍କୃତିର ଏକ ଉଦାର କଳ୍ପନା । ଶିବ ନିତ୍ୟ ମଙ୍ଗଳକାରୀ । ଶିବ ଯେଉଁ ଭାବଧାରାର ପ୍ରତୀକ; ସେଥିରେ ବିଶ୍ୱମଙ୍ଗଳ ହିଁ ନିହିତ । ସମଗ୍ର ବିଶ୍ୱର କଲ୍ୟାଣକାରୀ, ରକ୍ଷକ ଓ ବିଧାୟକ ଭାବେ ଶିବଙ୍କ ରୂପରେ ବ୍ରହ୍ମା ଓ ବିଷ୍ଣୁଙ୍କ ସମନ୍ୱୟ ଘଟିଛି । ତେଣୁ ସେ ସ୍ୱୟଂ ପରମେଶ୍ୱର । ଏହି ପରମେଶ୍ୱର ଜଗତ୍‌ପିତାଙ୍କ ଉପାସନା ବହୁ ପ୍ରାଚୀନ କାଳରୁ ପ୍ରତୀକାତ୍ମକ ଲିଙ୍ଗ ରୂପରେ ପ୍ରଚଳିତ । ବସ୍ତୁତଃ ଲିଙ୍ଗ ହେଉଛି ମୁଖ ହସ୍ତାଦି ଅଙ୍ଗ ବିହୀନ ଲମ୍ବ ପ୍ରସ୍ତର ବା ଧାତୁଖଣ୍ଡ ଏବଂ ଏହା ଶକ୍ତି ମଧ୍ୟସ୍ଥ ଗର୍ଭରେ ପ୍ରୋଥିତ । ଶିବଙ୍କ ମୂର୍ତ୍ତି ଲିଙ୍ଗ (ଉପସ୍ଥ) ଏବଂ ପାର୍ବତୀଙ୍କ ପ୍ରତୀକ ଶକ୍ତି (ଯୋନି) ରୂପରେ ପ୍ରତିଷ୍ଠିତ । ଏହି ଉଭୟ ଶକ୍ତିର ମିଳନରୁ ହିଁ ବ୍ରହ୍ମାଣ୍ଡର ସୃଷ୍ଟି ସମ୍ଭବ ହୋଇଥିଲା । ଲିଙ୍ଗ ହିଁ ସୃଷ୍ଟିର ପ୍ରତୀକ । ଏହାକୁ କିନ୍ତୁ ସର୍ପ ଆଚ୍ଛାଦିତ କରି ରଖିଥାଏ । ତେଣୁ ପ୍ରତ୍ୟେକ ଶିବଲିଙ୍ଗ ନାଗ ବେଷ୍ଟିତ । ଯାହା ସୃଷ୍ଟିକୁ କାଳ ଆଚ୍ଛାଦନ କରିରଖିବାର ପ୍ରତୀକ । ପ୍ରକୃତପକ୍ଷେ କହିବାକୁ ଗଲେ ଶକ୍ତି ଓ ଶିବଙ୍କୁ ଲିଙ୍ଗ ସ୍ୱରୂପ ପ୍ରତୀକାତ୍ମକ ଉପାସନା ହିଁ ଶିବ ଉପାସନା ପରମ୍ପରା। ଅତଏବ ପ୍ରକୃତି ଓ ପୁରୁଷଙ୍କର ମିଳନାତ୍ମକ ଉପାସନା ହିଁ ଶିବ ଉପାସନା ।

ଏ ପରିପ୍ରେକ୍ଷୀରେ କହିରଖେ ପ୍ରାଗ୍ ବୈଦିକ ଯୁଗରେ ପ୍ରଜନନ ଓ ଶସ୍ୟ ଉତ୍ପାଦନର ଶକ୍ତିଶାଳୀ ଦେବତା ରୂପେ ଲିଙ୍ଗ ଅନାର୍ଯ୍ୟ ବା ଅଷ୍ଟ୍ରିକ ଗୋଷ୍ଠୀ ଦ୍ୱାରା ପୂଜା ପାଉଥିଲେ । ପରେ ପରେ ଦ୍ରାବିଡ଼ ଗୋଷ୍ଠୀ ଦ୍ୱାରା କୃଷିକ୍ଷେତ୍ର ଓ ପଶୁପାଳନର ଅଧୀଶ୍ୱର ରୂପେ ପୂଜିତ ହେଲେ । ପରବର୍ତ୍ତୀ ସମୟରେ ଆର୍ଯ୍ୟମାନେ ମଧ୍ୟ ଏହି ଉଭୟ ସଂସ୍କୃତିର ଲିଙ୍ଗ ଉପାସନାକୁ ଗ୍ରହଣ କରିନେବା ସହ ଏହି ଉପାସନା ପରମ୍ପରାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଥିଲେ । ଋଗ୍ ବେଦରେ ‘ଶିବ’ ନାମରେ ଉଲ୍ଲେଖ ନଥିଲେ ହେଁ; ଶିବଙ୍କୁ ରୁଦ୍ର ରୂପରେ ବର୍ଣ୍ଣନା କରାଯାଇଛି । ପ୍ରକୃତପକ୍ଷେ କହିବାକୁ ଗଲେ ଆର୍ଯ୍ୟ ଏବଂ ଅନାର୍ଯ୍ୟ ଏହି ଦୁଇ ସଂସ୍କୃତିର ମିଶ୍ରଣରେ ଶୈବ ଉପାସନା ପରମ୍ପରାର ସୃଷ୍ଟି ।

ଏହି ଉପାସନା ପରମ୍ପରାକୁ ପରବର୍ତ୍ତୀ ସମୟରେ ଅନେକ ପ୍ରଚେତା ପ୍ରଚାର ଓ ପ୍ରସାର ଘଟାଇବା ସହ ଭାରତବର୍ଷର ବାରଗୋଟି ପ୍ରସିଦ୍ଧ ଶିବଲିଙ୍ଗ ଯଥା- ୧. ସୋମନାଥ, ୨. ଶ୍ରୀ ମଲ୍ଲିକାର୍ଜ୍ଜୁନ, ୩. ଶ୍ରୀ ମହାକାଳେଶ୍ୱର, ୪. ଓଁକାରେଶ୍ୱର, ୫. ଶ୍ରୀକେଦାରନାଥ, ୬. ଶ୍ରୀ ଭୀମଶଙ୍କର, ୭. ଶ୍ରୀ ବିଘ୍ନେଶ୍ୱର, ୮. ତ୍ରୈମ୍ବକେଶ୍ୱର, ୯. ବୈଦ୍ୟନାଥ, ୧୦. ନାଗେଶ୍ୱର, ୧୧. ସେତୁବନ୍ଧୁ-ରାମେଶ୍ୱର, ୧୨. ଘୁସ୍ମେଶ୍ୱର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗର ମର୍ଯ୍ୟାଦା ଲାଭ କଲେ । ବିଶେଷ କରି ଗୁପ୍ତଯୁଗରେ ସଂଖ୍ୟାଧିକ ଶିବ ମନ୍ଦିର ନିର୍ମାଣ ଓ ଶିବ ଉପାସନା ଏହି ଶୈବ ପରମ୍ପରାକୁ ସାର୍ବଜନୀନ କରିପାରିଥିଲା । ଏପରିକି ଅନେକ ଶିବମନ୍ଦିରରେ ଲିଙ୍ଗ ଉପାସନା ସହ ଶିବଙ୍କ ମଙ୍ଗଳମୟ ମୂର୍ତ୍ତିକୁ ମଧ୍ୟ ଆରାଧନା କରାଯାଇଥାଏ । ଶିବଙ୍କ ମସ୍ତକରେ ଜଟା ଓ ତହିଁ ଉପରେ ସର୍ପର କିରୀଟ ସହ କୁଣ୍ଡଳ ଓ କଙ୍କଣ ସ୍ଥାନରେ ମଧ୍ୟ ସର୍ପ ଆଭୂଷଣ ଏବଂ ସର୍ବାଙ୍ଗରେ ଭସ୍ମ ତଥା ବ୍ୟାଘ୍ର ଛାଲରେ ବସ୍ତ୍ର ପରିହିତ । ଏହାସହ ଶିର ଉପରେ ପତିତପାବନୀ ଗଙ୍ଗା ଓ ଲଲାଟରେ ଅର୍ଦ୍ଧଚନ୍ଦ୍ର ଏବଂ ତ୍ରିନେତ୍ର ସୁଶୋଭିତ । ଏହାସହ କଣ୍ଠରେ ରୁଦ୍ରାକ୍ଷ, ହସ୍ତରେ ଡମ୍ବରୁ ଓ ତ୍ରିଶୂଳ । ଏ ପରିପ୍ରେକ୍ଷୀରେ କହିରଖେ ସର୍ପକୁ ଆଭୂଷଣ, କାମନାଶୂନ୍ୟ ଚିତାଭସ୍ମକୁ ବିଭୂତି ଆଖ୍ୟା ପ୍ରଦାନ କରି ସର୍ବାଙ୍ଗରେ ଲେପନ କରିଥିବା ଶିବ ହେଉଛନ୍ତି ଯଥାର୍ଥରେ ତ୍ୟାଗର ପ୍ରତୀକ । ଏପରିକି ତ୍ରିଶୂଳ ଓ ଡମ୍ବରୁ ହେଉଛି ଶସ୍ତ୍ର ଓ ଶାସ୍ତ୍ରର ପରିଚାୟକ । ଏହା ଶିବଙ୍କ ଅନୁଶାସନର ପ୍ରତୀପ । ଭାଲପଟରେ ଶୋଭା ପାଉଥିବା ଦ୍ୱିତୀୟା ଚନ୍ଦ୍ର ପୂର୍ଣ୍ଣତାର ପରିଚାୟକ ।

ଯଥାର୍ଥରେ ଶିବ ଶବ୍ଦର ଅର୍ଥ କଲ୍ୟାଣ । ଜୀବ ଅହର୍ନିଶ ସଭିଙ୍କ କଲ୍ୟାଣ କଲେ ହିଁ ଶିବ ପଦବାଚ୍ୟ ହୋଇଥାଏ । ଫଳତଃ ଶିବ ମହିମାରେ ଆତ୍ମବିଭୋର ହୋଇ; ନିତ୍ୟ ମଙ୍ଗଳକାରୀ ଶିବଙ୍କର ନାନାଦି ଉପଚାର ଯୁକ୍ତ ଆରାଧନା ପ୍ରଚଳିତ ହୋଇ ଆସୁଛି । ଏହି ଧାରାରେ ମହାଶିବରାତ୍ରି ହେଉଛି ଆମ ସଂସ୍କୃତିର ଏକ ସମନ୍ୱୟାତ୍ମକ ମହୋତ୍ସବ । ପ୍ରାଚୀନ କାଳରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଗଣିତ ନରନାରୀ ଏହି ଉପାସନା ପାଳନ କରି ଆସୁଛନ୍ତି । ଏପରିକି ବୈଷ୍ଣବୀୟ ଭାବଧାରାର ସ୍ପର୍ଶରେ ହରି ଓ ହର ଉଭୟ ଏକ ଓ ଅଭିନ୍ନ ପାଲଟିଯିବା ସହ ମହାଶିବରାତ୍ରି ସ୍ୱକୀୟ ବୈଶିଷ୍ଟ୍ୟ ପ୍ରତିପାଦନ ପୂର୍ବକ ଏକ ଜୟନ୍ତୀ ରୂପ ସ୍ୱୀକୃତ ଲାଭ କରିଅଛି । ଈଶାନ ସଂହିତା ବର୍ଣ୍ଣନାନୁସାରେ ମହାଶିବରାତ୍ରିର ପୁଣ୍ୟ ରଜନୀରେ ହିଁ ଶିବ ଲିଙ୍ଗର ଆବିର୍ଭାବ ହୋଇଥିଲା । ଏପରିକି ଶିବଲିଙ୍ଗର ଆର୍ବିଭାବକୁ ନେଇ ପୁରାଣଶାସ୍ତ୍ରରେ ବହୁ ଆଖ୍ୟାୟିକା ପ୍ରଚଳିତ ଥିଲେ ମଧ୍ୟ ପ୍ରତ୍ୟେକ ଏହି ପୁଣ୍ୟ ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀର ତାମସୀ ରାତ୍ରିକୁ ମହାଶିବରାତ୍ରି ଅର୍ଥାତ୍ ଶିବଲିଙ୍ଗର ଆବିର୍ଭାବ ମୁହୂର୍ତ୍ତ ଭାବେ ସ୍ୱୀକାର କରିଆସୁଛନ୍ତି । ଏହିଦିନ ପ୍ରତ୍ୟେକ ଶୈବପୀଠରେ ସାମୂହିକ ଭାବରେ ଏହି ପର୍ବ ପାଳନ କରାଯାଏ । ଏହି ଦିନ ବ୍ରତ ପାଳନ କରୁଥିବା ପ୍ରତ୍ୟେକ ନରନାରୀ ଶିବ ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିବା ସହ ଉଜାଗର ରହି ଉପବାସ କରିଥାନ୍ତି । ଏହାସହ ବିଶ୍ୱକଲ୍ୟାଣ ଲାଗି ଶିବଲିଙ୍ଗରେ ଶାସ୍ତ୍ରମତେ ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ । ରାତ୍ରିର ପ୍ରଥମ ପ୍ରହରରେ ଦୁଗ୍ଧ, ଦ୍ୱିତୀୟ ପ୍ରହରରେ ଦଧି, ତୃତୀୟ ପ୍ରହରରେ ଘୃତ ସହ ଚତୁର୍ଥ ପ୍ରହରରେ ମଧୁ ଦ୍ୱାରା ଶିବ ଲିଙ୍ଗକୁ ସ୍ନାନ କରାଯାଇଥାଏ । ଏପରିକି ସାରା ରାତି ଉଜାଗର ରହି ଦୀପ ଜାଳି ଶିବନାମ ଜପ ଓ ସ୍ମରଣ କରାଯାଏ । ତେଣୁ ଏହି ପର୍ବକୁ ଜାଗର ମଧ୍ୟ କୁହାଯାଏ ।

ବସ୍ତୁତଃ ମହାଶିବରାତ୍ରିର ବିଶେଷ ଆକର୍ଷଣ ହେଉଛି ରାତ୍ରିର ଶେଷ ପ୍ରହରରେ ମନ୍ଦିର ଶିଖରକୁ ଉଠୁଥିବା ଦିବ୍ୟ ଜ୍ୟୋତି ସ୍ୱରୂପ ମହାଦୀପ । ଏ ପରିପ୍ରେକ୍ଷୀରେ କହିରଖେ ଦୀପଜ୍ୟୋତିକୁ ପରଂବ୍ରହ୍ମ ତଥା ପାପନାଶକ ଶକ୍ତି ରୂପେ ମାନ୍ୟତା ପ୍ରଦାନ କରାଯାଇଛି । ତେଣୁ ଲକ୍ଷ ଲକ୍ଷ ଭକ୍ତ ଶିବରାତ୍ରି ଉପବାସ କରି ମହାଦୀପ ଉଠିବାର ଶୁଭ ମୁହୂର୍ତ୍ତକୁ ପ୍ରତୀକ୍ଷା କରିଥାଆନ୍ତି । ଏହି ମହାଦୀପ ଦର୍ଶନ ପରେ ମହାଦୀପକୁ ପ୍ରଣିପାତ କରି ଶିବଭକ୍ତିରେ ବିଭୋର ହେବା ସହ ବ୍ରତ ଉଦ୍‌ଯାପନ କରିଥାନ୍ତି ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ସଂପର୍କ: ୮୮୯୫୧୪୧୭୨୭*

# ଶାସକ ଦଳକୁ ଜିତାଇବାର ଗଳାବାଟ ବାହାର କରିଛନ୍ତି ରାଜ୍ୟ ନିର୍ବାଚନ କମିଶନର: ବିଜେପି



**ଭୁବନେଶ୍ୱର :** ଶାସକ ବିଜେଡିକୁ ଜିତାଇବା ପାଇଁ ରାଜ୍ୟ ନିର୍ବାଚନ କମିଶନର ଗଳାବାଟ ବାହାର କରିଛନ୍ତି। ମନ୍ଦ ଉଦ୍ଦେଶ୍ୟ ରଖି ଜାରି କରାଯାଇଥିବା ନିର୍ବାଚନ କମିଶନଙ୍କ ସର୍କୁଲାର-୨୧୫୬କୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ବିଜେପି ଦାବି କରିଛି। ଏହାସହିତ ଏହି ପ୍ରତିନିଧି ଦଳ ମଧ୍ୟ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ନିର୍ବାଚନ କମିଶନଙ୍କ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇବା ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଜି ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ଭୋଟ ଗଣତି ପକ୍ରିୟା ପାଇଁ ନିର୍ବାଚନ କମିଶନ ଦୃଢ଼ ଓ ସ୍ୱଚ୍ଛ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛି । ଶ୍ରୀ ମହାନ୍ତି କହିଛନ୍ତି ଯେ, ପଂଚାୟତ ନିର୍ବାଚନରେ ଭୋଟିଂ ସମାପ୍ତ ହେବା ପରେ ପ୍ରିଜାଇଡିଂ ଅଫିସର ଦେଇଥିବା ସାର୍ଟିଫିକେଟ ଫର୍ମ-୧୧ରେ ଉଲ୍ଲେଖ ହୋଇଥିବା ସମୁଦାୟ ଭୋଟ ସଂଖ୍ୟା ଏବଂ ଭୋଟ ବାକ୍ସରୁ ବାହାରୁଥିବା ଭୋଟ ସଂଖ୍ୟାରେ ତାଳମେଳ ନ ରହିଲେ ଏହାକୁ କ'ଣ ଭୋଟ ଟାମ୍ପରିଂ କୁହାଯିବ ନାହିଁ ? ସେହିପରି ଯଦି, ଭୋଟ ବାକ୍ସରେ ବାହାରିଥିବା ବାଲାଟ୍ ପେପର ହିଁ ସିଦ୍ଧ, ତା'ହେଲେ ମତଦାନ ସମାପ୍ତ ହେବା ପରେ ପ୍ରିଜାଇଡିଂ ଅଫିସର ଦ୍ୱାରା ପ୍ରଦାନ କରାଯାଇଥିବା ସାର୍ଟିଫିକେଟ (ଫର୍ମ-୧୧) କେବଳ ଏକ ପ୍ରହସନ ଥିଲା କି ? ଏହାକୁ ନେଇ ଆଜି ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ଆଜି ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ସ୍ପଷ୍ଟୀକରଣ ମାଗିଥିଲେ । ଏଥି ସହ ମନ୍ଦ ଉଦ୍ଦେଶ୍ୟ ରଖି ନିର୍ବାଚନ କମିଶନ ଲୁଚାଛପାରେ ଜାରି କରିଥିବା ଚିଠି ନମ୍ବର ୨୧୫୬କୁ ତୁରନ୍ତ ପ୍ରତ୍ୟାହାର କରିବା ସହ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେବାକୁ ଥିବା ପଞ୍ଚାୟତ ଭୋଟ ଗଣତି ପକ୍ରିୟା ପାଇଁ ନିର୍ବାଚନ କମିଶନ ଦୃଢ଼ ଓ ସ୍ୱଚ୍ଛ ପଦକ୍ଷେପ ନେବା ଦାବି କରିଥିଲା। ଆଲୋଚନା ବେଳେ ନିର୍ବାଚନ କମିଶନ ନିଜ ତୃଟିକୁ ସ୍ୱୀକାର କରିବା ସହିତ ଯଥାଶୀଘ୍ର ସମସ୍ତ ବିଡିଓ ଏବଂ ଜିଲ୍ଲାପାଳଙ୍କ ସମେତ ସମସ୍ତ ନିର୍ବାଚନ ଅଧିକାରୀଙ୍କୁ ନୂତନ ସଂଶୋଧିତ ସର୍କୁଲାର ପଠାଯିବ ବୋଲି ପ୍ରତିଶୃତି ଦେଇଛନ୍ତି । ମନ୍ଦ ଉଦ୍ଦେଶ୍ୟ ରଖି ଜାରି କରାଯାଇଥିବା ନିର୍ବାଚନ କମିଶନଙ୍କ ସର୍କୁଲାର ସଂଖ୍ୟା- ୨୧୫୬କୁ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟୀ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଜାରି ରଖିବ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଘୋଷଣା କରିବା ପରେ ନିର୍ବାଚନ କମିଶନ ନିଜ ତୃଟି ସୁଧାରି ନୂତନ ସଂଶୋଧିତ ନିର୍ଦ୍ଦେଶନାମା ଜାରୀ କରିଛନ୍ତି । ଏହାଫଳରେ ମତଦାନ ସମାପ୍ତ ହେବା ପରେ ପ୍ରିଜାଇଡିଂ ଅଫିସର ଦ୍ୱାରା ପ୍ରଦାନ କରାଯାଇଥିବା ସାର୍ଟିଫିକେଟ (ଫର୍ମ-୧୧) ଅନୁଯାୟୀ ଭୋଟ ଗଣତି କରାଯିବ। ରାଜ୍ୟ ସଭାପତିଙ୍କ ସମେତ ଏହି ପ୍ରତିନିଧି ଦଳରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭୃଗୁ ବକ୍ସିପାତ୍ର, ସୁଦୀପ୍ତ ରାୟ, ରମାରଂଜନ ବଳିୟାର ସିଂହ, ଯତୀନ ମହାନ୍ତି ଓ ଧୀରେନ ସେନାପତି, ସୁରଥ ବିଶ୍ୱାଳ, ଶଙ୍କର୍ଷଣ ପରିଡା ଓ ଜୟନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଜଳସେଚନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



**ବାରିପଦା :** ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କରଞ୍ଜିଆ ଗସ୍ତରେ ଆସି ଦେଓ ଜଳସେଚନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ହାତୀବାରିଠାରେ ନିର୍ମାଣଧୀନ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସେ ଅନୁଧ୍ୟାନ କରିବା ସହ ନିର୍ମାଣ କାର୍ଯ୍ୟ ତୁରନ୍ତ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ସହିତ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଆରକ୍ଷୀ ଅଧୀକ୍ଷକ ଋଷିକେଶ ଧ୍ୟାନଦେଓ ଖିଲାରୀ, ପାଞ୍ଚପୀଢ଼ ଉପଜିଲ୍ଲାପାଳ ଡ.ରଜନୀକାନ୍ତ ବିଶ୍ୱାଳ, ଦେଓ ସେଚ ପ୍ରକଳ୍ପର ମୁଖ୍ୟ ନିର୍ମାଣଯନ୍ତ୍ରୀ ବାଦଲ କୁମାର ସାହୁଙ୍କ ସମେତ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ଖରିଫ୍ ଋତୁରେ ଏହି ପ୍ରକଳ୍ପରୁ ୩୫୦୦ ହେକ୍ଟର ଜମିରେ ଜଳସେଚନ ଯୋଗାଇ ଦିଆଯାଇଥିଲା। ଏହି ପ୍ରକଳ୍ପ ଶେଷ ହେଲେ ୯୯୦୦ ହେକ୍ଟର ଜମି ଜଳସେଚନ ହୋଇପାରିବ ବୋଲି କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ

# ୫ରେ ପୁଣି ଢିଙ୍କିଆ ଯିବେ ପାଞ୍ଚ ଜଣିଆ କମିଟି




**କଟକ :** ଆସନ୍ତା ମାର୍ଚ୍ଚ ୫ ତାରିଖରେ ପୁଣିଥରେ ଜଗତ୍ସିଂହପୁରର ଢିଙ୍କିଆ ଗସ୍ତ କରିବେ ଆଇନଜୀବୀ କମିଟି। ଆଇନଜୀବୀମାନେ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଆଲୋଚନା କରିବା ସହିତ ପ୍ରକୃତ ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରିବେ। ଉଭୟ ପ୍ରକଳ୍ପ ସପକ୍ଷବାଦୀ ଓ ବିପକ୍ଷବାଦୀ ଗୋଷ୍ଠୀଙ୍କୁ କମିଟି ସଦସ୍ୟଙ୍କ ନିକଟକୁ ଆସି ମତ ରଖିବାକୁ ସୁଯୋଗ ଦିଆଯିବ। କେହି କାହାକୁ ଅବରୋଧ କରିବେ ନାହିଁ। ସମସ୍ତେ ନିର୍ଭୟରେ ଓ ବିନା କୌଣସି ଚାପରେ ନିଜ ମତ ରଖିବା ଯେପରି ସମ୍ଭବ ହେବ, ତାହା ସୁନିଶ୍ଚିତ କରାଯିବ। ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ତିନୋଟି ମାମଲାର ଏକତ୍ର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଫେବୃଆରି ୧୯ ତାରିଖ ଦିନ ତିନି ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ତିନି ଆଇନଜୀବୀ ପ୍ରଶାନ୍ତ କୁମାର ଜେନା, ଓମକାର ଦେବଦାସ, ସୁକାନ୍ତ କୁମାର ଦଳାଇଙ୍କ ସହିତ ଅତିରିକ୍ତ ସରକାରୀ ଓକିଲ ଦେବକାନ୍ତ ମହାନ୍ତି ଓ ଜନ୍ମେଜୟ କଟିକିଆ ଢିଙ୍କିଆ ଗସ୍ତ କରିଥିଲେ। ମାମଲାର ଶୁଣାଣି ସମୟରେ ପୂର୍ବ ନିର୍ଦ୍ଦେଶ କମିଟି ସେମାନଙ୍କର ରିପୋର୍ଟ ଦାଖଲ କରିଥିଲେ। ଦୁଇ ଅତିରିକ୍ତ ସରକାରୀ ଓକିଲ (ଏଜିଏ)ଙ୍କ ରିପୋର୍ଟ ସହିତ ତିନି ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ତିନି ଆଇନଜୀବୀ ପୃଥକ୍ ରିପୋର୍ଟ ଦାଖଲ କରିଥିଲେ। ରିପୋର୍ଟରୁ ଆଇନଜୀବୀ କମିଟି ଗସ୍ତବେଳେ ଢିଙ୍କିଆରେ ଉତ୍ତେଜନା ପ୍ରକାଶ ପାଇଥିବା ଘଟଣା ସ୍ପଷ୍ଟ ହୋଇଥିଲା। ଗତ ୧୯ ତାରିଖ ଦିନ କମିଟିର ଆଇନଜୀବୀଙ୍କ ସହିତ ସ୍ଥାନୀୟ ବାସିନ୍ଦା ନିର୍ଭୟରେ କଥାବାର୍ତ୍ତା ହୋଇ ପାରିନଥିଲେ ବୋଲି ରିପୋର୍ଟରୁ ଜଣାପଡିଥିଲା। ଏହାକୁ ଦୃଷ୍ଟିରେ ରଖି ଜଗତସିଂହପୁର ଢିଙ୍କିଆ ପଞ୍ଚାୟତର ବାସିନ୍ଦାମାନେ ବିନା କୌଣସି ଭୟ ଓ ଚାପରେ ଆଇନଜୀବୀ କମିଟି ନିକଟରେ କିଭଳି ନିଜ ନିଜର ମତ ରଖିବେ, ତା' ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ସ୍ଥିତି ଅନୁଧ୍ୟାନ ପାଇଁ ପୁଣି ପାଞ୍ଚ ଜଣିଆ ଆଇନଜୀବୀ କମିଟି ଢିଙ୍କିଆ ଗସ୍ତ କରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏପରି ବୈଠକ ଢିଙ୍କିଆର ଏକ ସ୍ୱତନ୍ତ୍ର ସ୍ଥାନରେ ପ୍ରଶାସନ ଆୟୋଜନ କରିବ। ବୈଠକରେ ସ୍ଥାନୀୟ ସରପଞ୍ଚ ଓ ପଞ୍ଚାୟତ ସଦସ୍ୟମାନେ ଉପସ୍ଥିତ ରହିବେ। ବୈଠକ ସ୍ଥଳରେ ଜଗତସିଂହପୁର ଜିଲ୍ଲାପାଳ ଓ ଏସପି ମଧ୍ୟ ଉପସ୍ଥିତ ରହିବେ। ସମସ୍ତ ବୈଠକର ଭିଡିଓଗ୍ରାଫି କରାଯିବ ଓ ହାଇକୋର୍ଟରେ ଏହା ଦାଖଲ କରାଯିବ। ମାର୍ଚ୍ଚ ୮ ସୁଦ୍ଧା ଏ ସଂପର୍କିତ ରିପୋର୍ଟ ହାଇକୋର୍ଟରେ ଦାଖଲ ହେବ। ଜିଲ୍ଲାପାଳ ଏ ସଂପର୍କିତ ରିପୋର୍ଟ, ସତ୍ୟପାଠ ସହିତ ବୈଠକର ଭିଡିଓ ହାଇକୋର୍ଟରେ ଦାଖଲ କରିବେ। ରିପୋର୍ଟର କପି ଆଗୁଆ ସମସ୍ତ କମିଟି ସଦସ୍ୟଙ୍କୁ ପ୍ରଦାନ କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କମିଟିର ପାଞ୍ଚଜଣ ଆଇନଜୀବୀ ସାଙ୍ଗରେ ଜଣେ ଲେଖାଏଁ ସହଯୋଗୀଙ୍କୁ ବୈଠକକୁ ନେବା ପାଇଁ ହାଇକୋର୍ଟ ଅନୁମତି ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ଜଗତସିଂହପୁର ଜିଲ୍ଲାପାଳ ଓ ଏସ୍ପି ଭର୍ଚୁଆଲ ମୋଡରେ ଉପସ୍ଥିତ ରହିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୧କୁ ଧାର୍ଯ୍ୟ କରାଯାଇଛି। ହାଇକୋର୍ଟରେ ତିନୋଟି ମାମଲା ଦାୟର ହୋଇଛି। ଗୋଟିଏ ମାମଲା ଢିଙ୍କିଆର କୁନି ମଲ୍ଲିକ ଓ ଅନ୍ୟ ଚାରି ଜଣଙ୍କ ପକ୍ଷରୁ ହୋଇଥିବା ବେଳେ ଦ୍ୱିତୀୟ ମାମଲା ଆଇନଜୀବୀ କ୍ଷୀରୋଦ କୁମାର ରାଉତ, ଦୀପକ କୁମାର ମହାପାତ୍ର ଓ କବିରାଜ ପ୍ରଧାନଙ୍କ ପକ୍ଷରୁ ଏବଂ ତୃତୀୟ ମାମଲାଟି ପ୍ରତାପରୁଦ୍ର ସାମନ୍ତରାୟ ଦାୟର କରିଛନ୍ତି।

# ଅବକାରୀ ମାମଲା; ଦେଢ଼ମାସରେ ୫୮୮୬ ଜଣ ଗିରଫ

**କଟକ :** ଗତ ଦେଢ ମାସ ମଧ୍ୟରେ ଅବକାରୀ ବିଭାଗ ଦ୍ୱାରା ବେଆଇନ୍ କାରବାର କରି ୫୮୮୬ଜଣ ଗିରଫ ହୋଇଛନ୍ତି। ଜାନୁଆରି ୧୧ରୁ ଫେବ୍ରୁଆରି ୨୪ ତାରିଖ ମଧ୍ୟରେ ମୋଟ ୬୮୧୮ ମାମଲା ରୁଜୁ ହୋଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ଅବଧି ମଧ୍ୟରେ ଅବକାରୀ ବିଭାଗ ପକ୍ଷରୁ ଧରପଗଡ଼କୁ ଜୋରଦାର କରାଯାଇଥିଲା। ବିଭିନ୍ନ ସ୍ଥାନରେ ଚଢଉରୁ ୧ ଲକ୍ଷ ୭୭୬୨୫ ଲିଟର ଦେଶୀ ମଦ, ୧୯ ଲକ୍ଷ ୪୬୮୭୮ ଲିଟର ଦେଶୀ ମଦର କଞ୍ଚାମାଲ, ୫୦୦୧.୪ କେଜିର ଗଞ୍ଜେଇ, ୨୬୭୩ ଲିଟର ନକଲି ବିଦେଶୀ ମଦ, ୧୮୮.୬୮ଲିଟର ବେଆଇନ୍ ବିଦେଶୀ ମଦ, ୩୩୨ ଲିଟର ସ୍ପିରିଟ, ୯୩୦ ଗ୍ରାମ ବ୍ରାଉନସୁଗାର, ୫୦ ଲିଟର କଫ ସିରପ, ୩୬୮୯ ଲିଟର ବିଦେଶୀ ମଦ, ୨୦୨୦ ଲିଟର ବିଅର, ୫୯୬୬ଲିଟର ଦେଶୀ ମଦ, ୪୯୬୬ ଲିଟର ଓଏସ୍ ଲିକର, ୧ଲକ୍ଷ ୩୨୦୦ ନକଲି ଇଏଏଲ୍, ୩୬୦୦୦ ନକଲି କମ୍ପାନି ଲେଭଲ, ୨ଲକ୍ଷରୁ ଅଧିକ କ୍ୟାପ, ୨୭୬ ବାଇକ ଓ ୪ ଚକିଆ ଗାଡ଼ିକୁ ଜବତ କରାଯାଇଥିଲା। ଏହି ସମୟ ମଧ୍ୟରେ ଜବତ ସାମଗ୍ରୀର ମୋଟ ପରିମାଣ ପାଖାପାଖି ୧୬.୮୫ କୋଟି ହେବ ବୋଲି ଅନୁମାନ କରାଯାଉଛି।

# ଶିକ୍ଷାନବିସମାନେ ମାତୃଭାଷାକୁ ପ୍ରାଧାନ୍ୟ ଦେବା ଆବଶ୍ୟକ : ବାଚସ୍ପତି



**ଭୁବନେଶ୍ୱର :** ଜନସାଧାରଣଙ୍କ ମୌଳିକ ଅଧିକାରକୁ ସୁରକ୍ଷା ଦେବା ଗଣତନ୍ତ୍ରର ପ୍ରଧାନ ଆଭିମୁଖ୍ୟ। ଆଇନର ଲକ୍ଷ୍ମଣରେଖା ଭିତରେ ରହି ମାମଲାରେ ସଂପୃକ୍ତ ଉଭୟ ପକ୍ଷଙ୍କୁ ସମଦୃଷ୍ଟିରେ ଦେଖି ନ୍ୟାୟ ପ୍ରଦାନ କରାଯିବା ଉଚିତ୍ ବୋଲି କହିଛନ୍ତି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର। ନବାଗତ ନ୍ୟାୟିକ ସେବା ଶିକ୍ଷାନବିସଙ୍କ ସହିତ ପ୍ରତ୍ୟକ୍ଷ ପରିଚୟ ଉଦ୍ଦେଶ୍ୟରେ ରାଜ୍ୟ ବିଧାନସଭାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍ଘାଟନ କରି ଶ୍ରୀ ପାତ୍ର କହିଥିଲେ, ଶିକ୍ଷାନବିସମାନେ ମାତୃଭାଷାକୁ ପ୍ରାଧାନ୍ୟ ଦେବା ଆବଶ୍ୟକ। ରାଜ୍ୟର ୯୦ ପ୍ରତିଶତ ମୁଦାଲା ଓ ଆଇନଜୀବୀ ମାତୃଭାଷା ଓଡ଼ିଆରେ କଥାବାର୍ତ୍ତା ହୁଅନ୍ତି। ପ୍ରତି ଦେଶରେ ସାମାଜିକ ବିଧିବ୍ୟବସ୍ଥା ଓ ଆବଶ୍ୟତାକୁ ନେଇ ଆଇନ ପ୍ରଣୟନ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଶିକ୍ଷାନବିସମାନେ ଗୁରୁତ୍ୱର ସହ କାର୍ଯ୍ୟ କରିବା ଉଚିତ ବୋଲି ବାଚସ୍ପତି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଲେ, ବିଧିପାଳିକା ଦ୍ୱାରା ବିଭିନ୍ନ ଆଇନକୁ କାର୍ଯ୍ୟପାଳିକା କାର୍ଯ୍ୟକାରୀ କରିଥାଏ। ଶିକ୍ଷାନବିସମାନେ ସ୍ୱାଧୀନ ଓ ନିରପେକ୍ଷ ଭାବେ ନ୍ୟାୟ ବ୍ୟବସ୍ଥାକୁ ଦୃଢ଼ କରିବା ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ଶ୍ରୀ ଜେନା କହିଥିଲେ। ଉପ ବାଚସ୍ପତି ରଜନୀକାନ୍ତ ସିଂହ ଉପସ୍ଥିତ ଥିଲେ। ବିଧାନସଭାର ସଚିବ ଦାଶରଥୀ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ(ଗବେଷଣା) ବିଜୟ ସାହୁ, ବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ପୂର୍ଣ୍ଣଚନ୍ଦ୍ର ଦଳେଇ ଉପସ୍ଥିତ ଥିଲେ। ଉପ ଶାସନ ସଚିବ ଶିଶିର କାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ୪୬ଜଣ ନବାଗତ ନ୍ୟାୟିକ ସେବା ଶିକ୍ଷାନବିସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ମହା ଶିବରାତ୍ରି ପାଇଁ ଗାଇଡଲାଇନ୍; ପୂଜାର୍ଚ୍ଚନା ବେଳେ ଦର୍ଶନ କରିପାରିବେନି ଭକ୍ତ



**ଭୁବନେଶ୍ୱର:** ମହାଶିବରାତ୍ରୀ ପାଇଁ ଗାଇଡ଼ଲାଇନ ଜାରିକଲା ବିଏମସି। ଲିଙ୍ଗରାଜ ମନ୍ଦିରରେ ଜାଗର ଦିନ ଆଡକାଠ ପାଖରୁ ଭକ୍ତଙ୍କୁ ଦର୍ଶନ କରିବାକୁ ଅନୁମତି ମିଳିବ। ଦର୍ଶନ ବେଳେ ପୂଜାର୍ଚ୍ଚନା କରିପାରିବେନି ଭକ୍ତ। ସାହାଣମେଳା ଦର୍ଶନ ଓ ଗର୍ଭଗୃହ ଦର୍ଶନ ପାଇଁ ନାହିଁ ଅନୁମତି। କୋଭିଡ କଟକଣାକୁ ସଠିକ ଭାବରେ ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ସହିତ ହାତକୁ ସାନିଟାଇଜ କରିବାକୁ ବିଏମ୍ସି ପରାମର୍ଶ ଦେଇଛି। ସେବାୟତ ମାନଙ୍କୁ ମଧ୍ୟ ନିୟମ ପାଳନ କରିବେ । ବୟସ୍କ ବ୍ୟକ୍ତି , ଗର୍ଭବତୀ ଓ ୧୨ବର୍ଷରୁ କମ ଶିଶୁଙ୍କୁ ଜାଗର ଯାତ୍ରାରେ ସାମିଲ ନ ହେବାକୁ ପରାମର୍ଶ ଦେଇଛି ବିଏମସି । ମନ୍ଦିର ଭିତରେ ଛେପ, ଗୁଟୁଖା, ପାନ ସମ୍ପୂର୍ଣ୍ଣ ନିଷେଧ। ତେବେ କରୋନା ପାଇଁ ଜାଗରରେ ଏଥର ନିରାଶ ହେବେ ନାହିଁ ଶ୍ରଦ୍ଧାଳୁ । ମହା ଶିବରାତ୍ରୀରେ ଭକ୍ତଙ୍କୁ ମିଳିବ ଦର୍ଶନ ସୁଯୋଗ। ରାତି ୧୦ଟାରେ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ଉଠିବ ମହାଦୀପ। ଲିଙ୍ଗରାଜ ମନ୍ଦିରରେ ମହାଶିବରାତ୍ରି ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏ ନେଇ ନିଷ୍ପତ୍ତି ହୋଇଥିଲା । ଦିନ ୩ଟାରୁ ସାଢ଼େ ୩ଟା ଯାଏ ଅବକାଶ ନୀତି ଅନୁଷ୍ଠିତ ହେ । ଅପରାହ୍ଣ ୩ ଟା୩୦ ଠାରୁ ୫ ଟା ଯାଏ ସେବାୟତ ପରିବାର ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ କରିବେ। ସନ୍ଧ୍ୟା ୫ଟାରୁ ସର୍ବସାଧାରଣ ଦର୍ଶନ ପାଇଁ ଅନୁମତି ମିଳିବ । ମନ୍ଦିର ଗର୍ଭଗୃହକୁ କେହି ଯାଇପାରିବେନି କିମ୍ବା ଭୋଗ ନେଇ ପାରିବେନି। ମନ୍ଦିର ହୁଣ୍ଡି ପର୍ଯ୍ୟନ୍ତ ଯାଇ ଦର୍ଶନ କରିପାରିବେ ଭକ୍ତ । ଗତବର୍ଷ ଭଳି କୋଭିଡ୍ କଟକଣା ସହ ଦର୍ଶନ ଅନୁମତି ମିଳିବ । ସମସ୍ତ ନିଯୋଗ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।




# 'ମାତୃଭାଷା ଭାବ ପ୍ରକାଶର ସର୍ବୋତ୍ତମ ମାଧ୍ୟମ'




**ଭୁବନେଶ୍ୱର :** ନିଜ ମାତୃଭାଷା ଉପରେ ଦଖଲ ରଖିପାରିଲେ ହିଁ ଯେ କୌଣସି ଭାଷାରେ ନିଜର ଭାବକୁ ସୁନ୍ଦର ଭାବରେ ପରିପ୍ରକାଶ କରାଯାଇପାରିବ ବୋଲି ଡିଏଭି କଳିଙ୍ଗନଗରଠାରେ ବିଶ୍ୱ ମାତୃଭାଷା ଦିବସ ପାଳିତ ଅବସରରେ ମତପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ଉତ୍ସବରେ ଅଧ୍ୟକ୍ଷତା କରି ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିପିନ କୁମାର ସାହୁ ବିଶ୍ୱ ମାତୃଭାଷାର ସୁରକ୍ଷା ଓ ସମୃଦ୍ଧି କରିବା ସହ ଏହାର ପ୍ରଚାର ଓ ପ୍ରସାର ଉପରେ ମଧ୍ୟ ଧ୍ୟାନ ଦେବା ପାଇଁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମାତୃଭାଷା ପ୍ରୀତି ଉଦ୍ରେକ କରିବା ପାଇଁ କବିତା ଆବୃତ୍ତି, ସମ୍ବାଦ ପାଠ, ସ୍ଲୋଗାନ ଲିଖନ ପ୍ରତିଯୋଗିତା ଓ ସାହିତ୍ୟିକଙ୍କ କୃତି ଓ କୃତିତ୍ୱ ଉପରେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟର ଓଡ଼ିଆ ବିଭାଗ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଓଡ଼ିଆ ଭାଷାରେ "ଆମରି ମା ଓଡ଼ିଶା.... ଓଡ଼ିଆ ଆମ ଭାଷା" ସଂଗୀତ ପରିବେଷଣ ସହ ମାତୃଭାଷା ଦିବସ ପାଳନର ଆଭିମୁଖ୍ୟ ଅଭିଭାଷଣରେ ବ୍ୟକ୍ତ କରାଯାଇଥିଲା।




Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**